# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୬୩
୨୦ ଅକ୍ଟୋବର, ୨୦୨୫ ସୋମବାର
କେନ୍ଦ୍ରାପଡ଼ା

Pages-8
Price ₹ 5.00
Vol. 17, Issue No. : 163
20th October, 2025 Monday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


ଶରଣାଗତଦିନାର୍ତ୍ତ ପରିତ୍ରାଣ ପରାୟଣେ ।
ସର୍ବସ୍ୟାର୍ତ୍ତି ହରେ ଦେବୀ ନାରାୟଣୀ ନମୋସ୍ତୁତେ ॥

**ଉପାନ୍ତ**

## ... ବାଜିଗଲେ ଦୋଷ ନାହିଁ

## ଗାନ୍ଧୀ ବଞ୍ଚିଥିଲେ କ'ଣ କରିଥାନ୍ତେ?

**ବିଜ୍ଞପ୍ତି**

ଆଲୋକର ପର୍ବ ଦୀପାବଳି ଅବସରରେ 'ଓଡ଼ିଶା ଏକ୍ସପ୍ରେସ୍' କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୨ ତାରିଖ ବୁଧବାର ପ୍ରକାଶ ପାଇବ ।

-ପ୍ରକାଶକ

# ଖାତାକୁ ଗଲା ଅନ୍ତ୍ୟୋଦୟ ପ୍ରଥମ କିସ୍ତି

**ଭୁବନେଶ୍ୱର,୧୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗ୍ରାମାଞ୍ଚଳରେ ସୁଶାସନକୁ ଆହୁରି ଦକ୍ଷ ଓ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ନୂଆପଡା ଓ କଳାହାଣ୍ଡି ଜିଲ୍ଲା ବ୍ୟତୀତ ରାଜ୍ୟର ୨୮ଟି ଜିଲ୍ଲାରେ ୪୭୧ଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହିତ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ




୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗରିବ ଲୋକଙ୍କ ବାସଗୃହ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖରେ ଆମ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ୫ ଲକ୍ଷ ଘର ନିର୍ମାଣ କରାଯିବ। ନୂଆପଡା, କଳାହାଣ୍ଡି ଜିଲ୍ଲାକୁ ଛାଡି ବାକି ୨୮ଟି ଜିଲ୍ଲାର ୪୮ ହଜାର ୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟନ କରାଯାଇଛି। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ, ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ, ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ। *(ଶେଷ ପୃଷ୍ଠା ଦେଖନ୍ତୁ)*

# ଝିଅକୁ ଅସଦାଚରଣ କରିବାରୁ ଯୁବକକୁ ପିଟିପିଟି ହତ୍ୟା କଲା ବାପା

**ଢେଙ୍କାନାଳ,୧୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଯୁବତୀଙ୍କୁ ଅସଦାଚରଣ କରି ଯୁବକଙ୍କ ଜୀବନ ଯାଇଛି। ଅସଦାଚରଣ କରିଥିବା ଯୁବକଙ୍କୁ ପିଟି ପିଟି ହତ୍ୟା କରିଛି ଯୁବତୀର ବାପା। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧୀନ ଆଖୁଆପାଳ ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ଯୁବକ ଦଦରା ଘାଟି ୧ନଂ କଲୋନୀର କରୁଣାକର ବେହେରା। ଘଟଣାଟି ଶନିବାର ଘଟିଥିଲେ ମଧ୍ୟ ଯୁବତୀଙ୍କ ବାପା ରବିବାର ଦଦରା ଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିବା ପରେ ଘଟଣା ସାମ୍ନାକୁ ଆସିଛି।

ସୂଚନାଯୋଗ୍ୟ, ଶନିବାର ଘରପାଖ ନାଳକୁ ଯୁବତୀ ଜଣକ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ଯୁବକ ଜଣଙ୍କ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଏଥିରେ ରାଗିଯାଇ ଯୁବକଙ୍କୁ ପିଟି ପିଟି ହତ୍ୟା କରିଥିଲା ଯୁବତୀଙ୍କ ବାପା। ହତ୍ୟା ପରେ ଗ୍ରାମ ନିକଟରେ ଥିବା ନାଳରେ ମୃତଦେହ ପକାଇ ଦେଇଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୋହନ ପଶି ନିକଟସ୍ଥ ନାଳରୁ ମୃତଦେହକୁ ଉଦ୍ଧାର କରିଛି। ପରଜଙ୍ଗ ପୁଲିସ ଘଟଣାର ତଦନ୍ତ କରୁଛି। ତେବେ ପୁଲିସର ପ୍ରାଥମିକ ତଦନ୍ତରୁ ଯୁବତୀଙ୍କ ପରିବାର ଓ ଗ୍ରାମବାସୀ ଅଭିଯୁକ୍ତକୁ ପିଟି ପିଟି ମାରିଦେଇଥିବା ଜଣାପଡିଛି।

# ଭିଜିଲାନ୍ସରେ ଧରାଇ ଦେବାକୁ ଡିଇଓଙ୍କୁ ପିଅନର ଧମକ

**କେନ୍ଦ୍ରାପଡ଼ା,୧୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ଶ୍ୟାମସୁନ୍ଦରପୁର ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ପିଅନ ସନ୍ତୋଷ କୁମାର କୁଣ୍ଡୁ ଭିଜିଲାନ୍ସରେ ଧରାଇ ଦେବାକୁ ଧମକ ଦେଇଛନ୍ତି। କେବଳ ପିଅନ ନୁହଁନ୍ତି ପିଅନଙ୍କ ପତ୍ନୀ ମଧ୍ୟ ବାରମ୍ବାର ଫୋନକରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଭିନ୍ନ ଧମକଚମକ ଦେଉଥିବା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ କହିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି ପିଅନ ଜଣକ ପୂର୍ବରୁ କେନ୍ଦ୍ରାପଡ଼ା ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ କାର୍ଯ୍ୟରେ ଅବହେଳା କରିବା ଓ ବିଶୃଙ୍ଖଳିତ ଆଚରଣ କରିବା ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ନିଲମ୍ବନ ହଟିବା ପରେ ତାଙ୍କୁ ମହାକାଳପଡ଼ା ବଦଳି କରାଯାଇଥିଲା। ଏହାପରେ ସେ ଶ୍ୟାମସୁନ୍ଦରପୁର ଉଚ୍ଚବିଦ୍ୟାଳୟକୁ ବଦଳି ହୋଇ ଆସିଥିଲେ। ତାଙ୍କ ବିରୋଧରେ ଏବେ ବିଭାଗୀୟ ତଦନ୍ତ ଚାଲିଛି। ବିଭାଗୀୟ ତଦନ୍ତ ନ କରି ତାଙ୍କୁ କ୍ଲିନ ଚିଟ ଦେବ ପାଇଁ ସେ ଦାବି କରୁଛନ୍ତି। ଏଥିରେ ମୁଁ ରାଜି ନ ହେବାରୁ ମୋତେ ଭିଜିଲାନ୍ସରେ ଧରାଇ ଦେବାର ଧମକ ଦେଉଥିବା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ କହିଛନ୍ତି। ପୂର୍ବରୁ ଦୁଇଜଣ ଶିକ୍ଷା ବିଭାଗର ଅଧିକାରୀଙ୍କୁ ଏହି ପିଅନ ଜଣଙ୍କ ଭିଜିଲାନ୍ସରେ ଧରାଇ ଦେଇଥିଲେ। ଏହି ସାହାସରେ ସେ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କୁ ଧମକ ଦେଉଛନ୍ତି। କେତେକ ଅଧିକାରୀଙ୍କୁ ଭିଜିଲାନ୍ସର ଧମକ ଦେଇ ବ୍ଲାକମେଲିଙ୍ଗ କରି ବହୁ ଅର୍ଥ ଆଦାୟ କରୁଥିବା ଭଳି ସଂଗୀନ ଅଭିଯୋଗ ତାଙ୍କ ବିରୋଧରେ ରହିଛି। ଏଭଳି ଘଟଣାକୁ ନେଇ ସାରା ଜିଲ୍ଲାରେ ହଟଚମଟ ସୃଷ୍ଟି ହୋଇଛି।

# ମୁସଲମାନଙ୍କୁ 'ନମକ ହରାମ' କହି ଫସିଗଲେ ଗିରିରାଜ !

**ନୂଆଦିଲ୍ଲୀ,୧୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରମନ୍ତ୍ରୀ ଏବଂ ଭାଜପାର ଫାୟାରବ୍ରାଣ୍ଡ ନେତା ଗିରିରାଜ ସିଂହ ତାଙ୍କର ସ୍ପଷ୍ଟବାଦୀ ଶୈଳୀ ପାଇଁ ଜଣାଶୁଣା। ତାଙ୍କର ବକ୍ତବ୍ୟ ପ୍ରାୟତଃ ଗଣମାଧ୍ୟମର ଶିରୋନାମା ହୋଇଥାଏ। ଏଥର ସେ ମୁସଲମାନମାନଙ୍କ ସମ୍ପର୍କରେ ଏକ ବିବାଦୀୟ ବୟାନ ଦେଇଛନ୍ତି। ବିହାରର ଆରୱାଲରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ମୁସଲମାନମାନଙ୍କୁ 'ନମକ ହରାମ' ବୋଲି କହିଛନ୍ତି।

ଗିରିରାଜ ସିଂହ କହିଛନ୍ତି ଯେ ମୁସଲମାନମାନେ ଆୟୁଷ୍ମାନ ଯୋଜନାର ଅନୁଗ୍ରହକୁ ସ୍ୱୀକାର କରନ୍ତି ନାହିଁ। ଭାଜପା ନେତା କହିଛନ୍ତି ଯେ ମୋଦି ସରକାର ସମାଜର ପ୍ରତ୍ୟେକ ବର୍ଗ ପାଇଁ କାମ କରେ, କିନ୍ତୁ ମୁସଲମାନମାନେ ଭାଜପାକୁ ଭୋଟ ଦିଅନ୍ତି ନାହିଁ।

ଜଣେ ଧର୍ମଗୁରୁଙ୍କ ସହ ଆଲୋଚନା ସମ୍ପର୍କରେ ଉଲ୍ଲେଖ କରି ଗିରିରାଜ ସିଂହ କହିଛନ୍ତି, 'ମୁଁ ତାଙ୍କୁ ପଚାରିଲି ଯେ ସେ ଆୟୁଷ୍ମାନ କାର୍ଡ ପାଇଛନ୍ତି କି ନାହିଁ, ଏବଂ ସେ ହଁ କହିଥିଲେ। ମୁଁ ପଚାରିଲି ଯେ ହିନ୍ଦୁ-ମୁସଲିମ ସମସ୍ୟା ଅଛି କି ନାହିଁ, ଏବଂ ସେ ନା କହିଥିଲେ। ମୁଁ କହିଲି ଯେ ଏହା ବହୁତ ଭଲ। ତା'ପରେ ମୁଁ ପଚାରିଲି *(ଶେଷ ପୃଷ୍ଠା ଦେଖନ୍ତୁ)*






## ରାଜଧାନୀରେ ସେକ୍ସ ରାକେଟ୍ ଠାବ ଘଟଣା

# ୪ ଅଭିଯୁକ୍ତ କୋର୍ଟ ଚାଲାଣ

**ଭୁବନେଶ୍ୱର,୧୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀରେ ସେକ୍ସ ରାକେଟ୍ ଠାବ ହେବା ଘଟଣାରେ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଘର ମାଲିକ ସଞ୍ଜୀବ କୁମାର ଦାସ ଓରଫ ବାପି (୫୪), ମଞ୍ଚେଶ୍ୱର ପାଲାମଣ୍ଡପ ନିକଟ ଜିତୁ ହାଉସ୍ ପରିଡା କଲୋନି ଅଞ୍ଚଳରେ ରହୁଥିବା ପୁରୀ ଜିଲ୍ଲା ବଳଙ୍ଗାର ମଞ୍ଜୁ ସେଠୀ(୪୭), ବରମୁଣ୍ଡା କାଳୀମନ୍ଦିର ଅଞ୍ଚଳରେ ରହୁଥିବା କଟକ ଜିଲ୍ଲା ବାଙ୍କୀର ମମତା ସାହୁ(୪୨), ନୟାଗଡ ବସନ୍ତପୁର ଅଞ୍ଚଳର ଅବିନାଶ ମୁଦୁଲି (୨୮)। ଅବିନାଶ, ମାଲିକ ସଞ୍ଜୀବର ସହଯୋଗୀ ଭାବେ କାମ କରୁଥିବା ବେଳେ ମମତା ଓ ମଞ୍ଜୁ ଦେହଜୀବୀମାନଙ୍କ ପରିଚାଳନାରେ ନିୟୋଜିତ ଥିଲେ। ଏହି ଘଟଣାରେ ଇଣ୍ଟରଷ୍ଟେଟ୍ ଲିଙ୍କ ଯାଞ୍ଚ କରୁଛି ପୋଲିସ। ରବିବାର ସଂପୃକ୍ତ ବିଲଡିଂରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘରର ସବୁ ଥାକ, ଖଟ ଆଉ ଆଲମାରୀ ଯାଞ୍ଚ କରିଛି। ଏଠାରୁ ବହୁ ଆପତ୍ତିଜନକ ସାମଗ୍ରୀ ମିଳିଛି, କିଛି ସାମ୍ପଲ ସଂଗ୍ରହ କରିଛି ଟିମ୍। ସେହିପରି କିଛି ରକ୍ତନମୁନା ମଧ୍ୟ ମିଳିଛି। ଏଠାରୁ କିଛି ଝାଡ଼ଖଣ୍ଡର ଯୁବତୀଙ୍କୁ ଉଦ୍ଧାର କରାଯାଇଥିଲା। ଅଭିଯୋଗ ହେଉଛି ଯେ ଏଠାରେ ଏକ ରାକେଟ ଚଳାଉଥିଲା ମଞ୍ଜୁ ସେଠୀ। କିଙ୍ଗପିନ୍‌କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ଦୁଇଟି ଟିମ୍ ଯାଇଛନ୍ତି।

ସ୍ଥାନୀୟ ଲୋକେ ବହୁ ପୂର୍ବରୁ ଅଭିଯୋଗ କରିଆସୁଥିଲେ। ଏହି ଘରକୁ ପ୍ରତ୍ୟେକ ଦିନ ଦାମୀ ଗାଡ଼ି ଆସୁଥିଲା ଓ ରହସ୍ୟମୟ ଲୋକଙ୍କର ଆତଯାତ ରହୁଥିଲା। ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଲୋକଙ୍କୁ ଧମକ ଚମକ ଦେଇ ରଖିଥିଲେ ଘର ମାଲିକ। ଏହି ଘରକୁ ପୂରା ସିଲ୍ କରିବାକୁ ଲୋକେ ଦାବି କରିଛନ୍ତି।

ସେହିପରି ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ମଧ୍ୟ ଲକ୍ଷ୍ମୀସାଗରରେ ପହଞ୍ଚି ସେହି ଘରର ଅନୁଧ୍ୟାନ କରିଛନ୍ତି। ଘଟଣାରେ ଆଉ ଜଣେ ପାର୍ଟନର ବାରିକବାବୁ ଆଉ ମଞ୍ଜୁ ସେଠୀଙ୍କ ଜ୍ୱାଇଁ ଫେରାର ଅଛନ୍ତି। କିଏ ସେ ବାରିକ ବାବୁ, ଯିଏ ବିଭିନ୍ନ ରାଜ୍ୟରୁ ଝିଅଙ୍କୁ ଆଣି ଏଠାରେ ଅନୈତିକ କାର୍ଯ୍ୟରେ ଲଗାଉଥିଲା ? ରାଜଧାନୀରେ ବଡ଼ ବଡ଼ିଆଙ୍କୁ ଟ୍ରାପ କରିବା ପାଇଁ ଏହି ମହୁମାଛିଙ୍କୁ ବ୍ୟବହାର କରାଯାଉଥିବା ସନ୍ଦେହ ହେଉଛି। ଏହି ରାକେଟରେ ବାଂଲାଦେଶୀ ସଂପୃକ୍ତ ଥିବା ମଧ୍ୟ ସନ୍ଦେହ କରାଯାଉଛି।

ଏହି ଗଣଦୁଷ୍କର୍ମ ମାମଲାରେ ଆଉ ଜଣେ ମହିଳାଙ୍କ ଚେହେରା ପଦାକୁ ଆସିଛି। ଲକ୍ଷ୍ମୀସାଗର ଅଞ୍ଚଳର ଯେଉଁ ଘରେ ସେକ୍ସ ରାକେଟ ଚାଲିଥିଲା, ସେହି ଘରୁ ହଠାତ *(ଶେଷ ପୃଷ୍ଠା ଦେଖନ୍ତୁ)*






## ଟିକସ ଫାଙ୍କି ଓ ମୁନାଫା ବୃଦ୍ଧି ପାଇଁ ମଦବେପାରୀଙ୍କ ଅଭିନବ ପ୍ରୟାସ

# ସରକାରୀ ଦୋକାନକୁ ଢାଲ କରି ଚାଳାଇଛନ୍ତି କାରବାର

**କେନ୍ଦ୍ରାପଡ଼ା,୧୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ସହର ବଜାର ଠାରୁ ଗାଁ ଗହଳ ଯାଏ ସବୁଆଡ଼େ ଚୋରା ମଦର ବନ୍ୟା ଛୁଟୁଛି। ଏହାର ପ୍ରଭାବରେ ସାଧାରଣ ପାରିବାରିକ ଓ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ପୋଲିସ ହୁଅନ୍ତୁ କି ଅବକାରୀ ବିଭାଗ ଅଧିକାରୀ ହୁଅନ୍ତୁ ବିଭିନ୍ନ ସମୟରେ କିଛିକିଛି ଚୋରା ବେପାରୀଙ୍କୁ ବି ଗିରଫ କରୁଛନ୍ତି। ହେଲେ ନା ଅଭିଯୋଗ ବନ୍ଦ ହୋଇପାରିଛି ନା ଚୋରା ମଦବେପାର ବନ୍ଦ ହୋଇପାରିଛି ! ତେବେ ଏହି ଚୋରାମଦର କାରବାରର ପ୍ରସାର କି'ଏ କରୁଛି ? ଅବକାରୀ ବିଭାଗ ହୁଅନ୍ତୁ ବା ପୋଲିସ ହୁଅନ୍ତୁ ମଝିରେ ମଝିରେ ଯେଉଁ କିଛି ଚୋରା ମଦ ବେପାରୀଙ୍କୁ ଗିରଫ କରି ବାହାବା ନେଉଛି ପ୍ରକୃତରେ ସେହିମାନେ କ'ଣ ଏଥିପାଇଁ ଦାୟୀ? ସାଧାରଣରେ ଏହି ପ୍ରଶ୍ନ ଆନ୍ଦୋଳିତ ହେବାରେ ଲାଗିଛି। ଶିକ୍ଷାବିତ୍ ରଂଜନ କୁମାର ମହାନ୍ତି, ସାମାଜିକ କର୍ମୀ ମାନସ ଦାସ, ଅଶୋକ କୁମାର ରାଉତ ପ୍ରମୁଖ ନିଜ ନିଜର ପ୍ରତିକ୍ରିୟାରେ କହିଛନ୍ତି, ବିଭିନ୍ନ ଦ୍ରବ୍ୟର ବ୍ୟବସାୟ ବୃଦ୍ଧିପାଇଲେ ଉତ୍ପାଦକ ଓ ବ୍ୟବସାୟିକସଂସ୍ଥା ଅଧିକ ଲାଭବାନ ହେବା ସ୍ୱାଭାବିକ କଥା। ସେଥିପାଇଁ ବ୍ୟବସାୟିକ ସଂସ୍ଥାମାନେ ସବୁ ଅଂଚଳରେ ନିଜ ନିଜର ସାମଗ୍ରୀକୁ ପହଂଚାଇବା ସହ ବ୍ୟବସାୟ ବୃଦ୍ଧି ପାଇଁ ହୋଲସେଲର,ସବ୍ ହୋଲସେଲର ଓ ରିଟେଲର ନିଯୁକ୍ତ କରିଥାନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ବିଭିନ୍ନ ସଂସ୍ଥା ଅନୁରୂପ ଉଦ୍ୟମ କରିଛନ୍ତି। କିନ୍ତୁ ବିଭିନ୍ନ ଆବଶ୍ୟକ ସାମଗ୍ରୀର ପ୍ରସାର ପାଇଁ ଏହି ଜିଲ୍ଲାରେ କରାଯାଇଥିବା ସବୁ ପ୍ରୟାସକୁ ଟପିଯାଇଛି ମଦର ପ୍ରସାର ନିମନ୍ତେ କରାଯାଇଥିବା ଉଦ୍ୟମ। ଏମିତି କୌଣସି ଗାଁ, ପଡ଼ାଗାଁ ଓ ଏପରିକି ସହରାଂଚଳର ୱାର୍ଡ଼ ନାହିଁ ଯେଉଁଠି ମଦ ବିକ୍ରି ହେଉନି। ମଦ ବ୍ୟବସାୟ ସଂପୂର୍ଣ୍ଣ ସରକାରଙ୍କ ନିୟନ୍ତ୍ରଣରେ ରହିଛି। ମଦ ବ୍ୟବସାୟ ପାଇଁ ଟେଣ୍ଡର ଓ ଲଟେରୀ ମାଧ୍ୟରେ ସରକାର ନିର୍ଦ୍ଦିଷ୍ଟ ରିଟେଲରଙ୍କୁ ନିଯୁକ୍ତି ଦେଇଥାନ୍ତି। ଯେଉଁମାନେ କେବଳ ନିଜ ରିଟେଲସପ୍‌ରେ ମଦ ବିକ୍ରି କରିବାକୁ ଲାଇସେନ୍ସ ପାଇଥାନ୍ତି। କିନ୍ତୁ ପ୍ରକୃତ ପକ୍ଷେ ଜିଲ୍ଲାରେ ବହୁ ମଦଦୋକାନ ଲାଇସେନ୍ସଧାରୀମାନେ ନିଜ ନିଜର ରିଟେଲସପ ତଥା କାଉଣ୍ଟରରେ ଯେତିକି ମଦ ବିକ୍ରି କରନ୍ତି ତା'ର ବହୁ ଗୁଣା ମଦ କାଉଣ୍ଟର ବାହାରେ ବିକ୍ରି କରନ୍ତି। ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନକୁ କେବଳ ଢାଲ କରି ସଂପୃକ୍ତ ମୁନାଫାଖୋର ମଦବେପାରୀମାନେ ଚୋରାରେ ବହୁ ପରିମାଣରେ ମଦ ଉଠାନ୍ତି। ଯାହାର କୌଣସି ହିସାବ ନଥାଏ। ଆଉ ଏହି ମଦକୁ ସେମାନେ ନିଜର ଗୋଦାମରୁ ସିଧା ସଳଖ ବିଭିନ୍ନ ଅଦୃଶ୍ୟ ଏଜେଣ୍ଟଙ୍କ ଜରିଆରେ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନ ଠାରୁ ଦୂରରେ ଥିବା ବିଭିନ୍ନ ଗାଁ ଗହଳି ଓ ସହରାଂଚଳର ଗଳି କନ୍ଦିକୁ ପଠାଇ ବିକ୍ରି କରାଇଥାନ୍ତି। ଆଜିକାଲି *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୦ ଅକ୍ଟୋବର ୨୦୨୫ । ସୋମବାର




## ବିପୁଳ ପରିମାଣର ପୋଚ ଓ ରନ୍ଧା ମଦ ଜବତ



**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ଦୀପାବଳୀ ବଜାରରେ ଦେଶୀ ମଦ ବ୍ୟବସାୟ କରିବା ପାଇଁ ଚୋରା ମଦ ବେପାରୀମାନେ ଚଳାଇଥିବା ତାଙ୍କର ମଦ ରନ୍ଧା କାର୍ଯ୍ୟକୁ ବେତନଟୀ ଅବକାରୀ ବିଭାଗ ପାଣି ଫୋଟକା ସଜେଇ ଦେଇଛନ୍ତି । ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶରେ ଉଦଳାର ଅବକାରୀ ମୋବାଇଲ ଇନିସପେକଟର ସଞ୍ଜୟ କୁମାର କାଣ୍ଡି, ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ କୁମାର ବେହେରା ଓ ମୋବାଇଲ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୧୭୮୦୦ କେଜି ପୋଚ ଏବଂ ୧୬୮୦ ଲିଟର ରନ୍ଧା ମଦ ଜବତ କରିଥିବା ଜଣାଯାଇଛି । ଏହି ଅବକାରୀ ଥାନା ଅନ୍ତର୍ଗତ ଯଦୁନାଥପୁର, ଅସ୍ତଝରଣ, ରାଉତରାପୁର ଓ ମଧୁପୁରା ଅଞ୍ଚଳରୁ ଏହି ପୋଚ ଓ ରନ୍ଧା ମଦ ଜବତ କରାଯାଇଥିଲେ ମଧ୍ୟ ଅଭିଯୁକ୍ତମାନେ କୌଶଳ କ୍ରମେ ଖସି ଯାଇଥିବା ଅବକାରୀ ଅଧିକାରୀ ପ୍ରକାଶ କରିଥିଲେ ।

## 'ମାଓବାଦୀ ଧରାନ୍ତୁ, ପୁରସ୍କାର ପାଆନ୍ତୁ' ଅଭିଯାନ




**କଲ୍ୟାଣସିଂହପୁର/ରାୟଗଡ଼ା ଏକ୍ସପ୍ରେସ ନ୍ୟୁଜ୍**

ନିୟମଗିରି ପାହାଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ 'ମାଓବାଦୀ ଧରାନ୍ତୁ, ପୁରସ୍କାର ପାଆନ୍ତୁ' ଅଭିଯାନ ଆରମ୍ଭ ହୋଇଛି । ନିୟମଗିରି ପାହାଡର ଏଥିପାଇଁ ବିଭିନ୍ନ ଗାଁମାନଙ୍କରେ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି ।

ଗତ କିଛି ବର୍ଷ ଧରି ନିୟମଗିରି ପାହାଡରେ ମାଓବାଦୀ ଚଳପ୍ରଚଳ ନେଇ ଚିନ୍ତା ଲାଗିଛି । ଏହାପରେ ପୁଲିସ ଦ୍ୱାରା 'ମାଓବାଦୀ ଧରାନ୍ତୁ, ପୁରସ୍କାର ପାଆନ୍ତୁ' ଅଭିଯାନ ଆରମ୍ଭ କରାଯାଇଛି । ଜିଲ୍ଲା ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଯେକୌଣସି ସାଧାରଣ ନାଗରିକ ଯଦି ମାଓବାଦୀମାନଙ୍କ ଚଳପ୍ରଚଳ ଓ ଆଶ୍ରୟ ସମ୍ବନ୍ଧରେ ନିଶ୍ଚିତ ସୂଚନା ଦେଇ ପୁଲିସକୁ ସହଯୋଗ କରିବେ, ସେମାନଙ୍କୁ ଗୋପନୀୟ ଭାବରେ ଆର୍ଥିକ ପୁରସ୍କାର ଦିଆଯିବ । ପୁଲିସ ପକ୍ଷରୁ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଅଞ୍ଚଳରେ ଶାନ୍ତି ସ୍ଥାପନ ଓ ଯୁବକ ଗୋଷ୍ଠୀଙ୍କୁ ମାଓବାଦୀ ଚିନ୍ତାଧାରାରୁ ଦୂରେଇ ରଖିବା । ଗାଁ ଲୋକଙ୍କୁ ମଧ୍ୟ ସଚେତନ ରହିବାକୁ ଓ ଅପରିଚିତ ବ୍ୟକ୍ତି ଦେଖିଲେ ତୁରନ୍ତ ପୁଲିସକୁ ଜଣାଇବା ପାଇଁ ଅନୁରୋଧ ଜାରି କରାଯାଇଛି । ଏନେଇ ପୋଷ୍ଟର ମଧ୍ୟ ଲଗାଯାଇଛି । ପୋଷ୍ଟରରେ ଚାରି ଜଣ ମାଓବାଦୀଙ୍କ ଫଟୋ ଜାରି ହୋଇଛି । ନିୟମଗିରି ପାହାଡର ବିଭିନ୍ନ ଗାଁମାନଙ୍କରେ ଏହି ପୋଷ୍ଟର ଲାଗିଥିବା ପରିଲକ୍ଷିତ ହୋଇଛି ।

## ମା ଦକ୍ଷିଣ କାଳୀଙ୍କ ମସ୍ତକ ସଂଯୋଗ



**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**

କାର୍ତ୍ତିକ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ସତ୍ୟବାଦୀ ଥାନା ଅନ୍ତର୍ଗତ ବୀର ଗୋବିନ୍ଦପୁର, ସ୍ଥିତ, ପ୍ରସିଦ୍ଧ ତନ୍ତ୍ରପୀଠ ମା'ଦକ୍ଷିଣ କାଳୀଙ୍କ ପୀଠରେ ପବିତ୍ର କାଳୀପୂଜା ଅନୁଷ୍ଠିତ ହେବ । ବର୍ଷସାରା ଏହି ପୀଠରେ ମା'ଦକ୍ଷିଣ କାଳୀଙ୍କ ପଟ୍ଟ ପୂଜା ହୋଇଥାଏ । ବର୍ଷକରେ ଏହି ପବିତ୍ର କାଳିପୂଜା ଅବସରରେ ମା'ଙ୍କ ପୀଠରେ ମା'ଦକ୍ଷିଣ କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଅନୁଷ୍ଠିତ ହୁଏ । କାର୍ତ୍ତିକ ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥି ଅବସରରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ କାଳୀକା ପଡିଆରେ ମାଟି ଅନୁକୂଳ ହୋଇଥିଲା । ରବିବାର ଅପରାହ୍ନରେ ମା' ଓ ମହାଦେବଙ୍କ ମୂର୍ତ୍ତିରେ ମସ୍ତକ ସଂଯୋଗ ହୋଇଥିଲା । ରାତ୍ର ସମୟରେ ମାଟି ନିର୍ମିତ ଅଳଙ୍କାର ଲାଗି ହୋଇଥିଲା । ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା ଏବଂ ରାତ୍ରରେ ବଡ଼ସିଂହାର ବେଶ ଅନୁଷ୍ଠିତ ହେବ ବୋଲି କୋଠ ସଭାପତି ଆଦିତ୍ୟ ପ୍ରସାଦ ନନ୍ଦ, ଉପ ସଭାପତି ପ୍ରଦିପ୍ତ କୁମାର ନନ୍ଦ, ସମ୍ପାଦକ ଅଭିନାଶ ଆଚାର୍ଯ୍ୟ, ସହ ସଂପାଦକ ଦେବ ପ୍ରସାଦ ନନ୍ଦ, ମନ୍ଦିର ପୂଜକ କାଶୀନାଥ ମିଶ୍ରଙ୍କ ଠାରୁ ସୂଚନା ମିଳିଛି ।

## ବାଣ ବଜାରରେ ଲାଗିଛି ଭିଡ଼, ଜମୁଛି ବେପାର



**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଆଲୋକର ପର୍ବ ଦୀପାବଳି ପାଇଁ ବୁଗୁଡ଼ାରେ ଖୋଲିଛି ସ୍ୱତନ୍ତ୍ର ବାଣ ବଜାର । ସ୍ଥାନୀୟ ଶକ୍ତିନଗରସ୍ଥିତ ଏକ ବିଲମାଳରେ ଗତ ଶନିବାରଠାରୁ ବାଣ ବିକ୍ରି ଆରମ୍ଭ ହୋଇଛି । ବାଣ ବ୍ୟବସାୟୀମାନେ ବିଭିନ୍ନ ପ୍ରକାରର ବାଣ ଦୋକାନରେ ବିକ୍ରି କରୁଛନ୍ତି । ବାଣ କିଣିବା ପାଇଁ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ତେବେ ସବୁଜ ବାଣ ଲୋଗ ଥିବା ବିଭିନ୍ନ କମ୍ପାନୀର ବାଣ ଦୋକାନରୁ ମିଳୁଛି । ଅଧିକ ଶବ୍ଦ ହେଉନଥିବା ବାଣ ବିକ୍ରିକୁ ବ୍ୟବସାୟୀ ଗୁରୁତ୍ୱ ଦେଇଛନ୍ତି । ଛୋଟ ଛୁଆଙ୍କ ଠାରୁ ବଡ ଲୋକ ଫୁଟାଉଥିବା ବାଣ ଓ ଆଲୁଅ ସୃଷ୍ଟିକାରୀ ବିଭିନ୍ନ ବାଣ ବିକ୍ରି ହେଉଛି । ବିଶେଷକରି ନଲବଣ୍ଟା, ତିଗିରିଆ, କଳାପଥର, ରାଇପୁର ଓ ଶିବକାଶୀରୁ ଆସିଥିବା ବାଣର ଚାହିଦା ଅଧିକ ରହୁଥିବା ବେଳେ ଅପରାହ୍ନରୁ ରାତ୍ରୀ ପର୍ଯ୍ୟନ୍ତ ବାଣ ଦୋକାନରେ ଭିଡ ରହୁଛି । କୌଣସି ଅଘଟଣ ଘଟିବା ଆଶଙ୍କାରେ ବାଣ ଷ୍ଟଲ ନିକଟରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି । ଚଳିତ ବର୍ଷ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି ।

## ମାନସିକବିକଳାଙ୍ଗ ଯୁବକ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ



**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟସରକାର ଭତ୍ତାରେ ସୁଧାର ଆଣିବାପାଇଁ ୮୦ବର୍ଷୀୟ ବୃଦ୍ଧବୃଦ୍ଧା ଓ ୮୦ପ୍ରତିଶତ ଶାରୀରିକ ଅକ୍ଷମମାନଙ୍କୁ ୩୫୦୦ ଶହ ଟଙ୍କା ଭତ୍ତା ଯୋଜନା କରିଛନ୍ତି ମାତ୍ର ସଚେତନତା ଅଭାବ ଏବଂ ସରକାରୀ କଳର ଅବହେଳା ପାଇଁ ଏହା ସଠିକ ଭାବରେ କାର୍ଯ୍ୟକାରୀ ହୋଇପାରୁନି । ଖବରରୁ ପ୍ରକାଶ ହିନ୍ଦୋଳ ଏନଏସି ୱାର୍ଡ ନଂ୫ର ବାସିନ୍ଦା ରମେଶ ବେହେରାଙ୍କ ଯୁବକ ପୁତ୍ର କୁଶ ବେହେରା(୨୪) ଜନ୍ମରୁ ମାନସିକ ଭାବରେ ସମ୍ପୂର୍ଣ୍ଣ ବିକଳାଙ୍ଗ ଥିବାବେଳେ ନୂତନ ସରକାରୀ ନିୟମ ଅନୁଯାଇ ପ୍ରମାଣପତ୍ର ନବୀକରଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟରେ ଆବେଦନ କରିଥିଲେ ହେଁ ସମ୍ପୂର୍ଣ୍ଣ ମାନସିକ ବିକଳାଙ୍ଗ କୁଶଙ୍କୁ ଡାକ୍ତର ୭୫% ପ୍ରମାଣପତ୍ର ଦେଇଦେଲେ ଫଳରେ ସେ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେଲେ ସେପଟେ ୨୦୨୪ନଭେମ୍ବର ମାସରୁ ତାଙ୍କ ଭତ୍ତା ମଧ୍ୟ ପାଇପାରୁନାହାନ୍ତି । ରମେଶଙ୍କୁ ପୁନଃ ନବୀକରଣ ନିମନ୍ତେ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲେ ବି ଦିନମଜୁରିଆ ଗରିବ ରମେଶ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟକୁ ବାରମ୍ବାର ଧାଁ ଦୌଡ଼ କରିପାରୁ ନାହାନ୍ତି କିମ୍ବା ଜାଣି ପାରୁ ନାହାନ୍ତି । ତେବେ ଅନେକ କ୍ଷେତ୍ରରେ ଦେଖା ଯାଉଛି ସମ୍ପୂର୍ଣ୍ଣ ଶାରୀରିକ ବିକଳାଙ୍ଗମାନେ ସ୍ୱାସ୍ଥ୍ୟ ବିଭାଗର ଅବହେଳା ପାଇଁ ବର୍ଦ୍ଧିତ ଭତ୍ତା ପାଇପାରୁ ନଥିବା ସ୍ଥଳେ ୮୦%ରୁ କମ ଥିବା ବ୍ୟକ୍ତିମାନେ କଳେବଳେ କୌଶଳେ ବର୍ଦ୍ଧିତ ଭତ୍ତା ପାଉଛନ୍ତି । ତେବେ ସମ୍ପୂର୍ଣ୍ଣ ଶାରୀରିକ ବିକଳାଙ୍ଗ କୁଶ ବେହେରାଙ୍କୁ ୮୦% ପ୍ରତିଶତ ବର୍ଦ୍ଧିତ ଭତ୍ତା ଦେବାପାଇଁ ରାଜ୍ୟ ସରକାର ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନଙ୍କୁ ଅଞ୍ଚଳବାସି ଦାବି କରିଛନ୍ତି ।

## ୪୫ତମ ମୁକ୍ତମଞ୍ଚ ନାଟକ ଦ୍ୱିତୀୟ ଦିବସ



**ଅସ୍ତରଙ୍ଗ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରରେ ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ମା'ଲକ୍ଷ୍ମୀ କ୍ଲବ୍ ଆନୁକୂଲ୍ୟରେ ୪୫ତମ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି । ଦ୍ୱିତୀୟ ଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ମୁଖ୍ୟ ଉପଦେଷ୍ଟା ପ୍ରତାପ ପରିଡ଼ା ଯୋଗ ଦେଇଥିଲେ । ଅତିଥିମାନଙ୍କ ଦ୍ୱାରା ଓଡ଼ିଆ କର୍ମଜୀବି ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ସଭାପତି ତଥା ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ସଭାପତି ଶରତ ପରିଡ଼ାଙ୍କୁ ଉପଢୌକନ ଦେଇ ସଂମ୍ମାନିତ କରାଯାଇଥିଲା । କ୍ଲବ୍ ସଭାପତି ତରୁଣ ତପନ କୁମାର ସ୍ୱାଇଁ, ସମ୍ପାଦକ ପବିନ କାଣ୍ଡି, ସାଂସ୍କୃତିକ ସମ୍ପାଦକ ଦେବାଶିଷ ବାରିକ୍, ଉପଦେଷ୍ଟା ଚିତ୍ରସେନ ପ୍ରଧାନ, ହରିହର ମହାନ୍ତି ଓ ସମସ୍ତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍ ପକ୍ଷରୁ ସଂପୂର୍ଣ୍ଣ ସହଯୋଗ କରାଯିବ ବୋଲି ସଭାପତି ଶରତ ପରିଡ଼ା ପ୍ରତିଶୃତି ଦେଇଥିଲେ ।

## ଅନାସ୍ଥା ପ୍ରସ୍ତାବ ଅଭିଯୋଗକୁ ଖାରଜ ପାଇଁ ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ



**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ପଞ୍ଚାୟତର ସରପଞ୍ଚ ଜାନକୀ ଦାସଙ୍କ ନାମରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଅଭିଯୋଗକୁ ଖାରଜ କରିବା ଲାଗି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ହୁମ୍ମା ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ୫ୱାର୍ଡ ସଭ୍ୟ/ ସଭ୍ୟା । ଶୁକ୍ରବାର ପଞ୍ଚାୟତର ସରପଞ୍ଚଙ୍କ ମନମୁଖି କାର୍ଯ୍ୟରେ ଅତିଷ୍ଠ ହୋଇ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ନେଇ ନାଏବ ସତପଞ୍ଚଙ୍କ ସମେତ ୧୫ ୱାର୍ଡ ସଭ୍ୟ/ସଭ୍ୟାମାନେ ଛତ୍ରପୁର ଉପଜିଲ୍ଲାପାଳଙ୍କୁ ଭେଟିଥିଲେ । ଅନ୍ୟପଟେ ତେବେ ଏହାକୁ ରାଜନିତୀର ରୂପ ଦିଆଯାଇ ପଞ୍ଚାୟତର ଉନ୍ନତିକୁ ସହ୍ୟ ନ କରିପାରି ବିରୋଧିମାନେ ମିଥ୍ୟାରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଅଭିଯୋଗ ଆଗତ କରିଛନ୍ତି ବୋଲି ଶନିବାର ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥି ହାଁସଦାଙ୍କୁ ଭେଟି କହିଛନ୍ତି ହୁମ୍ମା ପଞ୍ଚାୟତର ଖୋଦ୍ ସରପଞ୍ଚ ଜାନକୀ ଦାସ ଓ ସମିତିସଭ୍ୟ ଧୃବଚରଣ ପଲାଇଙ୍କ ସହ ୫ଜଣ ୱାର୍ଡ ସଭ୍ୟ/ସଭ୍ୟା । ଏହା ସହ ଏହାର ତଦନ୍ତ କରି ବିରୋଧି ଆଗତ କରିଥିବା ଅନାସ୍ଥା ପ୍ରସ୍ତାବକୁ ଖାରଜ କରିବାକୁ ସେମାନେ ଅନୁରୋଧ କରିଥିଲେ ।

## ପୋଲିସ୍ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ଥାନା ପରିସରରେ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ସିଧା ପ୍ରସାରଣରେ ସାଇବର ସୁରକ୍ଷା ଅଭିଯାନର ସଚେତନତା କରାଇଥିଲେ । ଏହି ଅବସରରେ ନିଆଳି ଥାନାରେ ସାଇବର ସୁରକ୍ଷା ଅଭିଯାନର କାର୍ଯ୍ୟକ୍ରମ କରାଯାଇ କଲେଜ ଛାତ୍ର ଛାତ୍ରୀ, ସ୍ଥାନୀୟ ଅଞ୍ଚଳର ଯୁବକ, ବୁଦ୍ଧିଜୀବୀ, ବ୍ୟବସାଇଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ଉପସ୍ଥିତିରେ ସାଇବର ସୁରକ୍ଷା ସଚେତନତା ନିଆଳି ଥାନା ଆଇଆଇସି ଦିଲ୍ଲୀପ୍ କୁମାର କାଣ୍ଡି କରାଇଥିଲେ । କିଭଳି ସାଧାରଣ ଲୋକମାନେ ସାଇବର ଠକଙ୍କ ଶିକାର ନ ହେବେ, ସେ ନେଇ ଆଲୋଚନା କରିଥିଲେ । ନିଆଳି କଲେଜର ଅଧାପକ ହିରଣ୍ୟ ବିଦାରକ ମହାପାତ୍ର, ନିଆଳି ଥାନା ଏସ୍ଆଇ ପ୍ରଶାନ୍ତ ବେହେରା, ଅମ୍ବିକା ପ୍ରଧାନ, ଏଏସ୍ଆଇ ରାଜୀବ ଲୋଚନ ଦାସ, ରଂଜିତା ସିଂ, ବିଭୁତି ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

## ଗଡ଼ଜାତରେ ଅଭଦ୍ର ଭାଷା କହୁଥିବା ଜନ ପ୍ରତିନିଧି ହେଉଛନ୍ତି ନୀଳଗିରି ବିଧାୟକ: ଲେଖାଶ୍ରୀ



**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ଭାରତର ପ୍ରଥମ ଗଡ଼ଜାତ ରାଜ୍ୟ ଭାବେ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ନୀଳଗିରି ବେଶ ପରିଚିତ । ମାତ୍ର ସ୍ୱାଧୀନତା ପରେ ପ୍ରଥମ ଚୋରି ଦୁର୍ନୀତିଖୋର ଓ ନାରୀ ନିଜ ଦଳର କର୍ମୀଙ୍କ ପ୍ରତି ଅସମ୍ମାନ ଅଭଦ୍ରଭାଷା କହି ପବିତ୍ର ମାଟି ଓ ନୀଳଗିରିବାସୀଙ୍କୁ ରାଜ୍ୟ ତଥା ଦେଶରେ ବେଶ ନିନ୍ଦିତ କରିବାରେ କୌଣସି ହେଳା କରୁନାହାନ୍ତି ନୀଳଗିରିର ବିଧାୟକ ସନ୍ତୋଷ କୁମାର ଖଟୁଆ । ଏପରି ଏକ ସମ୍ବେଦନଶୀଳ ଓ ନାରୀଜାତିକୁ ସମ୍ମାନ ଜଣାଉ ନ ଥିବା ଅଭାଦ୍ର ବ୍ୟକ୍ତିକୁ ଶାନ୍ତସରଳ ନୀଳଗିରିବାସୀ କିପରି ଭାବେ ସହ୍ୟ କରୁଛନ୍ତି ତାହା ହେଉଛି ଚିନ୍ତାର ବିଷୟ । ଏପରି କହିଛନ୍ତି ନୀଳଗିରି ନିର୍ବାଚନମଣ୍ଡଳୀ ବିଜେଡ଼ି ଜନସମ୍ପର୍କ ପଦଯାତ୍ରାରେ ଅନୁଷ୍ଠିତ ସଭାରେ ବାଲେଶ୍ୱର ଜିଲ୍ଲାର ସାଂସଦ ପ୍ରାର୍ଥିନୀ ତଥା ବିଜୁ ଜନତା ଦଳର ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର । ବିଧାୟକ ନୀଳଗିରିରେ କେତେ ଦନ୍ତାହାତୀ ରହିଛନ୍ତି ସେମାନଙ୍କର ଦାନ୍ତ କେତେ ବଡ଼, ଆଦିବାସୀ ଓ ଜଙ୍ଗଲ ଜମିକୁ ବେନିୟମ ଭାବେ ଜବରଦଖଲ କରି ସେଠାରୁ ମୋରମ ଓ ଖଣିଜସମ୍ପଦ ଲୁଟ କରି ଉକ୍ତ ଅର୍ଥରେ ନିଜ ଦଳର ବଡ଼ବଡ଼ିଆଙ୍କୁ ଭେଟି ଦେଇ ନିଜର ପତିଆର ଦେଖାଉଛନ୍ତି । ବଣି ମାରି ଝିଣ୍ଟିକା ପୋଷୁଛନ୍ତି ନୀଳଗିରି ବିଧାୟକ ଶ୍ରୀଖଟୁଆ ଆଉ ଭକୁଆ ବନାଉଥିବା ନୀଳଗିରିବାସୀଙ୍କୁ । ଉକ୍ତ ସଭାରେ ବହୁ ଲୋକ ବିଧାୟକଙ୍କ ଦେଖାମିଳୁନାହିଁ ବୋଲି ପଚାରିବାରୁ ଶ୍ରୀମତୀ ସାମନ୍ତସିଂହାର ଏହାର ଉତ୍ତରରେ କହିଛନ୍ତି ନୀଳଗିରିରୁ ଚୋରୀ ଅର୍ଥ ଦେଇ ବଡବଡିଆଙ୍କ ସେବା କରିବାରୁ ସମୟ ମିଳିଲେ ନୀଳଗିରିବାସୀଙ୍କୁ ଦେଖାଦେବା ସହିତ ନୀଳଗିରିର ସମସ୍ୟା ସମ୍ପର୍କରେ ଅବଗତ ହେବେ । ଦେଖାଯାଏ ସେ ପର୍ଯ୍ୟନ୍ତ ଶାନ୍ତସରଳ ନୀଳଗିରି ଜନସାଧାରଣ ଧର୍ଯ୍ୟର ସହିତ ଅପେକ୍ଷା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହି ବୋଲି କହିଛନ୍ତି ଶ୍ରୀମତୀ ସାମନ୍ତସିଂହାର । ଅନ୍ୟ ପକ୍ଷରେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ବହୁ ଅଭିନୟ ସହିତ ସୁନାର ନୀଳଗିରି ଗଢିବେ ବୋଲି କହିଥିବା ବେଳେ ନୀଳଗିରି ଥିବା ଖଣିଜପଦାର୍ଥ ଚୋରାଚାଲାଣ କରି ସୌନ୍ଦର୍ଯ୍ୟଭରା ନୀଳଗିରିକୁ ପରିବେଶ ଓ ବିକାଶଧାରା ବହୁ ପଛକୁ ନେଇଯାଇଛନ୍ତି । ଏପରିକି ନିଜଦଳର କର୍ମୀ ଓ ସମର୍ଥକଙ୍କ ଆପ୍ରାଣ ଉଦ୍ୟମରେ ବିଧାୟକ ନିର୍ବାଚିତ କରିଥିବା କର୍ମୀମାନଙ୍କୁ ଅତି କଦର୍ଯ୍ୟ ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ବିଭିନ୍ନ ପ୍ରକାର ମୋବାଇଲରେ ଭାଇରାଲ ହେଉଛି ଯାହାକୁ ନେଇ ନିଜ ଦଳର କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

## ବାଣିଜ୍ୟ

## ଏକାଧିକ ସିମ୍ କାର୍ଡ ରଖିଥିଲେ ଗଣିବେ ୨ ଲକ୍ଷର ଦଣ୍ଡ



**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତରେ ଏକାଧିକ ସିମ କାର୍ଡ ରଖିବାକୁ ଅନୁମତି ଅଛି କି ନାହିଁ ସେ ବିଷୟରେ କେଉଁ କେଉଁ ନିୟମ ରହିଛି ଜାଣିଛନ୍ତି କି ? ଯଦି ଏ ନିୟମ ବିଷୟରେ ଜାଣିନାହାନ୍ତି, ତେବେ ଏଥିପାଇଁ ଆପଣଙ୍କୁ ଜୋରିମାନା ଦେବାକୁ ପଡ଼ିପାରେ । ସେ ପୁଣି ୫-୧୦ ହଜାର ନୁହଁ ପୁରା ୨ ଲକ୍ଷ ଟଙ୍କାର ଜରିମାନା । ଅନେକ ଏଭଳି ଲୋକ ଅଛନ୍ତି, ଯେଉଁମାନଙ୍କ ପାଖରେ ଏକାଧିକ ସିମ ରହିଛି । ଏପରିକି ଏକାଧିକ ଫୋନ ବି ରଖିଛନ୍ତି ଯେଉଁଥିରେ ଏକାଧିକ ସିମ ବ୍ୟବହାର କରୁଛନ୍ତି । କିନ୍ତୁ, ଭାରତରେ ଏନେଇ କ'ଣ କ'ଣ ନିୟମ ରହିଛି ଆସନ୍ତୁ ଜାଣିବା । ଯଦି ନିୟମ ଜାଣିନଥିବେ ତେବେ ଆଗକୁ ବୋଧହୁଏ ଏଥିପାଇଁ ଆପଣଙ୍କୁ ଦଣ୍ଡ ଗଣିବାକୁ ପଡ଼ିପାରେ । ଯଦି ଏଥିରୁ ବର୍ତ୍ତିବାକୁ ଚାହାନ୍ତି । ତେବେ ସିମ କାର୍ଡ ସୀମା କେତେ ଜାଣିନିଅନ୍ତୁ । ଟେଲିକମ ଆଇନ ଅନୁଯାୟୀ, ଜଣେ ନିଜ ପାଖରେ କେବଳ ୯ଟି ସିମ କାର୍ଡ ରଖିପାରିବେ । ଆପଣଙ୍କ ନାଁରେ ୯ଟିରୁ ଅଧିକ ସଂଖ୍ୟାର ସିମ କାର୍ଡ ଥିଲେ ଆପଣ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି ।

ତେବେ ୯ଟି ସିମ କାର୍ଡ ନିୟମ ଭାରତର ସବୁଠାରେ ପ୍ରଯୁଜ୍ୟ ନୁହେଁ । ଭାରତର କିଛି ସ୍ଥାନରେ ଏହି ସଂଖ୍ୟା କମ । ଜମ୍ମୁ ଏବଂ କାଶ୍ମୀର, ଆସାମ ଏବଂ ଉତ୍ତର-ପୂର୍ବରେ ଏହି ସୀମା କେବଳ ଛଅଟି । ଅର୍ଥାତ୍ ଏହିସବୁ ସ୍ଥାନରେ ରହୁଥିଲେ ଆପଣ କେବଳ ୬ଟି ସିମ କାର୍ଡ ରଖିପାରିବେ । ଯଦି ଆପଣଙ୍କ ପାଖରେ ଏହିସବୁ ସଂଖ୍ୟାରୁ ଅଧିକ ସିମ କାର୍ଡ ଥାଏ, ତେବେ ଏଥିପାଇଁ କ'ଣ ଦଣ୍ଡ ରହିଛି ଜାଣିନିଅନ୍ତୁ । ସିମ କାର୍ଡ ସୀମା ଅତିକ୍ରମ କଲେ ପ୍ରଥମ ଅପରାଧ ପାଇଁ ୫୦ ହଜାର ଟଙ୍କା ଜରିମାନା ଏବଂ ପରବର୍ତ୍ତୀ ଅପରାଧ ପାଇଁ ୨ ଲକ୍ଷ ଟଙ୍କା ଜରିମାନା ହୋଇପାରେ । ଯଦି ଆପଣ ଜାଣିବାକୁ ଚାହାଁନ୍ତି ଯେ, ଆପଣଙ୍କ ନାଁରେ କେତୋଟି ସିମ କାର୍ଡ ଅଛି, ତେବେ ସଞ୍ଚାର ସାଥୀ ପୋର୍ଟାଲ ଭିଜିଟ କରନ୍ତୁ । ଏହି ପୋର୍ଟାଲ ମାଧ୍ୟମରେ ଆପଣ ସିମ କାର୍ଡ ସୀମା, ନିଜ ନାଁରେ କେତୋଟି ସିମ କାର୍ଡ ରହିଛି ଏ ବାବଦରେ ସମସ୍ତ ସୂଚନା ସହଜରେ ଜାଣିପାରିବେ ।

## ମା'କାଳୀ ପୂଜା ନିମନ୍ତେ ପ୍ରସ୍ତୁତି ଶେଷ



**ଗୁଣପୁର: ଏକ୍ସପ୍ରେସ ନ୍ୟୁଜ୍**

ସ୍ଥାନୀୟ ଆଇଟିଡିଏ ଅଫିସ କୋର୍ଟ ଛକ ନିକଟ କାଳୀ ପୂଜା ୧୯ ବର୍ଷରେ ପଦାର୍ପଣ କରିଛି । ପ୍ରସିଦ୍ଧ ଗୁଣପୁର କାଳୀ ପୂଜା ପାଇଁ ଏବେ ଠାରୁ ତୋରଣ ସଜା ଓ ମୂର୍ତ୍ତୀ ଗଢା କାମ ପ୍ରାୟ ଶେଷ ହୋଇଛି । ବ୍ୟୟ ବହୁଳ ଏଇ କାଳୀପୂଜା ପାଇଁ ପୂଜା କମିଟିର ସଭାପତି ରାଧାକୃଷ୍ଣ ପଟ୍ଟନାୟକ ଓ ସଂପାଦକ ନୃସିଂହ ନାଥ ଶତପଥୀଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତାମାନେ ପୂଜାର ସଫଳତା ନିମନ୍ତେ ଜୋରସରରେ ଲାଗି ପଡିଛନ୍ତି । ଚଳିତ ବର୍ଷ ଏଠାରେ ପୂଜା ପାଇଁ ମୂର୍ତ୍ତୀ ଗଢା, ତୋରଣ ସଜା ଓ ଆଲୋକ ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କମିଟିର ସଭାପତି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଏଥିପାଇଁ କୋଲକତା ପଶ୍ଚିମ ମେଦିନାପୁରର ମୂର୍ତ୍ତୀ କାରିଗର ବଳେଇ ଚାନ୍ଦ ବେରା ଓ ସିଲଙ୍ଗ ଦଳେଇ ଙ୍କ ସହ ୫ ଜଣ କାରିଗର ମା'ଙ୍କ ମୂର୍ତ୍ତୀ ଓ ପାର୍ଶ୍ୱ ମୂର୍ତ୍ତୀ ଗଢା ପାଇଁ ୧୦ ଦିନ ହେଲା କାମରେ ଲାଗିଛନ୍ତି । ମା'ଙ୍କ ଚକ୍ଷୁଦାନ କରିବା ପରେ କାମ ଶେଷ ହୋଇଛି । ଏହି କାରିଗରମାନେ ପ୍ରତିବର୍ଷ ଏଠାରେ ମୂର୍ତ୍ତୀ ଗଢୁଛନ୍ତି । ଏହା ମାଙ୍କର ଆର୍ଶିବାଦ ବୋଲି କାରିଗର ମାନେ କହିଛନ୍ତି । ଏହି ପୂଜା ମଣ୍ଡପର ସାଜସଜା ଦେବବ୍ରତ ପାଢ଼ୀଙ୍କ ଦ୍ୱାରା କରାଯାଇଥିବା ବେଳେ ତୋରଣ ସଜା ଗୁଣପୁରର ପ୍ରଦୀପ ଡେକରର କାରିଗରମାନଙ୍କ ଦ୍ୱାରା ଆକର୍ଷଣୀୟ ତୋରଣ କାମ ବେଶ୍ ମନଛୁଆଁ ହୋଇଛି । ସୋମବାର ଦିନ ଠାରୁ ପୂଜା ଆରମ୍ଭ ହୋଇ ୨୭ ତାରିଖରେ ମା'କାଳୀଙ୍କ ବିଗ୍ରହ ବିସର୍ଜନ କରାଯିବ । ରବିବାର ସନ୍ଧ୍ୟାରେ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା ସମ୍ପନ ହୋଇଛି । ପ୍ରଥମ ଥର ପାଇଁ ବିଭିନ୍ନ ସ୍କୁଲ କଲେଜ ର ଛାତ୍ର ଛାତ୍ରୀଙ୍କୁ ନେଇ ପ୍ରାର୍ଥନା ପ୍ରତିଯୋଗିତା, ଦଳଗତ ନୃତ୍ୟ, ଟ୍ରାକ ମେଲୋଡି, ସୋଲୋ ନୃତ୍ୟ ଇତ୍ୟାଦି ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ ମଣ୍ଡପରେ ପ୍ରଦର୍ଶିତ ନିମନ୍ତେ ଯୋଜନା କରାଯାଇଛି । ପ୍ରଥମ ଥର ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ପାଇଁ ଶୁଖିଲା ମିଠା ଭୋଗ ବିକ୍ରୟ ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ମିନା ବଜାରରେ ବିଭିନ୍ନ କିସମର ଦୋକାନ ପୋସରା ମେଳାଇଛନ୍ତି ।



## ସିନେମାଫିନେମା ଟିଭିଫିବି



## ବିହାର ବିଧାନସଭା ନିର୍ବାଚନ ଲଢ଼ିବେ ମନୋଜ ବାଜପେୟୀ !

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ସବୁଠାରୁ ପ୍ରତିଭାଶାଳୀ ଏବଂ ବହୁମୁଖୀ ଅଭିନେତାଙ୍କ ମଧ୍ୟରୁ ଜଣେ ବଲିଉଡ ଅଭିନେତା ମନୋଜ ବାଜପେୟୀ । ଆଗାମୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଅଭିନେତାଙ୍କର ଏକ ରାଜନୈତିକ ଦଳର ପ୍ରଚାର କରୁଥିବାର ଭିଡିଓ ଭାଇରାଲ ହେଉଛି । ଯାହାକୁ ନେଇ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମନୋଜ ବାଜପେୟୀ ।

ଆଗାମୀ ବିହାର ନିର୍ବାଚନ ପୂର୍ବରୁ ଅନଲାଇନରେ ପ୍ରସାରିତ ତାଙ୍କର ଏକ ଡକ୍ଟର ଭିଡିଓକୁ ମନୋଜ ବାଜପେୟୀ କଡ଼ା ନିନ୍ଦା କରିଛନ୍ତି । ଅଭିନେତାଙ୍କ ଅନୁଯାୟୀ, ଭାଇରାଲ କ୍ଲିପଟି ପ୍ରକୃତରେ ଓଟିଟି ପାଇଁ କରିଥିବା ଏକ ପୁରୁଣା ବିଜ୍ଞାପନର ଏକ ନକଲି ପ୍ୟାଚ୍-ଅପ୍ ସଂସ୍କରଣ ଯାହାକୁ ରାଜନୈତିକ ବାର୍ତ୍ତା ଭାବରେ ଦେଖାଯିବା ପାଇଁ ସମ୍ପାଦିତ କରାଯାଇଛି । ମନୋଜ ବାଜପେୟୀ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ଏହା ସ୍ପଷ୍ଟ କରି ଲେଖିଛନ୍ତି, 'ମୁଁ ସାର୍ବଜନୀନ ଭାବରେ କହିବାକୁ ଚାହୁଁଛି ଯେ ମୋର କୌଣସି ରାଜନୈତିକ ଦଳ ସହିତ କୌଣସି ସମ୍ପର୍କ ନାହିଁ । ପ୍ରସାରିତ ହେଉଥିବା ଭିଡିଓଟି ପ୍ରାଇମ୍ ଭିଡିଓ ପାଇଁ ମୁଁ କରିଥିବା ଏକ ବିଜ୍ଞାପନର ଭିଡ଼ିଓ । ମୁଁ ଏହାକୁ ସେୟାର କରୁଥିବା ସମସ୍ତଙ୍କୁ ଆନ୍ତରିକ ଭାବରେ ନିବେଦନ କରୁଛି ଯେ ସେମାନେ ଏପରି ବିକୃତ ବିଷୟବସ୍ତୁ ପ୍ରସାର କରିବାରୁ ନିବୃତ୍ତ ରୁହନ୍ତୁ ଏବଂ ଲୋକଙ୍କୁ ଏପରି ଭ୍ରାମକ ବିଷୟବସ୍ତୁ ସହିତ ଜଡିତ ନ ହେବାକୁ କିମ୍ବା ଉତ୍ସାହିତ ନ କରିବାକୁ ଅନୁରୋଧ କରନ୍ତୁ ।'

ମନୋଜ ବାଜପେୟୀଙ୍କ ସ୍ପଷ୍ଟୀକରଣ ପରେ, ନେଟିଜେନମାନେ ମଧ୍ୟ କମେଣ୍ଟ ବକ୍ସରେ ପ୍ରତିକ୍ରିୟା ଦେଉଛନ୍ତି । ଜଣେ ୟୁଜର ଲେଖିଛନ୍ତି, 'ଆପଣ ଏହା ସ୍ପଷ୍ଟ କରିଥିବାରୁ ମୁଁ ଖୁସି । ଲୋକମାନେ ଏପରି କ୍ଲିପଗୁଡ଼ିକୁ ବିଶ୍ୱାସ କରିବା ପୂର୍ବରୁ ନିଶ୍ଚିତ କରିବା ଉଚିତ, କିନ୍ତୁ ମୁଁ ନିଶ୍ଚିତ ଭାବରେ କହିବାକୁ ଚାହେଁ ଯେ ଏହି ଭିଡିଓଟି ପ୍ରକୃତ ଏକ୍ସ ଆକାଉଣ୍ଟରୁ ପୋଷ୍ଟ ହୋଇନାହିଁ ।' ଆଉ ଜଣେ ଲେଖିଛନ୍ତି, 'ଏହି କାରଣରୁ ସେଲିବ୍ରିଟିମାନେ ସେମାନଙ୍କର ବ୍ୟକ୍ତିଗତ ଅଧିକାରକୁ ସୁରକ୍ଷା ଦେବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି ।'

ଓଡ଼ିଶା

୩ ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର । ୨୦ ଅକ୍ଟୋବର ୨୦୨୫ । ସୋମବାର

# ବିଦ୍ୟୁତ୍ ସବ୍‌ଷ୍ଟେସନ କାମ ସରୁନି କି ଲୋକଙ୍କୁ ସେବା ମିଳୁନ



**୧୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ଠାରେ ଦୀର୍ଘ ଦିନ ହେଲା ଏକ ବିଦ୍ୟୁତ୍ ସବଷ୍ଟେସନ କାର୍ଯ୍ୟ ଚାଲିଛି । ପ୍ରାୟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଥିବା ବେଳେ ବିଭାଗ ତାକୁ ଚାର୍ଜ କରିବାରେ ଅହେତୁକ ବିଳମ୍ବ କରୁଛ ।

ପ୍ରକାଶ ଯେ, ଦାରିଙ୍ଗବାଡି ଠାରୁ ସିମନବାଡି ୧୧ କେଭି ଫିଡର ରହିଛି । ଏହି ଫିଡ଼ର ଉପରେ ସିମନବାଡି ସମେତ ଶ୍ରାନିକେତା, କିରିକୁଟି, ତିଲୋରୀ, ବୁଡ଼ାଗୁଡା, ଗୁମିକିଆ, କୋଟଗଡ଼ ବ୍ଲକ ପକାରୀ ଏବଂ ବାଲିଗୁଡା ବ୍ଲକ ରତୁଙ୍ଗିଆ ପଞ୍ଚାୟତକୁ ବିଦ୍ୟୁତ ସଂଯୋଗ ହୋଇଛି । ତେବେ ଗୋଟିଏ ଫିଡ଼ର ଉପରେ ଏତେଗୁଡିଏ ପଞ୍ଚାୟତ ନିର୍ଭର କରୁଥିବା ବେଳେ ଏହି ୧୧ କେଭି ବିଦ୍ୟୁତ ତାର ପ୍ରାୟ ୫ ଶହ କିମି ଦୂରତା ଟଣାଯାଇଛି । ଫଳରେ ସାମାନ୍ୟ ବର୍ଷା, ପବନ ଆସିଲେ ବିଦ୍ୟୁତ ଅଚଳ ହୋଇପଡୁଛି । ଏହାର ସୁଧାର ପାଇଁ ସିମନବାଡି ଠାରେ ଏକ ସବଷ୍ଟେସନ ନିର୍ମାଣ କରାଯାଇ ସିମନବାଡି, କିରିକୁଟି ଏବଂ ବୁଡଗୁଡାକୁ ୩ ଫିଡ଼ର ପାଇଁ ଚିନ୍ତା କରାଗଲା । ନିର୍ମାଣ ମଧ୍ୟ କରାଗଲା । କିନ୍ତୁ ଦୀର୍ଘ ଦିନ ହେଲା ଏହି ସବଷ୍ଟେସନ ନିର୍ମାଣ କାର୍ଯ୍ୟ କରାଯାଇ ଆବଶ୍ୟକ ମେଶିନ, ଉଚ୍ଚ କ୍ଷମତା ଟ୍ରାନ୍ସଫର୍ମର ସମେତ ଜଣେ ଅଧିକାରୀ ରହି ପରିଚାଳନା କରିବା ପାଇଁ କାର୍ଯ୍ୟାଳୟ, ସିକ୍ୟୁରିଟି କାର୍ଯ୍ୟାଳୟ ସମେତ ଇଣ୍ଟରନେଟ୍ ଆଦି ବ୍ୟବସ୍ଥା କରାଯାଇଥିଲା । ସୁଦ୍ଧା ସବଷ୍ଟେସନରୁ ଫିଡ଼ର ଗୁଡିକୁ ବିଦ୍ୟୁତ ଯୋଗାଇ ଦିଆଯାଇ ନ ଥିବା ନେଇ ଉପଭୋକ୍ତା ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି । ଏ ନେଇ ଠିକା ସଂସ୍ଥାର ପ୍ରକଳ୍ପ ମୁଖ୍ୟ ବିକାଶ ପଣ୍ଡାଙ୍କୁ ଯୋଗାଯୋଗ କରାଯିବାରୁ ସେ ଏନେଇ କିଛି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ । ପରେ ସେ କହିଥିଲେ, ଚଳିତ ମାସ ଶେଷ ସୁଦ୍ଧା ଚାର୍ଜ କରି ସମସ୍ତ ଫିଡରରେ ବିଦ୍ୟୁତ ଯୋଗାଣ କରାଯିବ କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ସୋମବାର– ଚତୁର୍ଦ୍ଦଶୀ |
|---|---|
| ୨୦.୧୦.୨୦୨୫ | ନକ୍ଷତ୍ର– ହସ୍ତା, କନ୍ୟାଚନ୍ଦ୍ର |



| | |
|---|---|
| **ମେଷ** | : ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| **ବୃଷ** | : ଅର୍ଥ ଚିନ୍ତା ଲାଗି ରହିବ । |
| **ମିଥୁନ** | : ପ୍ରୀତି ବୃଦ୍ଧି ପାଇବ । |
| **କର୍କଟ** | : ସମ୍ମାନ ଲାଭ କରିବେ । |
| **ସିଂହ** | : ଅର୍ଥକଷ୍ଟ ଦୂର ହେବ । |
| **କନ୍ୟା** | : ମାନ ସମ୍ମାନ ବୃଦ୍ଧି ପାଇବ । |
| **ତୁଳା** | : ଅପମାନ ଯୋଗ ରହିଛି । |
| **ବିଛା** | : ବନ୍ଧୁ ସହଯୋଗ ପାଇବେ । |
| **ଧନୁ** | : ପଦୋନ୍ନତି ଆଶା କରିବେ । |
| **ମକର** | : ଭାତୃ କଳହ ଦେଖାଦେବ । |
| **କୁମ୍ଭ** | : ସ୍ୱାସ୍ଥ୍ୟ ଚିନ୍ତା ବୃଦ୍ଧି ପାଇବ । |
| **ମୀନ** | : ଦିନଟି ଧନପ୍ରଦ ହେବ । |

## ପ୍ରଧାନମନ୍ତ୍ରୀ ସଡ଼କ କାମ ଅଧାପନ୍ତରିଆ କରି ଠିକାଦାର ଛୁ'

**କଣାସ, ୧୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ମୁଖ୍ୟତଃ ରାସ୍ତା ନିର୍ମାଣ ଦିଗରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଏବଂ ବିଭିନ୍ନ ଯୋଜନା ମାଧ୍ୟମରେ ରାସ୍ତା ନିର୍ମାଣ ପାଇଁ ଠିକାଦାର ନିଯୁକ୍ତି କରି ରାସ୍ତା ନିର୍ମାଣ କରୁଥିବାବେଳେ ରାସ୍ତା ଅଧାପନ୍ତରିଆ କରି ଠିକାଦାର ଦୁଇ ବର୍ଷ ହେଲା ନିରବ ରହିଥିବା ଦେଖିବାକୁ ମିଳିଛି । କାଦୁଆ ଗ୍ରାମପଞ୍ଚାୟତର କଉଡିଖିଣି ସାହସପୁର ପ୍ରଧାନମନ୍ତ୍ରୀ ସଡକ ରାସ୍ତା । ନୂଆ ଜଗନ୍ନାଥ ସଡକର ରୁପୁରିଙ୍ଗି ଠାରୁ ସୁନାଖେଳା, କଉଡିଖିଣି, ସାହସପୁର ଦେଇ ଗୋପୀନାଥପୁର ପର୍ଯ୍ୟନ୍ତ । ଏହି ରାସ୍ତାଦେଇ ଦୈନନ୍ଦିନ ଗୋପୀନାଥପୁର, କଳାପଦର, ଜାଗୁଳାଇପଦର, ସାହସପୁର, କଉଡିଖିଣି, ସୁନାଖେଳା ଗ୍ରାମର ଲୋକମାନେ ଦୈନନ୍ଦିନ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲି କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ସବରେଷ୍ଟ୍ରି କାର୍ଯ୍ୟାଳୟ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାତାୟାତ କରିଥାନ୍ତି ସେହି ରାସ୍ତାରେ ମୋ ବସ ଦିନକୁ ଚାରିଥର ଯାତାୟାତ କରିଥାଏ ଏବଂ ପୁରୀକୁ ମଧ୍ୟ ଦୁଇଟି ବସ ଯାତାୟାତ କରୁଅଛି । ଉକ୍ତ ରାସ୍ତରେ ଫେବର ବ୍ଲକ ରାସ୍ତାରେ ପଡିଥିବାବେଳେ କେତେକ ସ୍ଥାନ ଖାଲି ଥିବାରୁ ଛୋଟବଡ ଦୁର୍ଘଟଣାମାନ ଘଟୁଛି । ରାସ୍ତା ଅବସ୍ଥା ଏପରି ହୋଛି ଯେ ଗୋଟିଏ ଗାଡି ପାସ କଲେ ଅନ୍ୟ ଗାଟି ଗୁଡିକ ସେଠାରେ ଠିଆ ହେବାକୁ ପଡିଛୁ । ରାସ୍ତା ମରାମତି କରିବା ପାଇଁ ଗ୍ରାମବାସୀମାନେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ନିକଟରେ ଦାବୀ କରିବା ସହିତ ରାସ୍ତାର ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ନିକଟରେ ରାସ୍ତା କାମ କରିବା ପାଇଁ ଦାବି କରିଆସୁଛନ୍ତି । ଅଧିକାରୀମାନେ ଏଥି ପ୍ରତି ଦୃଷ୍ଟି ଦେଉନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

# ଶ୍ରୀଜଗନ୍ନାଥଙ୍କ ଚନ୍ଦନ ପୁଷ୍କରିଣୀ ବଧି ପାଣି ଦୂଷିତ

**ରଣପୁର, ୧୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ରାଜା ରାଜୁଡା ଅମଳର ଐତିହାସିକ ରଣପୁର ଶ୍ରୀଜଗନ୍ନାଥଙ୍କ ପବିତ୍ର ଚନ୍ଦନ ପୁଷ୍କରିଣୀ ବଧି ପାଣି ସମ୍ପୂର୍ଣ୍ଣ ଦୂଷିତ ହୋଇପଡିଥିବା ବେଳେ ପୋଖରୀ ସାରା ପୋକ ସାଲୁ ବାଲୁ ହେଉଥିବା ଦେଖିବାକୁ ମିଳୁଛି । ଏପରିକି ଚାପ ମଣ୍ଡପ ଓ ଚଉରା ମଣ୍ଡପ ମଦ୍ୟପଙ୍କ ଅଡ୍ଡାସ୍ଥଳୀ ପାଲଟିଥିବା ବେଳେ ଜଗନ୍ନାଥ ପ୍ରେମୀ ତଥା ଅଞ୍ଚଳବାସୀ ଦେବୋତ୍ତର ବିଭାଗକୁ ବାରମ୍ବାର ଅବଗତ କରିଆସୁଥିଲେ ମଧ୍ୟ ଏହାର କୌଣସି ପ୍ରତିକାର ପରିବର୍ତ୍ତେ ଓଲଟା କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡ଼ିଥିବା ଅଭିଯୋଗ ହେଉଛି । ଫଳରେ ଭକ୍ତ ମହଲରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି । ସୂଚନା ଥାଉକି ରଣପୁର ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ମଦନ ମୋହନ, ମା ମହାଲକ୍ଷ୍ମୀ ଓ ମହାଦେବ ହରିହରଶ୍ୱର ଆଦି ପ୍ରତିମା ଚନ୍ଦନ ଯାତ୍ରା ସମୟରେ ୨୧ଦିନ ନିମନ୍ତେ ବାହାର ଚାପ ଖେଳିବା ବା ନୌକା ବିହାର ପାଇଁ ପବିତ୍ର ଚନ୍ଦନ ପୁଷ୍କରିଣୀ ବଧିକୁ ଯାଇଥାନ୍ତି । ୧୦ ଏକର ପରିମିତ ଜାଗାରେ ଅବସ୍ଥିତ ଉକ୍ତ ପୋଖରୀ ମଧ୍ୟରେ ରହିଛି ଦୀପ ଦାଣ୍ଡି ଓ ଏକ ବିରାଟ ଚନ୍ଦନ ମଣ୍ଡପ । ପୋଖରୀଟି ଅଳିଆ ଆବର୍ଜନାରେ ସମ୍ପୂର୍ଣ୍ଣ ପୋତି ହେବାକୁ ବସିଥିଲା ବେଳେ କିଛି ବର୍ଷ ତଳେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ପୂର୍ବତନ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୩୦ଲକ୍ଷ ଟଙ୍କା ବ୍ୟୟରେ ୩୦ଫୁଟ ଗଭୀର ଖୋଳା ଯିବା ସାଙ୍ଗକୁ ମଣ୍ଡପକୁ ସଂଯୋଗ କରିବା ପାଇଁ ଏକ ଦୀର୍ଘ ସେତୁ ନିର୍ମାଣ କରାଯିବା ସହ ପୁନରୁଦ୍ଧାର କରାଯାଇଥିଲା । ହେଲେ ଏବେ ପ୍ରଶାସନିକ ତଥା ଦେବୋତ୍ତର ବିଭାଗ ଅବହେଳା ଯୋଗୁ ଯଥା ପୂର୍ବଂ ତଥା ପରଂ ସଦୃଶ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଉକ୍ତ ପୋଖରୀ ରେ ଚଣ୍ଡେଶ୍ୱର ମହାଦେବଙ୍କ ଦଣ୍ଡ ଠାକୁର ଭଗତା ମାନେ ମଧ୍ୟ ଦଣ୍ଡ ଯାତ୍ରା ସମୟରେ ସ୍ନାନ କରିଥାନ୍ତି, ବ୍ରାହ୍ମଣ ପରିବାର ଲୋକେ ତିଳ ତର୍ପଣ କରିଥାନ୍ତି, ସେହିପରି ନାନାଦି ଶୁଦ୍ଧ କ୍ରିୟା ସାଙ୍ଗକୁ ଶ୍ରାଦ୍ଧ ପରବର୍ତ୍ତୀ ପିଣ୍ଡ ବିସର୍ଜନ କରାଯାଇଥାଏ ।

ଅପରପକ୍ଷେ ପ୍ରତ୍ୟହ ସନ୍ଧ୍ୟାରେ କିଛି ଅସାମାଜିକ ଓ ମଦ୍ୟପ ବ୍ୟକ୍ତି ଉକ୍ତ ସ୍ଥାନରେ ଅଡ୍ଡା ଜମାଇ ମଦ ପାନ କରୁଛନ୍ତି । ଫଳରେ ମଦ ବୋତଲ, ପ୍ଲାଷ୍ଟିକ ପାଉଚ, ଗ୍ଲାସ, କପ ଆଦି ପକାଉ ଥିବାରୁ ଏଭଳି ଅସ୍ୱାଭାବିକ ପରିବେଶ ସୃଷ୍ଟି ହେଉଛି । ପୁଷ୍କରିଣୀ । ନିକଟରେ ଉପ–ନିବନ୍ଧକଙ୍କ କାର୍ଯ୍ୟାଳୟ, ପୁଲିସ ଥାନା, ଦେବାଳୟ, ହସ୍ପିଟାଲ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଥିଲେ ମଧ୍ୟ ଏଥି ପ୍ରତି କାହାରି ହେଲେ ନିଘା ନଥିବା ଜଣାଯାଇଛି । ତୁରନ୍ତ ଏହାର ପ୍ରତିକାର କରିବାକୁ ସ୍ଥାନୀୟ ପ୍ରଶାସନ ଓ ଦେବୋତ୍ତର ବିଭାଗକୁ ଦାବି ହେଉଛି ।

ତେବେ ଅମୃତ ସରୋବର ଯୋଜନାରେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ, ଉକ୍ତ ବଧି ପୋଖରୀର ଯତ୍ନ ନେବା ସାଙ୍ଗକୁ ଏହାର ପୁନରୁଦ୍ଧାର କରିବା ଦରକାର ଏବଂ ଏଇଟା ସେମାନଙ୍କ କାମ ବୋଲି ଦେବୋତ୍ତର ବିଭାଗ ମୁଖ୍ୟ ତଥା ସ୍ଥାନୀୟ ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ ସଫେଇ ଦେଇଛନ୍ତି । ପୋଖରୀର ଏଭଳି ଅବସ୍ଥାକୁ ନେଇ ରଣପୁର ଶ୍ରୀଜଗନ୍ନାଥ ମନ୍ଦିର ବରିଷ୍ଠ ସେବାୟତ ହରିହର ନନ୍ଦ ପ୍ରବଳ ଉଦବେଗ ପ୍ରକାଶ କରିବା ସାଙ୍ଗକୁ ତୁରନ୍ତ ଏହାର ପ୍ରତିକାର କରିବାକୁ ଦାବି କରିଛନ୍ତି ।

## ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ, ୨ ଗିରଫ

**ଭୁବନେଶ୍ୱର, ୧୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀରେ ପୁଣି ଏକ ଦୁଷ୍କର୍ମ ଅଭିଯୋଗ । ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଭରତପୁର ଥାନାରେ ଅଭିଯୋଗ ପରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ଭରତପୁରର ଅରୁଣ ନାୟକ ଓ ବିଶ୍ୱଜିତ ନାୟକ ବୋଲି ଜଣାପଡିଛି ।

ଖବର ଅନୁଯାୟୀ, ଭରତପୁର ଥାନା ଅଞ୍ଚଳରେ ରହି ଛାତ୍ରୀ ଜଣଙ୍କ ଇଞ୍ଜିନିୟରି ପଢୁଥିଲେ । ମୁଖ୍ୟ ଅଭିଯୁକ୍ତ ଅରୁଣ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ । ଅନେକ ସମୟରେ ତାଙ୍କ ବାଟ ଘାଟରେ ଅଟକାଇ ପ୍ରେମ ନିବେଦନ କରୁଥିଲେ । ହେଲେ ଛାତ୍ରୀ ଜଣଙ୍କ ଏହି ପ୍ରେମ ନିବେଦନକୁ ପ୍ରତ୍ୟାଖାନ କରୁଥିଲେ । ଶେଷରେ ଅରୁଣ ପ୍ରତିଶୋଧ ପରାୟଣ ହୋଇ ଶନିବାର ସକାଳେ ଏଭଳି କାଣ୍ଡ କରିଛନ୍ତି । ଛାତ୍ରୀ ଜଣକ କଲେଜ ଯିବା ସମୟରେ ସାଥୀ ବିଶ୍ୱଜିତ ସହାୟତାରେ ଏକ ଅଟୋରେ ଅପହରଣ କରି ନେଇଥିଲେ । ଅଧାବାଟରେ ଅରୁଣ ବିଶ୍ୱଜିତଙ୍କୁ ଓହ୍ଲାଇ ଦେଇ ଛାତ୍ରୀଙ୍କୁ ନେଇ ତାଙ୍କୁ ଜବରଦସ୍ତ ଦୁଷ୍କର୍ମ କରିଥିଲେ । ଘଟଣାସ୍ଥଳରୁ ପୀଡିତା କୌଶଳକ୍ରମେ ଖସି ଆସି ଭରତପୁର ଥାନାରେ ଅଭିଯୋଗ କରିଥିଲେ । ଥାନାରେ ଅଭିଯୋଗ ପରେ ପୁଲିସ ଅରୁଣ ଓ ବିଶ୍ୱଜିତଙ୍କୁ ଗିରଫ କରିଛି ।

## ପାଣି ପାଇଁ ଲୋକେ ଡହଳବିକଳ

**ମାହାଙ୍ଗା, ୧୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**



ବିଶୁଦ୍ଧ ପାନୀୟ ଜଳ ନିମନ୍ତେ ଲୋକେ ହେଉଛନ୍ତି ଡହଳବିକଳ । ପାଣି ପାଇଁ ଯିବାକୁ ପଡୁଛି ଏକ କିମି ବାଟ । ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଉଷୁମା ପଞ୍ଚାୟତ ଉଷୁମା ଗ୍ରାମର ସେଠୀ ସାହି ଓ ମଲିକ ସାହିରେ । ଏହି ଦୁଇ ସାହିରେ ଦୀର୍ଘ ବର୍ଷ ହେବ ପାଣି ସମସ୍ୟା ଲାଗି ରହିଛି । ୨୦୧୮ ମସିହାରେ ବସୁଧା ଯୋଜନାରେ ଏକ ଲକ୍ଷ ଲିଟର ବିଶିଷ୍ଟ ଉଚ୍ଚ ପାଣି ଟାଙ୍କି ରହିଛି । ଏହା ଏବେ ରାହାଣିଆ ପଞ୍ଚାୟତ ଜାତିପାରିଲୋ ଗ୍ରାମରେ ହୋଇଥିବାରୁ ଏହି ଅଞ୍ଚଳକୁ ସଠିକ୍ ଭାବେ ପାଣି ଆସୁନାହିଁ । ରାହାଣିଆ ପଞ୍ଚାୟତ ଠାରୁ ଉଷୁମା ପଞ୍ଚାୟତ ଅଲଗା ହେବା ପରେ ସଠିକ୍ ଭାବେ ଏହି ପଞ୍ଚାୟତକୁ ଛଡା ଯାଉ ନାହିଁ । ଯାହା ଫଳରେ ପାଣି ସମସ୍ୟା ଲାଗି ରହିଛି । ପାଣି ଟୋପାଏ ପାଇଁ ଏହି ଦୁଇ ସାହିର ଲୋକ ପ୍ଲାଷ୍ଟିକ ଜାର, ବାଲତି ଧରି ଏକ କିମି ବାଟରୁ ପାଣି ଆଣୁଥିବା ଦେଖିବାକୁ ମିଳୁଛି । ତେଣୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ଦୁଇ ସାହିକୁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

## ଷଣ୍ଢ ଆକ୍ରମଣରେ ୫ ଆହତ

**କଣାସ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ଅଞ୍ଚଳରେ ବୁଲାଷଣ୍ଢଙ୍କ ଦୌରାତ୍ମ୍ୟ ରାସ୍ତା ଉପରେ ଏପରି ବଢିଯାଇଛି ଯେ ରାସ୍ତାରେ ଯିବା ପାଇଁ ଜନସାଧାରଣ ଓ ମଟରସାଇକେଲ୍ ଆରୋହି ଭୟ କରୁଛନ୍ତି । କଣାସ ବ୍ଲକର ଜଙ୍କିଆ ଜଗନ୍ନାଥ ସଡକ ଦୟାବ୍ରିଜ୍ ଓ ମକରା ବ୍ରିଜ୍ ଉପରେ ଦୈନନ୍ଦିନ ବ୍ରହ୍ମପୁର ଓ ନୟାଗଡ ଅଞ୍ଚଳରୁ ଷଣ୍ଢମାନଙ୍କୁ ଧରିଆଣି ଛାଡିଦେଉଛନ୍ତି । ଯାହା ଦ୍ୱାରା କିଦିନକୁ ଦିନ କଣାସ ଅଞ୍ଚଳରେ ଷଣ୍ଢଙ୍କ ସଂଖ୍ୟା ବଢିବାରେ ଲାଗିଛି । ବାଡିବଗିଚାରେ ପଶି ସମସ୍ତ ଫସଲ ଖାଉଥିବା ବେଳେ ଧାନକିଆରେ ବାହାରୁ ଥିବା ପାଚିଲାଧାନ ଖାଇଯାଉଛନ୍ତି । ଷଣ୍ଢଲଢେଇରେ କଣାସ ବଜାର, ଜଙ୍କିଆ ବଜାର, ବିଜିପୁର ବଜାରରେ ଅନେକ ମଟରସାଇକେଲ୍ କ୍ଷତିଗ୍ରସ୍ତ ହେଲାଣି । ଶନିବାର କଣାସ ଗୋଲାବଜାରରେ ଗୋଟିଏ ବୁଲାଷଣ୍ଢ ଲୋକଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିବାରୁ କଣାସ ଗ୍ରାମର ନାରାୟଣ ପ୍ରଧାନ, ବେଣାଗାଁର ଭିମା ବେହେରା, ରମା ଦେଇ ଓ ଭ୍ରମରବର ସାହୁ ଆହାତ ହୋଇ ଚିକିତ୍ସିତ ହେଉଛନ୍ତି ।

## ବଙ୍ଗୋମୁଣ୍ଡା ରେଞ୍ଜ ଅଞ୍ଚଳରେ ମାଙ୍କଡ଼ ଆତଙ୍କ



**ବଲାଙ୍ଗୀର, ୧୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ରେଞ୍ଜ ଅନ୍ତର୍ଗତ ପୁଟୁପଡା, ଭାନପୁର, ସାଲେବରଟ ତଥା ଆଖପାଖ ଗାଁରେ ମାଙ୍କଡ଼ ଆତଙ୍କ ଦେଖିବାକୁ ମିଳିଛି । ଗତ ଦୁଇଦିନ ତଳେ ପୁଟୁପଡା ଗାଁର ଜଣେ ଛାତ୍ରୀଙ୍କୁ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି । ସେହିପରି ଗାଁ ମାନଙ୍କରେ ରହୁଥିବା ଅନେକ ମହିଳା ଓ ପୁରୁଷ ତଥା ସ୍କୁଲ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କରୁଥିବା ଜଣାପଡିଛି । ଚାଷୀମାନଙ୍କ ଚାଷ ଜମିକୁ ମାଙ୍କଡମାନେ ନଷ୍ଟ କରିଦେଉଛନ୍ତି । ଗାଁ ଲୋକଙ୍କ ଅଭିଯୋଗ ପରେ ଗାଁରେ ବନ ବିଭାଗ ଟିମ ପହଞ୍ଚି ମାଙ୍କଡଙ୍କୁ ଧରିବା ପାଇଁ ମିଶନ ଷ୍ଟାର୍ଟ କରିଛନ୍ତି । ବଲାଙ୍ଗୀର ଏସିଏଫ ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ବଙ୍ଗୋମୁଣ୍ଡା ରେଞ୍ଜର ପଦ୍ମନାଭ କୁମ୍ଭାରଙ୍କ ଏକ ସ୍ୱତନ୍ତ୍ର ଟିମ, ଭିଏଏସ୍ ବଙ୍ଗୋମୁଣ୍ଡା, ଦ୍ରୁତ ପ୍ରତିକ୍ରିୟା ଦଳ ଆର୍‌ଆର୍‌ଟି ଗାଁ ମାନଙ୍କରେ ପହଞ୍ଚି ଆତଙ୍କ କରୁଥିବା ମାଙ୍କଡ଼କୁ ଧରିବା ପାଇଁ ଚେଷ୍ଟା ଚଳାଇଛନ୍ତି । ଦୁଇ ଦିନ ହେଲା ମାଙ୍କଡ଼ଙ୍କ ପାଇଁ ଅଞ୍ଚଳର ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଅନେକ ଲୋକଙ୍କୁ ଆକ୍ରମଣ କରୁଥିବାରୁ ଲୋକେ ଭୟଭୀତ ହୋଇ ଘରୁ କୁଆଡେ ବାହାରକୁ ଯାଉ ନାହାଁନ୍ତି । ତୁରନ୍ତ ଗାଁରେ ଆତଙ୍କ କରୁଥିବା ମାଙ୍କଡ଼ଙ୍କୁ ଧରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ସାପ କାମୁଡ଼ାରେ ବୃଦ୍ଧା ମୃତ

**ବୁଗୁଡ଼ା, ୧୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ ଖୋଳଖାଳି ଗ୍ରାମର ଜନୈକା ବୃଦ୍ଧା ବିଷଧର ସାପ କାମୁଡାରେ ମୃତ୍ୟୁ ଘଟିଛି । ବୃଦ୍ଧା ଜଣକ ହେଲେ ଛାୟା ପ୍ରଧାନ (୭୫) । ଛାୟା ଘରେ ବାସନ ମାଜୁଥିବା ସମୟରେ ଏକ ବିଷଧର ସାପ ତାଙ୍କର ହାତକୁ କାମୁଡି ଦେଇଥିଲା । ସେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡ଼ା ମେଡିକାଲକୁ ଆଣିଥିଲେ ଏବଂ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ମେଡିକାଲରେ ପହଞ୍ଚିଥିବା ଜଣାଯାଇଛି ।

## ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ : କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ମାହାଙ୍ଗା, ୧୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅନ୍ତର୍ଗତ ଛତିଆ –ସାଲେପୁର ପୂର୍ତ୍ତ ସଡକର କୋଠପଦା ଠାରେ ଟ୍ରାକ୍ଟର ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜୈନିକ ଗାଡିଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।

ଖବରରୁ ପ୍ରକାଶ, ଶନିବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମୋ ସେବା ବସ ଡ୍ରାଇଭର ତଥା କୁଣ୍ଡି ପଞ୍ଚାୟତ ନନ୍ଦକିଶୋରପୁର ଗ୍ରାମର ଅଜୟ କୁମାର ରାଉତ (୩୬) ବାଇକ ଯୋଗେ ନିଜ ଘରୁ କୁଆଁପାଳକୁ ଆସୁଥିବା ସମୟରେ କୋଠପଦା ନିକଟ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ମନ୍ଦିର ନିକଟରେ ତାଙ୍କ ସମ୍ମୁଖ ପଟୁ ଆସୁଥିବା ଏକ ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଯାହା ଫଳରେ ଅଜୟ ଗାଡି ସହ ତଳେ ପଡି ଗୁରୁତର ଆହତ ହୋଇଥିଲେ । ଖବର ପାଇ କୁଆଁପାଳ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଜୟକଙ୍କୁ ମୁର୍ମୁଷୁ ଅବସ୍ଥାରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବାର ଜଣାଯାଇଛି । ଦୁର୍ଘଟଣା ସ୍ଥଳରେ ଫାଣ୍ଡି ଅଧିକାରୀ ମନୋଜ କୁମାର ବେହେରା ପହଞ୍ଚି ଟ୍ରାକ୍ଟରଟିକୁ ଜବତ କରିବା ସହ ମାହାଙ୍ଗା ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି । ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣଯାଇଛି । ଯାହାକୁ ନେଇ ଡ୍ରାଇଭର ମହାସଂଘ ଓ ସ୍ଥାନୀୟ ଅଞ୍ଚଳବାସୀ କ୍ଷତିପୂରଣ ଦାବିରେ କୁଆଁପାଳ ସାଲେପୁର ପୂର୍ତ୍ତ ସଡକ ଅବରୋଧ କରିଥିବା ଦେଖିବାକୁ ମିଳିଛି ।

## ମହିମାଗାଦିରେ ଥିବା ଘଣ୍ଟିକୁ ସଚଳ କରିବାକୁ ଦାବି

**ଢେଙ୍କାନାଳ, ୧୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଜକୁ ପ୍ରାୟ ୧୯ ବର୍ଷ ତଳେ ୨୦୦୭ ଜାନୁଆରୀ ୩୧ ତାରିଖ ମାଝ ଚତୁଃର୍ଦ୍ଦଶୀର ବ୍ରାହ୍ମ ମୁହୂର୍ତ୍ତରେ ସେ ସମୟର ୫ଲକ୍ଷ ଟଙ୍କା ବ୍ୟୟରେ ବଲ୍‌କଲଧାରୀ ମହିମା ସମାଜ ଆନୁକୂଲ୍ୟରେ କଂସା ଓ ପିତଳ ମିଶ୍ରିତ ୧୨କଣ୍ଟାଲ୍ ଓଜନ ବିଶିଷ୍ଟ ଏକ ବୃହଦାକାର ଘଣ୍ଟି ଶୂନ୍ୟ ମନ୍ଦିରର ପୂର୍ବ ଦିଗ ଐଶାନ୍ୟ କୋଣରେ ଲଗାଯାଇଥିଲା । ତେବେ ସେହି ଘଣ୍ଟିରୁ ଆବଶ୍ୟକ ନାଦ ଉତ୍ପନ୍ନ ନହେବାରୁ ତାହା ଏଯାବତ୍ ସଂସ୍ଥାପିତ ହେବା ଦିନ ଠାରୁ ଅଚଳ ଓ ଅବ୍ୟବହୃତ ହୋଇ ପଡିରହିଛି । ଏହି ଘଣ୍ଟିକୁ ସ୍ଥାପନା କରିବା ପାଇଁ ସ୍ୱତନ୍ତ୍ର ଲୌହ ଫ୍ରେମ୍‌ର ବ୍ୟବସ୍ଥା କରାଯାଇ କ୍ରେନ୍ ମାଧ୍ୟମରେ ଘଣ୍ଟିକୁ ଲଗାଯାଇଥିଲା । ରାଜ୍ୟର ନାମକରା ଧାତୁ ବିଜ୍ଞାନୀଙ୍କ ସହଯୋଗରେ ଏହି ଘଣ୍ଟିରୁ ନାଦ ଉତ୍ପନ୍ନ କରାଯିବା ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅଶୋକ କୁମାର ନନ୍ଦ, ସଭ୍ୟ ଜୟକୃଷ୍ଣ ଜେନା, ବିଜୟ କୁମାର ସାହୁ, ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, କ୍ଷେତ୍ରବାସୀ ସାହୁ ଓ ସୁଶିଲ୍ ରାଉତ ପ୍ରମୁଖ ଅନୁରୋଧ କରିଛନ୍ତି । ପ୍ରକାଶଥାଉକି, ମହିମାଗାଦି ଯୋରନ୍ଦାର ପ୍ରସିଦ୍ଧ ମାଘମେଳା ହେବାକୁ ଆଉ ସାଢେ ତିନିମାସ ବାକି ରହିଲା । ମାଘମେଳା ପୂର୍ବରୁ ଏହି ଘଂଟିକୁ କାର୍ଯ୍ୟକ୍ଷମ କରାଯିବା ନିତ୍ୟାନ୍ତ ଜରୁରୀ ବୋଲି ପରିଷଦର ସଭାପତି ଶ୍ରୀ ରଥ ମତପ୍ରକାଶ କରିଛନ୍ତି ।

## ପୂର୍ବ ବିବାଦକୁ କେନ୍ଦ୍ର କରି ଟାଟାଏସି ପୋଡି

**କଣାସ, ୧୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକ ଗଡିଶାଗୋଦା ପରିସର ଭୁକ୍ତ ଅଡାଲ ଗ୍ରାମରେ ବିରଞ୍ଚି ମହାରଣା ଓ ମନୋଜ ମହାରଣାଙ୍କ ଟାଟାଏସି ଓ ଅଟୋରିକ୍ସାକୁ କୌଣସି ଦୁର୍ବୃତ୍ତ ଗତକାଲି ରାତିରେ ନିଆଁ ଲଗାଇ ପୋଡିଦେଇଛି । ବିରଞ୍ଚି ଓ ମନୋଜ ଟାଟାଏସି ଓ ଅଟଓରିକ୍ସା ପୋଡିବା ସଂପର୍କରେ ଗଡିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗାଡିପୋଡା ସଂପର୍କରେ ମନୋଜ ବିରଞ୍ଚି ଗ୍ରାମରେ ଗାଳିଗୁଳଜ କରିବା ପରେ ତାଙ୍କ ପଡିଶାଘର ପୂର୍ବରୁ ବିବାଦ ଲାଗିରହିଥିବାରୁ ସେମାନେ କାହିଁକି ଗାଳିଗୁଳଜ କରୁଛ ପଚାରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ମନୋଜ ମହାରଣା ୩୫ବର୍ଷ, ଜ୍ୟୋସ୍ନାରାଣୀ ମହାରଣା(୩୨), ବିରଞ୍ଚି ମହାରଣା(୫୬) ଆହତ୍ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଏ ସଂପର୍କରେ ଗଡିଶାଗୋଦା ଥାନା ଆଇଆଇସି ସୁଧିର କୁମାର ଦାସଙ୍କୁ ଟେଲିଫୋନ୍ ଯୋଗାଯୋଗ କରିବା ପାଇଁ ବାରମ୍ବାର ଚେଷ୍ଟା କରି ମଧ୍ୟ ଯୋଗାଯୋଗ ହୋଇପାରି ନ ଥିଲା । ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରି ଫେରିଯାଇଛନ୍ତି ।

### ଜେସିଡିଏଲ୍ ଦିଗହୀନ – ଜନହିତ ଅଦୃଶ୍ୟ

# ସରକାର ଓ ପ୍ରଶାସନ ପ୍ରତି ଜନମତର ଆହ୍ୱାନ

**କଳିଙ୍ଗନଗର, ୧୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**




କଳିଙ୍ଗନଗର ଶିଳ୍ପାଞ୍ଚଳର ସୁନିୟୋଜିତ ଉନ୍ନତି, ପୁନର୍ବାସ, ମୌଳିକ ସୁବିଧା ଓ ଶିଳ୍ପ ସଂସ୍ଥାମାନଙ୍କ ସହ ସମନ୍ୱୟ ସୃଷ୍ଟି ପାଇଁ ଗଠିତ ଯାଜପୁର କଳିଙ୍ଗନଗର ଡିଭେଲପମେଣ୍ଟ ଲିମିଟେଡ୍ ଆଜି ଦିଗହୀନ ଓ ଜନହିତ ବିହୀନ ହୋଇପଡ଼ିଥିବା ଅଭିଯୋଗ ତୀବ୍ର ହେଉଛି । ଗଠନ ସମୟରେ ଯେ ସଂସ୍ଥା ପ୍ରତି ଲୋକମାନଙ୍କ ମଧ୍ୟରେ ଥିଲା ଆଶା ଓ ଭରସା, ସେହି ଆଜି ଭାଙ୍ଗିପଡ଼ିଛି ।

ସ୍ଥାନୀୟ ଜନମତ ଅନୁସାରେ, ଜେସିଡିଏଲ୍ ଗଠନର ମୂଳ ଲକ୍ଷ୍ୟ ଥିଲା– ଶିଳ୍ପ ଅଞ୍ଚଳରେ ଜମି ହରାଇଥିବା ଚାଷୀ, ଶ୍ରମିକ ଓ ସାଧାରଣ ଲୋକମାନଙ୍କ ଜୀବନମାନ ଉନ୍ନତ କରିବା ଗ୍ରାମ ଅଞ୍ଚଳରେ ରାସ୍ତା, ପାଣି, ଆଲୋକ, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ବିସ୍ତାର କରିବା ଏବଂ ଶିଳ୍ପ ଓ ଜନତା ମଧ୍ୟରେ ସମନ୍ୱୟ ଗଢ଼ି ଏକ ଉନ୍ନତ କଳିଙ୍ଗନଗର ଗଢ଼ି ଉଠିବା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ସେହି ଲକ୍ଷ୍ୟରୁ ବିପରୀତ ଦିଗକୁ ଯାଉଛି । ସ୍ଥାନୀୟ ଲୋକମାନେ କହୁଛନ୍ତି– ଅଧିକାରୀ ଠିକାଦାର ମାଲେ ମାଲ, ଜନତା ଭକୁଆ! ଏହି ମନୋଭାବ ସଂସ୍ଥା ପ୍ରତି ବଢୁଥିବା ଅସନ୍ତୋଷର ସ୍ପଷ୍ଟ ଚିତ୍ର । କଳିଙ୍ଗନଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମ ଅଞ୍ଚଳରେ ଜେସିଡିଏଲ୍ ତରଫରୁ ଅନେକ ପ୍ରକଳ୍ପ ଆରମ୍ଭ ହୋଇଥିଲା, କିନ୍ତୁ ଅଧିକାଂଶ ପ୍ରକଳ୍ପ ଅଧାରେ ରହିଗଲା । ପାଣି ଯୋଗାଣ ଯୋଜନା, ରାସ୍ତା ପୁନର୍ନିର୍ମାଣ, ନିର୍ମଳ ଜଳ ଓ ଆଲୋକ ବ୍ୟବସ୍ଥା ଅପୂର୍ଣ୍ଣ ଅବସ୍ଥାରେ ରହିଛି । ଲୋକମାନେ ଅଭିଯୋଗ କରୁଛନ୍ତି ଯେ, ଜେସିଡିଏଲ୍‌ର କାର୍ଯ୍ୟାଳୟରେ ଅଧିକାରୀମାନେ କେବଳ କାଗଜରେ ଉନ୍ନତି ଦେଖାଉଛନ୍ତି, ପ୍ରକୃତ ଭୂମିସ୍ତରରେ ତାହାର ପରିଣାମ ଦେଖିବାକୁ ମିଳୁନାହିଁ । ଗ୍ରାମ ଅଞ୍ଚଳରେ ଜଳସଂକଟ, ଭାଙ୍ଗିଯାଇଥିବା ରାସ୍ତା, ନଜଳିଥିବା ଟ୍ରିଷ୍ଟ ଲାଇଟ୍ ଓ ମାଳିନ୍ୟ ପରିସ୍ଥିତି ଦିନକୁ ଦିନ ଗଭୀର ହେଉଛି । ଅନେକ ସ୍ଥାନରେ ଜେସିଡିଏଲ୍‌ର କାମ ବନ୍ଦ ପଡ଼ିଥିବା ମଧ୍ୟ ଆଉଜାଣିଛି । ସମାଜସେବୀ ଓ ସ୍ଥାନୀୟ ପ୍ରତିନିଧିମାନେ କହୁଛନ୍ତି, ଜେସିଡିଏଲ୍‌ର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପ ଓ ଜନତା ମଧ୍ୟରେ ସେତୁ ହେବା, କିନ୍ତୁ ଆଜି ସେହି ସେତୁ ଭାଙ୍ଗିଗଲା । ଲୋକଙ୍କ ଅଭିଯୋଗ କେହି ଶୁଣୁନାହାନ୍ତି, ଅଧିକାରୀମାନେ ନିଜ ଇଚ୍ଛାରେ ପ୍ରକଳ୍ପ ଚାଲାଉଛନ୍ତି, ଜନମତ ଓ ଅଞ୍ଚଳୀୟ ଆବଶ୍ୟକତାକୁ ଅଣଦେଖା କରୁଛନ୍ତି । ଅନ୍ୟପଟେ, ଜେସିଡିଏଲ୍‌ର କିଛି ଅଧିକାରୀ କହୁଛନ୍ତି– ପ୍ରକଳ୍ପଗୁଡ଼ିକ ଚାଲୁଛି ଓ ଅବଶିଷ୍ଟ କାମ ଶୀଘ୍ର ଶେଷ ହେବ । ଅନେକ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। କିନ୍ତୁ ଜନତାଙ୍କ ଅନୁଭବ ସେହି ଦାବି ସହ ସମ୍ପୂର୍ଣ୍ଣ ବିପରୀତ । ସ୍ଥାନୀୟମାନଙ୍କ ଅଭିଯୋଗ– ଜେସିଡିଏଲ୍‌ର କାମ ନିଆମିତ ନୁହେଁ, ନାହିଁ ଯାହାର ଗତି ଦେଖି ଲାଗେ ଯେ ଅବଶିଷ୍ଟ କାମ ସହଜେ ଶେଷ ହେବ । ଜେସିଡିଏଲ୍‌ର ମୂଳ ଲକ୍ଷ୍ୟ ଥିଲା ଜନହିତ ସହ ଶିଳ୍ପ ଉନ୍ନତି। କିନ୍ତୁ ବର୍ତ୍ତମାନ ଏହାର କାର୍ଯ୍ୟାଳୟ କେବଳ ଫାଇଲ ଓ ବୈଠକରେ ସୀମିତ ହୋଇପଡ଼ିଛ । ଶିଳ୍ପ ସଂସ୍ଥାମାନଙ୍କ ସିଏସ୍‌ଆର୍ ତହବିଲ ମଧ୍ୟ ସ୍ଥାନୀୟ ଜନହିତକୁ ଅଣସ୍ପର୍ଶିତ ରହିଛି, ଯେଉଁଠି ଜେସିଡିଏଲ୍‌ର ନିୟମିତ ତଦାରଖ ନାହିଁ । ଏହା ଫଳରେ ସଂସ୍ଥା ର କାର୍ଯ୍ୟ ପ୍ରତି ଜନତା ମଧ୍ୟରେ ପ୍ରଶ୍ନଚିହ୍ନ ଉଠିଛି । ଜନମତ ମଧ୍ୟରେ ଏବେ ଚେତାବନୀ ସ୍ୱର ଉଠିଛି –ଯଦି ସରକାର ଓ ଜିଲ୍ଲା ପ୍ରଶାସନ ସମୟରେ ଜେସିଡିଏଲ୍‌ର କାର୍ଯ୍ୟପ୍ରଣାଳୀ ଉପରେ ଗମ୍ଭୀର ହସ୍ତକ୍ଷେପ ନ କରନ୍ତି, ତେବେ ଏହି ସଂସ୍ଥା ଶିଳ୍ପ ଉନ୍ନତିରେ ନୁହେଁ, ବରଂ ଦୁର୍ନୀତି ହବ୍ ଭାବେ ପରିଚିତ ହେବ । ସରକାର ଓ ପ୍ରଶାସନଙ୍କ ପାଖରେ ଏବେ ଜନଦାବି–ଜେସିଡିଏଲ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପୁନଃ ସ୍ମରଣ କରି, ସ୍ଥାନୀୟ ଜନହିତକୁ ପ୍ରାଥମିକତା ଦିଅନ୍ତୁ । ନିୟମିତ ନିରୀକ୍ଷଣ ଓ ଦାୟିତ୍ୱ ନିର୍ଦ୍ଧାରଣ କଲେ ହେଲେ ମାତ୍ର ଜେସିଡିଏଲ୍‌ରେ ପୁନଃ ଜନଭରସା ଫେରିପାରିବ । ସମୟ ଆସିଛି– ସରକାର ଓ ପ୍ରଶାସନ ନିଜ ଦାୟିତ୍ୱ ନେଇ ଏହି ସଂସ୍ଥାକୁ ପୁନଃ ଜନମୁଖୀ ଦିଗରେ ଆଣନ୍ତୁ, ଏହାହିଁ ସାଧାରଣ ଲୋକଙ୍କ ଆଶା ଓ ଦାବି ।

ଦେଶରେ ଯେଉଁମାନେ କାର୍ ଚଢ଼ନ୍ତି, ପ୍ରତିବର୍ଷ ନୂଆ ନୂଆ କାର୍ ବଦଳାନ୍ତି ସେମାନେ କ'ଣ ଦେଶର ଏକମାତ୍ର ଖାଉଟି? ସେଇମାନଙ୍କ ସନ୍ତୁଷ୍ଟିକୁ ସମଗ୍ର ଭାରତବର୍ଷର ଲୋକଙ୍କ ସନ୍ତୁଷ୍ଟି ବୋଲି କୁହାଯିବ? ଟିଭି, ଫ୍ରିଜ, ୱାଶିଂମେସିନ, ଦାମୀ ମୋବାଇଲ୍‌ର ଦାମ୍ କମିଗଲେ ସାଧାରଣ ନିଅଁଣ୍ଟିଆ ବର୍ଗଙ୍କ କ'ଣ ସୁବିଧା ହେବ? ଏସବୁ ଜିନିଷର ଦର କମିବା କାନକୁ ଭଲ ଲାଗିବ ଶୁଣିବାକୁ–ମନକୁ କିନ୍ତୁ କଷ୍ଟ ଦେବ । ସାଧାରଣ ଲୋକଙ୍କ ପାଇଁ ରୋଷେଇ ଘରେ ବ୍ୟବହାର ହେଉଥିବା ଜିନିଷର ଦର ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏ କଥାଟିକୁ ସରକାର ମଧ୍ୟ ଗୁରୁତ୍ୱ ଦେବା ଉଚିତ୍ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୦ ଅକ୍ଟୋବର, ୨୦୨୫ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍

## ହାଣ୍ଡିଶାଳ ଉପରେ ଜିଏସ୍‌ଟି ହ୍ରାସର ପ୍ରଭାବ କ'ଣ?

ପାର୍ବଣ ଋତୁ ପୂର୍ବରୁ ଜିଏସ୍‌ଟି ହ୍ରାସ ସରକାରଙ୍କର ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ଭେଟି ବୋଲି କୁହାଯାଉଛି ।

ସୂଚନାଯୋଗ୍ୟ ମୁଦ୍ରାସ୍ଫୀତି ଗତ ୮ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ଖୁଚୁରା ମୁଦ୍ରାସ୍ଫୀତି ମାତ୍ର ୧.୫୪ ପ୍ରତିଶତରେ ପହଞ୍ଚିଥିବା ବେଳେ ଖାଦ୍ୟ ମୁଦ୍ରାସ୍ଫୀତି ନକାରାତ୍ମକ (–୨.୩ ପ୍ରତିଶତ) ହୋଇଛି ବୋଲି ପ୍ରକାଶ ପାଇଛି । ଜିଏସ୍‌ଟି ହ୍ରାସ ଯୋଗୁଁ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି । ପର୍ବପର୍ବାଣି ଏବଂ ବିବାହ ଋତୁ କାରବାର ୭ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ମାରୁତି ସୁଜୁକିର ବିକ୍ରୟ ଗତବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି । କେବଳ ଦୁର୍ଗାଷ୍ଟମୀରେ ୩୦ ହଜାର କାର୍ ବିକ୍ରିର ନୂଆ ରେକର୍ଡ ସହିତ କମ୍ପାନୀ ୩୫ ବର୍ଷ ମଧ୍ୟରେ ଗୋଟିଏ ଦିନରେ ସର୍ବାଧିକ ବିକ୍ରୟ କରିଛି । ମହିନ୍ଦ୍ରା ଏକ୍ସୟୁଭି ୭୦୦ ଏବଂ ସ୍କର୍ପିଓ ବିକ୍ରି ମଧ୍ୟ ୬୦ ପ୍ରତିଶତ ବୃଦ୍ଧି ପାଇଛି । ଟିଭି, ଫ୍ରିଜ, ୱାଶିଂମେସିନ ଭଳି ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକର ବିକ୍ରି ୪୦ରୁ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି । ସ୍ମାର୍ଟଫୋନ୍ ବିକ୍ରି ମଧ୍ୟ ବଢ଼ିଛି । ଏଥିରୁ ପ୍ରମାଣିତ ହେଉଛି ଜିଏସ୍‌ଟି ହ୍ରାସ ଦାମୀ ଏବଂ ଧନୀ ଲୋକଙ୍କୁ ହିଁ ସୁହାଇଛି ।

ପ୍ରଶ୍ନ ଉଠୁଛି ଜିଏସ୍‌ଟି କମିବା ସାଧାରଣ ଲୋକଙ୍କୁ କେତେ ଆଶ୍ୱସ୍ତ କରିଛି? ତେଲ, ଡାଲି, ଅଟା– ଏସବୁର ଦାମ୍ ଜିଏସ୍‌ଟି କମିବା ପୂର୍ବରୁ ଯେତେ ଥିଲା ଏବେ ବରଂ ସେଥିରେ ୨ରୁ ୫ ଟଙ୍କା ଯାଏଁ ଅଧିକ ହୋଇଛି, ମାନେ ବଢ଼ିଛି । ତେଣୁ ଜିଏସ୍‌ଟି କମିବା ସାଧାରଣ ଲୋକଙ୍କ ପକେଟ୍‌କୁ ହାଲ୍‌କା କରିବା ବଦଳରେ ବରଂ ଭାରାକ୍ରାନ୍ତ କରିଛି ।

ଜିଏସ୍‌ଟି କମିବା ପରେ କମ୍ପାନୀମାନେ ସେମାନଙ୍କ ପଣ୍ୟର ଦାମ୍ ଯେ ବଢ଼େଇପାରିବେନି– ଏଭଳି କୌଣସି ନିୟମ ଅଛି କି? ତେଣୁ ଜିଏସ୍‌ଟି କମିଲା ସତ, ହେଲେ ଲୋକଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ସଉଦାପତ୍ରର ଦର ତ କାଇଁ କମିନି? ଜିଏସ୍‌ଟି ହ୍ରାସ ଲୋକଙ୍କୁ ବିଭ୍ରାନ୍ତ କରୁଛି । ଦୋକାନୀକୁ ପଚାରିଲେ ଏହାର ସନ୍ତୋଷଜନକ ଉତ୍ତର ମିଳୁନି । ସେମାନେ କହିଛନ୍ତି– ଆମେ କ'ଣ କରିବୁ ଆଜ୍ଞା, ଯେତିକି ଲେଖା ହୋଇଛି ଆମେ ତା'ଠାରୁ କେତେ କମ୍‌ରେ ଆଉ ଦେଇପାରିବୁ? ପୂର୍ବ ଦରଠାରୁ ତ ଅଧିକ ଦର ଲେଖା ହୋଇ ଆସୁଛି । ଆପଣମାନେ ନିଜେ ଦେଖନ୍ତୁ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀ ଏବଂ ଯେଉଁମାନେ ଏହାର ବିପଣନ ଦାୟିତ୍ୱରେ ଅଛନ୍ତି ସେମାନଙ୍କ ଉପରେ ସରକାରଙ୍କର ଅଙ୍କୁଶ ଥିଲାଭଳି ଲାଗୁନି । ଜିଏସ୍‌ଟି ପୂରା ଶୂନ ହୋଇଗଲେ ଯେ ଜିନିଷର ଦାମ୍ କମିଯିବ ଏଭଳି ଆଶା କରିହେଉନି । ଜିଏସ୍‌ଟି କମୁ, କମ୍ପାନୀମାନେ ତ ଦର ବଢ଼ାଇ ଦେଇଥିବେ, ଲାଭ କ'ଣ ହେବ?

ଦେଶରେ ଯେଉଁମାନେ କାର୍ ଚଢ଼ନ୍ତି, ପ୍ରତିବର୍ଷ ନୂଆ ନୂଆ କାର୍ ବଦଳାନ୍ତି ସେମାନେ କ'ଣ ଦେଶର ଏକମାତ୍ର ଖାଉଟି? ସେଇମାନଙ୍କ ସନ୍ତୁଷ୍ଟିକୁ ସମଗ୍ର ଭାରତବର୍ଷର ଲୋକଙ୍କ ସନ୍ତୁଷ୍ଟି ବୋଲି କୁହାଯିବ? ଟିଭି, ଫ୍ରିଜ, ୱାଶିଂମେସିନ, ଦାମୀ ମୋବାଇଲ୍‌ର ଦାମ୍ କମିଗଲେ ସାଧାରଣ ନିଅଁଣ୍ଟିଆ ବର୍ଗଙ୍କ କ'ଣ ସୁବିଧା ହେବ? ଏସବୁ ଜିନିଷର ଦର କମିବା କାନକୁ ଭଲ ଲାଗିବ ଶୁଣିବାକୁ– ମନକୁ କିନ୍ତୁ କଷ୍ଟ ଦେବ । ସାଧାରଣ ଲୋକଙ୍କ ପାଇଁ ରୋଷେଇ ଘରେ ବ୍ୟବହାର ହେଉଥିବା ଜିନିଷର ଦର ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏ କଥାଟିକୁ ସରକାର ମଧ୍ୟ ଗୁରୁତ୍ୱ ଦେବା ଉଚିତ୍ । ଜିଏସ୍‌ଟି କମିବା ପୂର୍ବରୁ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ରିଫାଇନ୍‌ଡ ସୂର୍ଯ୍ୟମୁଖୀ ତେଲ ଦର ୧୪୫ ଟଙ୍କା ଥିଲା, ତାହା ଏବେ ୧୫୦ ଟଙ୍କା ହୋଇଛି । ପ୍ୟାକେଟ୍ ଅଟା କିଲୋ ପ୍ରତି ୪–୫ ଟଙ୍କା ବଢ଼ିଛି । ଏସବୁ ଦର ଉପହେର ଜିଏସ୍‌ଟି କମିବାର ପ୍ରଭାବ ତ କାଇଁ ଏଯାଏ ପଡ଼ିନି?

### ସତ ଦିନେନା ଦିନେ ପାତାଳ ଫୁଟି ବାହାରିବ


ସତ କହିବାକୁ କିଆଁ ଡରିବି
ଅମ୍ବିକା ପ୍ରସାଦ ଦାସ

ମହାଶୟ,

ପ୍ରସିଦ୍ଧ ଋଷ ଲେଖକ ତାଙ୍କର କ୍ଷୁଦ୍ରଗଳ୍ପ 'God Sees The Truth, But Waits'ରେ ସତ୍ୟର ଶକ୍ତି ବିଷୟରେ ଦର୍ଶାଇଛନ୍ତି । ସତ୍ୟ ହୁଏତ ବିଳମ୍ବିତ ହୋଇପାରେ କିନ୍ତୁ ଦିନେ ନା ଦିନେ ସେ ଅତି ଆଶ୍ଚର୍ଯ୍ୟଜନକ ଭାବରେ ପାତାଳରୁ ଫୁଟି ବାହାରେ, ଏକଥା ସତ୍ୟରେ ବିଶ୍ୱାସ କରୁଥିବା ବ୍ୟକ୍ତି ନିଶ୍ଚିତ ଭାବରେ ଅଙ୍ଗେ ନିଭାଇ ଥିବେ । ସତ୍ୟ କେବେ ହାରେ ନାହିଁ, କାରଣ ତାର ଦୁଇ ଭାଇ ହେଉଛନ୍ତି ବିଶ୍ୱାସ ଓ ଧୈର୍ଯ୍ୟ ।

**କୈଳାସ ଚନ୍ଦ୍ର ସାମନ୍ତରାୟ**, ଅନ୍ତେଇ, ପାଟକୁରା

ମହାଶୟ,

ସତ୍ୟର ଜୟ ସବୁବେଳେ କିନ୍ତୁ ସମୟ ସାପେକ୍ଷ । ଭଲ ଲେଖାଟିଏ ବିଶ୍ୱାସକୁ ଦୃଢ଼ିଭୂତ ପାଇ ।

**ଡ. ରାମଚନ୍ଦ୍ର ଦାଶ**, ଭୁବନେଶ୍ୱର

# ଗାନ୍ଧୀ ବଞ୍ଚିଥିଲେ କ'ଣ କରିଥାନ୍ତେ ?



**ଗାନ୍ଧୀ ନୁହନ୍ତି ଆଜିର ନେତା ! ସେ ହେଲେ ଜାତିର ପିତା ! ତେଣୁ ଅନଶନରୁ ଓହରିବେ କେମିତି ? ତାଙ୍କୁ ଜବରଦସ୍ତ ଡାକ୍ତରଖାନା ନେବା ମଧ୍ୟ ସମ୍ଭବ ନୁହେଁ । ତେଣୁ ସେମିତି ନଖାଇ ନଖାଇ ଦିନେ ଗାନ୍ଧୀଜୀଙ୍କର ଶେଷ ଅବସ୍ଥା ଆସନ୍ତା । ଏବେ ପାଟିରେ ଗଙ୍ଗାଜଳ ଦେବାର ସମୟ । କିନ୍ତୁ ସେତକ ଦେବାର ଉପାୟ କାଇଁ ? ସ୍ୱଚ୍ଛ ଗଙ୍ଗାଜଳ ମିଳିବ କେଉଁଠୁ ? ଗାନ୍ଧୀ ପାଣି ଟୋପେ ନପାଇ ସ୍ୱର୍ଗାରୋହରଣ କରନ୍ତେ ।**

ଗାନ୍ଧୀ ବଞ୍ଚିଥିଲେ କ'ଣ କରିଥାନ୍ତେ ? ଏହାର ସମ୍ଭାବ୍ୟ ଉତ୍ତର ଏହିପରି – ଗାନ୍ଧୀ ଏବେ ବଞ୍ଚିଥିଲେ ନିଶ୍ଚେ ମରିଯାଇଥାନ୍ତେ ।

ଏ ଉତ୍ତର ଉଭଟ ମନେ ହୋଇପାରେ । କିନ୍ତୁ ପ୍ରଶ୍ନଟି ଯେହେତୁ ଆନୁମାନିକ ତେଣୁ ଉତ୍ତରରେ ଅସ୍ୱାଭାବିକତା ରହିବା ସ୍ୱାଭାବିକ ।

ଗାନ୍ଧୀଙ୍କର ମୃତ୍ୟୁ ୧୯୪୮ରେ ହୋଇଛି । ସେ ଗୁଳିମାଡ଼ରେ ମରିନଥିଲେ ବି ଆଜିଯାଏଁ ବଞ୍ଚି ରହିନଥାନ୍ତେ । ତେଣୁ ବଞ୍ଚିଥିଲେ କ'ଣ କରିଥାନ୍ତେ ଏହାର ଉତ୍ତର ଅନେକ ପ୍ରକାର ହୋଇପାରେ । ତେବେ ମୋ ଉତ୍ତର ସବୁଠାରୁ ପ୍ରାସଙ୍ଗିକ । କାରଣ ଏ ଦେଶରେ ପ୍ରଚଳିତ ନିତିଦିନିଆ ଚଳଣିରୁ ଏହାର ଯଥାର୍ଥତା ଖୋଜି ବାହାର କରିଛି ମୁଁ ।

ଗାନ୍ଧୀଙ୍କର ଅତି ପ୍ରିୟ ଖଦି ବସ୍ତ୍ର ପ୍ରାୟ ଇତିହାସ ହୋଇଗଲାଣି । ତେଣୁ ଗାନ୍ଧୀ ବଞ୍ଚିଥିଲେ ନିଶ୍ଚିତଭାବେ ଲୋକଙ୍କୁ ଅରଟରେ ସୂତା କାଟିବା ସହିତ ଖଦି ବସ୍ତ୍ର ପରିଧାନ ପାଇଁ ପରାମର୍ଶ ଦିଅନ୍ତେ । ହେଲେ ଲୋକେ ତାଙ୍କର ଏ ପରାମର୍ଶ ଗ୍ରହଣ କରନ୍ତେ ନାହିଁ । ଦାମିକା ଲୁଗା ବୋଲି ସିନା କାଛିଆ ଆକାରର ଖଣ୍ଡେ ଦୁଇଖଣ୍ଡ ଦେହରେ ଗୁଡ଼େଇ ହେଉଛି ! ଖଦଡ଼ ଲୁଗାର ପ୍ୟାଣ୍ଟି ବ୍ରା କିଏ ପିନ୍ଧିବାକୁ ପସନ୍ଦ କରିବ ? ସେଠି ଶାଢ଼ି, ପ୍ୟାଣ୍ଟ, ସୁଟ୍ ପରି ବଡ଼ ବଡ଼ ଲୁଗା କଥା କିଏ ପଚାରେ ? ତା'ଛଡ଼ା ଏହି ଜାତୀୟ ବହିର୍ମୁଖୀ ଅନ୍ତର୍ବାସ ଖଦଡ଼ରେ ପ୍ରସ୍ତୁତ ହେଲେ ଦେହକୁ ଫୋଡ଼ିହେଲା ଭଳି ଲାଗିବନି ? ତେଣୁ ଭାରତବାସୀଙ୍କ ନିକଟରେ ଗାନ୍ଧୀଙ୍କର ଏହି ପରାମର୍ଶ ଯେ ଗ୍ରହଣୀୟ ହୁଅନ୍ତା ନାହିଁ ଏହା ମୁଁ ଜୋର୍‌ଦେଇ କହିପାରେ । ଏ ସମ୍ପର୍କରେ ଖଦି ନିକେତନ ସେଲ୍ସମ୍ୟାନ୍ ମୋ' ଠାରୁ ଆହୁରି ଭଲ କହିପାରିବେ ।

ଆପଣମାନେ ତ ଜାଣନ୍ତି, ଲୋକଙ୍କ ହିତରେ କୌଣସି କାର୍ଯ୍ୟ ହାସଲ କରିବାକୁ ଥିଲେ ଗାନ୍ଧୀ ଅନଶନ କରୁଥିଲେ । ବେଳେ ବେଳେ ଆମରଣ ଅନଶନରେ ବସୁଥିଲେ । ତେଣୁ ଖଦି ପ୍ରତି ଲୋକଙ୍କ ବିମୁଖତା ବିରୋଧରେ ସେ ନିଶ୍ଚେ ଆମରଣ ଅନଶନରେ ବସନ୍ତେ । ସେତେବେଳେ ଗଣମାଧ୍ୟମ ଏତେ ପ୍ରଭାବଶାଳୀ ନଥିଲା । ଟିଭିର ତ ଚିହ୍ନବର୍ଣ୍ଣ ନଥିଲା । ତେଣୁ ଅନଶନ କଥା ସେ ସମୟର ସରକାର ଜାଣିଲା ବେଳକୁ ଦିନେ ଦି'ଦିନ ଲାଗି ଯାଉଥିଲା । ଏବେ କେବଳ ପାଇଖାନାକୁ ଛାଡ଼ିଦେଲେ ଆଉ ପ୍ରାୟ ସବୁ ଜାଗାକୁ ଟିଭିବାଲା ଧସେଇ ପଶିଲେଣି । ତେଣୁ ବିଜୁଳି ବେଗରେ ଏ ଖବର ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କ ପାଖରେ ପହଞ୍ଚିଯାଆନ୍ତା । ଅରିଜିନାଲ୍ ରାଷ୍ଟ୍ରପିତା ଖାଉନାହାନ୍ତି, ଏ କଥା ଜାଣିଲେ ଆଉ ଲୋକେ ଶାସକ ଦଳକୁ ଭୋଟ୍ ଦେବାକୁ ଚାହିଁବେ ? ମୃତ୍ୟୁ ପରେ ଯାହାଙ୍କ ନାଁରେ କେତେକ'ଣ ଚାଲିଛି ସେ ସ୍ୱଦେହରେ ଅନଶନରେ ବସିଛନ୍ତି ଜାଣିଲେ କିଏ ଶାନ୍ତିରେ ବସନ୍ତା ? ସ୍ୱୟଂ ପ୍ରଧାନମନ୍ତ୍ରୀ ତାଙ୍କ ମନ୍ତ୍ରିମଣ୍ଡଳକୁ ନେଇ ଗୋଟେ ସ୍ୱତନ୍ତ୍ର ବିମାନରେ ଆସି ଅନଶନସ୍ଥଳରେ ପହଞ୍ଚି ଜାତିର ପିତାଙ୍କୁ ବୁଝାନ୍ତେ– ଜାଗତୀକରଣ, ମେକ୍ ଇନ୍ ଇଣ୍ଡିଆ, ସ୍ମାର୍ଟ ସିଟି, ବିଦେଶୀ ପୁଞ୍ଜି ବିନିଯୋଗ, ଡିଜିଟାଇଜେସନ୍, ଡିମନିଟାଇଜେସନ୍, କ୍ୟାସ୍‌ଲେସ୍ ଟ୍ରାନ୍‌ଜାକ୍‌ସନ୍ ଏ ସବୁ ପାଇଁ ସମସ୍ତେ ଆଗ୍ରହୀ ଥିବାବେଳେ ଆପଣ ଖଦିକୁ ନେଇ ଏତେ ମାତିବା ଠିକ୍ ନୁହେଁ । ତା' ଛଡ଼ା ସରକାର ନିଜେ ପରା ଖଦି ପାଇଁ ଆଗ୍ରହୀ । ଲୋକେ ନଚାହିଁଲେ ଆମେ କ'ଣ କରିବୁ କହୁନାହାନ୍ତି ? ତେଣୁ ଆପଣ ଆମକୁ ଭୁଲ୍ ବୁଝନ୍ତୁନି ।

ଏଇ ଧରଣର କିଛି କଥା କହି ତାଙ୍କୁ ବୁଝାଇ ସୁଝାଇ କମଳା ରସ ପିଆଇ ଅନଶନ ସ୍ଥଳରୁ ଉଠାନ୍ତେ ।

ଗାନ୍ଧୀ ବଞ୍ଚିଯାଆନ୍ତେ...

ଏବେ ଗାନ୍ଧୀଙ୍କ ଆଖିରେ ପଡ଼ନ୍ତା ବଡ଼ ବଡ଼ ଅକ୍ଷରରେ ଲେଖା ମଦ ଦୋକାନର ସାଇନ୍‌ବୋର୍ଡ଼ । ସେ ମଦ ଦୋକାନ ଆଗରେ ଅନଶନରେ ବସିବାକୁ ସ୍ଥିର କରନ୍ତେ । ହେଲେ କେତେ ଦୋକାନ ଆଗରେ ବସିବେ ? ଲକ୍ଷ ଲକ୍ଷ ଦୋକାନ, ସଂଖ୍ୟା ଗଣିହେବନି ! ଭାଟି ଆଗରେ ବି ଷ୍ଟେଜ୍ ତିଆରି କରି ସେଠି ବସିବାକୁ ଭାବନ୍ତେ, ହେଲେ ସେଠି ଦଳୀୟ ଗୁଣ୍ଡାମାନେ ତାଙ୍କୁ କ'ଣ ବସିବାକୁ ଦିଅନ୍ତେ ? ଶେଷରେ ସେ ମଦ ନିଗମ ଆଗରେ ଆମରଣ ଅନଶନରେ ବସନ୍ତେ । ବାସ୍ ! ଟିଭିବାଲା ସେଠି ପହଞ୍ଚି ତାଙ୍କଠାରୁ ଗୋଟେ ଦି'ଟା କାମୁଡ଼ା (ବାଇଟ୍) ଖାଇବା ପରେ ଏ ଖବର ପୁଣି ପହଞ୍ଚନ୍ତା ପ୍ରଧାନମନ୍ତ୍ରୀଙ୍କ ନିକଟରେ । ସେ ପୁଣି ଦଳବଳ ନେଇ ତାଙ୍କ ପାଖରେ ପହଞ୍ଚି ବୁଝାନ୍ତେ– ବାପୁ ! ଆପଣ ଯେଉଁ ରାସ୍ତା ଉପରେ ଚାଲୁଛନ୍ତି, ଯେଉଁ କଳରୁ ପାଣି ପିଉଛନ୍ତି, ଯେଉଁ ଡାକ୍ତରଖାନାରେ ଇଂଜେକ୍‌ସନ୍ ନେଉଛନ୍ତି, ରାତିରେ ଯେଉଁ ଆଲୁଅରେ ରାସ୍ତାଘାଟ ଠାବ କରିପାରୁଛନ୍ତି, ଆବର୍ଜନ କମ୍ ଥିବାରୁ ଟିକେ ଭଲରେ ନିଃଶ୍ୱାସ ନେଉଛନ୍ତି ଏ ସବୁ ହୋଇଛି କେମିତି ? ମଦରୁ ଏଥିପାଇଁ ଟଙ୍କା ଆସୁଛି । ରାଜକୋଷର ଅଧା ମଦ ପାଖରେ ବନ୍ଧା !

ଗାନ୍ଧୀ ଆବାକାବା ହୋଇ ଚାହିଁ ରହିଥିବା ବେଳେ ଗଣତାନ୍ତ୍ରିକ ସରକାରର ମୁଖ୍ୟ– ପ୍ରଧାନମନ୍ତ୍ରୀ ତାଙ୍କ ମୁହଁରେ କମଳା ରସର ଗିଲାସ ଲଗେଇ ଯେମିତି ମୁନ୍ଦାଏ ପିଆଇ ଦିଅନ୍ତେ ସେଇ ମୁହୂର୍ତ୍ତରେ ବାପୁଙ୍କ ଚାରିପଟେ ଥିବା ଶାସକ ଦଳର ନେତାଏ ହାତତାଳି ଦେଇ ଅନଶନ ଭଙ୍ଗକୁ ସ୍ୱାଗତ କରନ୍ତେ ।

ଗାନ୍ଧୀ ବଞ୍ଚିଯାଆନ୍ତେ...

ଏହାପରଠାରୁ ବାପୁ ଆଉ ମଦ ଦୋକାନର ସାଇନ୍‌ବୋର୍ଡ଼ ଆଡ଼େ ଅନାନ୍ତେ ନାହିଁ ।

ଏବେ ଗାନ୍ଧୀ ଦେଖନ୍ତେ ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନେ ତାଙ୍କ ପିଲାପିଲିଙ୍କୁ ସବୁ ଜାଗାରେ ଥଇଥାନ କରିସାରିଛନ୍ତି । ପୁରୁଷ ପୁରୁଷ ଧରି ଶାସନ ଡୋରି ସେମାନଙ୍କ ହାତରେ ! ଏମାନଙ୍କୁ ଦେଖି ସେ ଭାବନ୍ତେ– ମୁଁ ଏ ଦେଶକୁ ସ୍ୱାଧୀନ କଲି, କିନ୍ତୁ ମୋ ପିଲା କାବିଲା ଦିନେକାଳେ ଆସନ ଆଉ ଶାସନ ଆଡ଼କୁ ଚାହିଁଲେନି ! ହେଲେ ଏମାନଙ୍କ ପରିବାର ପୂରା ବ୍ୟବସ୍ଥାକୁ କବଳିତ କରି ରଖିଛନ୍ତି ! ଏ ତ ରାଜତନ୍ତ୍ରଠାରୁ ଆହୁରି ମାରାତ୍ମକ !

ଗାନ୍ଧିଜୀ ଏହା ବିରୋଧରେ ଆମରଣ ଅନଶନରେ ବସନ୍ତେ । ପୂର୍ବଥରମାନଙ୍କ ଭଳି ଏଥର ବି ଟିଭିବାଲା ପହଞ୍ଚି ତାଙ୍କ କାମୁଡ଼ା ସହିତ ଏ ସମ୍ବାଦ ପ୍ରସାର କରିବା ମାତ୍ରେ ଦଳୀୟ ଶତ୍ରୁତା ଭୁଲି, ସବୁ ଦଳର ସୁପ୍ରିମୋ ଗାନ୍ଧୀଙ୍କ ପାଖକୁ ଆସି ଯୋଡ଼ହସ୍ତରେ କୁହନ୍ତେ– ବାପୁ ! ଆପଣ ଅଯଥାରେ ଆମକୁ ଦୋଷାରୋପ କରୁଛନ୍ତି ! କିନ୍ତୁ ଆପଣ କ'ଣ ଜାଣିନାହାନ୍ତି ଯେ ଆପଣ ହିଁ ଆମକୁ ଗଣତନ୍ତ୍ର ଉପହାର ଦେଇଛନ୍ତି ? ଏବେ ସବୁକିଛି ଗଣତାନ୍ତ୍ରିକ ପଦ୍ଧତିରେ ହେଉଛି । ଆମ ହାତରେ କିଛି ନାହିଁ । ଆମେ କରିବୁ କ'ଣ ? ଆମେ ଚାହିଁଲେ ବି କରିପାରିବୁନି । ଆମେ କ'ଣ ଲୋକଙ୍କ ଉପରେ ? ସେମାନେ ଆମ ଆତ୍ମୀୟସ୍ୱଜନଙ୍କୁ ଭୋଟ୍ ଦେଇ ଜୟଯୁକ୍ତ କରୁଛନ୍ତି । ଆପଣ ମୂଳ କଥାଟି ନବୁଝି ଏହାକୁ ପରିବାରବାଦ ବୋଲି କହି ଅନଶନରେ ବସିବା ଗଣତନ୍ତ୍ର ପ୍ରତି ଉପହାସ ନୁହେଁ ?

ବାପୁ ପୁଣି ଆବାକାବା ହୋଇ ଚାହିଁ ରହିଥିବା ବେଳେ ଏଥର ବିରୋଧୀ ଦଳ ନେତା ତାଙ୍କ ପାଟିରେ ପଇଡ଼ ପାଣି ଦେଇ ତାଙ୍କ ଅନଶନ ଭାଙ୍ଗନ୍ତେ ।

ଗାନ୍ଧୀ ପୁଣି ବଞ୍ଚିଯାଆନ୍ତେ...

ଏମିତି ଦେଶସାରା ବୁଲି ବୁଲି ନାନା ଅପକର୍ମ– ଅପକୀର୍ତ୍ତି–ଭ୍ରଷ୍ଟାଚାର–ତୋଷାମଦି–ବେଇମାନି–ଲୁଟ୍ ଦେଖି ଦେଖି ଦିନେ ଗାନ୍ଧୀଙ୍କର ହୃଦ୍‌ବୋଧ ହୁଅନ୍ତା– ନାଃ, ମୋତେ ଯେତେ ଯାହା ବୁଝେଇଲେ କ'ଣ ହେବ ? ଏ ଦେଶର ସବୁ ଅବ୍ୟବସ୍ଥା ପାଇଁ ସବୁବେଳେ ଆସନ ଏବଂ ଶାସନ ଚାହୁଁଥିବା ଲୋକମାନେ ହିଁ ଦାୟୀ । ଏ ସବୁକୁ ଦୂର କରିବାକୁ ହେଲେ ପ୍ରଥମେ ଏମାନଙ୍କୁ ସୁଧାରିବା ଆବଶ୍ୟକ । ଗାନ୍ଧୀ ଏଥର ଅନଶନରେ ବସନ୍ତେ । ଘୋଷଣା କରନ୍ତେ– ମୋ କଷ୍ଟଲବ୍ଧ ସ୍ୱାଧୀନତା ଏମାନଙ୍କ ଯୋଗୁଁ ନଷ୍ଟ ହୋଇଛି । ଏହାର ପ୍ରତିକାର ଦରକାର । ଏମାନେ ନସୁଧୁରିବା ଯାଏଁ ମୁଁ ଅନଶନରୁ ଉଠିବି ନାହିଁ । ପଛେ ମୋର ପ୍ରାଣ ଯାଉ...

ଏ ବଜ୍ରଘୋଷଣା ପରେ ନେତାମାନେ ପୁଣି ଦଳୀୟ ଶତ୍ରୁତା ଭୁଲି ପାରମ୍ପରିକ ଶୈଳୀରେ ତାଙ୍କ ପାଖକୁ ଆସନ୍ତେ । ତାଙ୍କୁ ବୁଝାନ୍ତେ । କୁହନ୍ତେ– ବାପୁ ! ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଆମେ ସୁଧୁରିଯିବୁ, ସ୍ୱଚ୍ଛ ଜୀବନ ବିତାଇ ସ୍ୱଚ୍ଛ ଭାରତ ଗଢ଼ିବୁ । ଲୋକଙ୍କୁ ପରସ୍ପର ବିରୋଧରେ ନଲଢ଼େଇ, ଆମେ ତାଙ୍କ ଉନ୍ନତି ପାଇଁ ଲଢ଼ିବୁ । ଟଙ୍କାରେ ଥିବା ଆପଣଙ୍କ ମୁଣ୍ଡର ଟେକ ରଖିବୁ । ଟଙ୍କାଆଡ଼କୁ ଚାହିଁବୁନି କି ଲୁଟିକରି ଖାଇବୁନି ! ପରଟାରେ ଆଦୌ ମନ ଦେବୁନି ।

ସେମାନଙ୍କର ଏ ପ୍ରତିଶ୍ରୁତି ଶୁଣି ଗାନ୍ଧୀ କୁହନ୍ତେ– ''ଆଉ ଏ ସବୁ ଚାଲାକି ଚଳିବନି । ତୁମେ ସମସ୍ତେ କେବେ ସ୍ୱଚ୍ଛ ହେବ ନିର୍ଦ୍ଦିଷ୍ଟ ତାରିଖ କୁହ, ତା'ହେଲେ ସେଇଦିନ ମୁଁ ଅନଶନରୁ ଉଠିବି ।''

ଝାଡୁ ଧରି ପାହାନ୍ତା ପହରୁ ରାସ୍ତା ଓଳେଇ ସ୍ୱଚ୍ଛତାର ସ୍ଲୋଗାନ ଦେବା ସହଜ । କିନ୍ତୁ ସ୍ୱଚ୍ଛ ଜୀବନର ପ୍ରତିଶ୍ରୁତି ? ଏହା ରାଜନୀତିରୁ ସନ୍ନ୍ୟାସ ନେବାର ଶପଥ ! ଏହା ଆଜି ଦିନରେ ପ୍ରାୟ ଅସମ୍ଭବ । ତେଣୁ ନେତାମାନେ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିପାରନ୍ତେ ନାହିଁ ।

ଗାନ୍ଧୀ ନୁହନ୍ତି ଆଜିର ନେତା ! ସେ ହେଲେ ଜାତିର ପିତା ! ତେଣୁ ଅନଶନରୁ ଓହରିବେ କେମିତି ? ତାଙ୍କୁ ଜବରଦସ୍ତ ଡାକ୍ତରଖାନା ନେବା ମଧ୍ୟ ସମ୍ଭବ ନୁହେଁ । ତେଣୁ ସେମିତି ନଖାଇ ନଖାଇ ଦିନେ ଗାନ୍ଧୀଜୀଙ୍କର ଶେଷ ଅବସ୍ଥା ଆସନ୍ତା । ଏବେ ପାଟିରେ ଗଙ୍ଗାଜଳ ଦେବାର ସମୟ । କିନ୍ତୁ ସେତକ ଦେବାର ଉପାୟ କାଇଁ ? ସ୍ୱଚ୍ଛ ଗଙ୍ଗାଜଳ ମିଳିବ କେଉଁଠୁ ? ଗାନ୍ଧୀ ପାଣି ଟୋପେ ନପାଇ ସ୍ୱର୍ଗାରୋହରଣ କରନ୍ତେ ।

## ଶ୍ୟାମାକାଳୀ ପୂଜା ଓ ନରକ ଚତୁର୍ଦ୍ଦଶୀ

■ ଉତ୍କଳାନନ୍ଦ ଅଜୟ କୁମାର ବେହେରା ■

କାର୍ତ୍ତିକ ଅମାବାସ୍ୟାରେ କାଳୀ ପୂଜା ବା ଶ୍ୟାମାକାଳୀ ପୂଜା ବା ମହାନିଶା ପୂଜା ଅନୁଷ୍ଠିତ ହୁଏ । ଯିଏ ମହାକାଳୀ, ସେ ହିଁ ନିତ୍ୟକାଳୀ, ଶ୍ମଶାନକାଳୀ, ରକ୍ଷାକାଳୀ ଓ ଶ୍ୟାମାକାଳୀ। ଶ୍ୟାମାକାଳୀ, ମହାକାଳୀଙ୍କର ଅପେକ୍ଷାକୃତ କମ୍ ଉଗ୍ର ରୂପ ହୋଇଥିବାରୁ, ଘରେ ଘରେ ପୂଜିତା। ଉତ୍ତର ଭାରତରେ ଏହି ଦିନରେ ମହାଲକ୍ଷ୍ମୀ ପୂଜା ହେଉଥିବା ବେଳେ ପଶ୍ଚିମ ବଙ୍ଗ, ଓଡ଼ିଶା ଓ ଆସାମରେ କାଳୀ ପୂଜା ଅନୁଷ୍ଠିତ ହୁଏ। ସାର୍ବଜନୀନ କାଳୀ ପୂଜାର ଆରମ୍ଭ ବଙ୍ଗ ପ୍ରଦେଶରୁ। ଅଷ୍ଟାଦଶ ଶତାବ୍ଦୀରେ ନବଦ୍ୱୀପର ରାଜା କୃଷ୍ଣଚନ୍ଦ୍ର ଏହା ଆରମ୍ଭ କରିଥିଲେ। ଉନ୍ନବିଂଶ ଶତାବ୍ଦୀରେ ତାଙ୍କ ନାତି ଈଶ୍ୱରଚନ୍ଦ୍ର ଏହାକୁ ଏକ ଲୋକପ୍ରିୟ ଉତ୍ସବରେ ପରିଣତ କରାଇଥିଲେ। ସପ୍ତଦଶ ଶତାବ୍ଦୀରେ ବଳରାମ ରଚିତ କାଳିକା ମଙ୍ଗଳକାବ୍ୟରେ କାଳୀ ପୂଜାର ଉଲ୍ଲେଖ ମିଳେ। ଏହି ଦିନରେ କାଳୀ ମାତାଙ୍କ ଗଳାରେ ରକ୍ତଜବା ମାଳ ପିନ୍ଧାଇବା ସହ ମାଛ–ମାଂସ ଭୋଗ ହୁଏ। ପୁଣି ଏହି ଦିନରେ କଲିକତାର କାଳୀଘାଟ ମନ୍ଦିର ଓ ଗୁଆହାଟୀର କାମାକ୍ଷା ମନ୍ଦିରରେ କାଳୀ ମାତାଙ୍କୁ ଲକ୍ଷ୍ମୀ ଭାବେ ପୂଜା କରାଯାଏ।

ନରକ ଚତୁର୍ଦ୍ଦଶୀରେ ଯମରାଜଙ୍କୁ ପୂଜା କରାଯାଇଥାଏ । ବଳିଙ୍କ ଭକ୍ତିରେ ପ୍ରସନ୍ନ ହୋଇ ବାମନ ଭଗବାନ ତାଙ୍କୁ ତିନୋଟି ବର ମାଗିବାକୁ କହିଥିଲେ । କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ଦିନ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ନରକ ଚତୁର୍ଦ୍ଦଶୀରେ ଦୀପଦାନ କରୁଥିବା ବ୍ୟକ୍ତିକୁ ଯମଯାତନା ମିଳିବ ନାହିଁ, ଲକ୍ଷ୍ମୀ ଛାଡ଼ି ଯିବେ ନାହିଁ ଏବଂ ସର୍ବଦା ତାଙ୍କ ଉପରେ ଭଗବାନ ବିଷ୍ଣୁଙ୍କ କୃପା ରହିବ । ବାମନ ଭଗବାନଙ୍କ ଆଶୀର୍ବାଦ କ୍ରମେ ଏହି ଦିନ ନରକ ଚତୁର୍ଦ୍ଦଶୀ ନାମରେ ଖ୍ୟାତ ହେଲା । ଏହି ପବିତ୍ର ତିଥିରେ ଯମରାଜ ଏବଂ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଦୀପ ଜଳାଯାଇଥାଏ । ଏହି ଦିନ ଯମରାଜଙ୍କ ପୂଜା କରୁଥିବା ବ୍ୟକ୍ତି ନରକ ଯାତନା ଭୋଗେ ନାହିଁ ବୋଲି ପୁରାଣରେ ବର୍ଣ୍ଣିତ ରହିଛି ।

ଆଉ ଏକ ଆଖ୍ୟାନ ଅନୁଯାୟୀ ନରକ ଚତୁର୍ଦ୍ଦଶୀ ଦିନ ଭଗବାନ କୃଷ୍ଣ ନରକାସୁରର ବଧ କରିଥିଲେ ଏବଂ ତା'କବଳରୁ ୧୬ ହଜାର ୧୦୦ କନ୍ୟାଙ୍କୁ ମୁକୁଳାଇଥିଲେ । ନରକ ଚତୁର୍ଦ୍ଦଶୀ ଦିନକୁ ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜୁରାଟରେ କାଳୀ ଚୌଦସ୍ ନାମରେ ପାଳନ କରାଯାଏ । ଗୋଆରେ ଏହି ଦିନ ନର୍କାସୁରର ପ୍ରତିମା ନିର୍ମାଣ କରାଯାଇ ଜଳାଯାଇଥାଏ । ବଙ୍ଗରେ ଏହି ପର୍ବ କାଳୀ ଚୌଦସ ବା ଦେବୀ କାଳୀଙ୍କ ଜନ୍ମ ଦିବସ ରୂପରେ ପାଳନ କରାଯାଇଥାଏ । ନରକ ଚତୁର୍ଦ୍ଦଶୀରେ ମୃତ୍ୟୁର ଦେବତା ଯମରାଜା, ମା'କାଳୀ, ଭଗବାନ ହନୁମାନ, ଦେବୀ ଲକ୍ଷ୍ମୀ, ଭଗବାନ ବିଷ୍ଣୁଙ୍କ ପୂଜା କରାଯାଏ । ଏହି ପର୍ବ ଦିନ ସନ୍ଧ୍ୟାରେ ଦକ୍ଷିଣ ଦିଗକୁ ତିଳ ବା ରାଶି ତେଲରେ ଦୀପ ଜାଳିଲେ ଅକାଳ ମୃତ୍ୟୁ ଯୋଗ କଟିଥାଏ । ଏହି ଦିନ ଭଗବାନ କୃଷ୍ଣଙ୍କ ପୂଜା କରିବାର ମଧ୍ୟ ବିଧି ରହିଛି ।

ଅରୁଣୋଦୟ ମାର୍କେଟ, କଟକ,
ମୋ. ୯୪୩୭୦୩୧୨୫୩

## ତମସୋ ମା' ଜ୍ୟୋତିର୍ଗମୟଃ

■ ସୁବ୍ରତ ଦାସ ■

ଆଲୋକର ପର୍ବ 'ଦୀପାବଳୀ' ୨୦ ତାରିଖ ଦିନ ଅନୁଷ୍ଠିତ ହେଉଛି । ସେହିଦିନ ସବୁ ଦେବାଳୟରେ ଦୀପ ଜଳିବା ସାଙ୍ଗକୁ ସବୁ ପୁରପଲ୍ଲୀଠାରେ ଘର ଲିପାପୋଛା କରିବା ସହିତ ଅଗଣା ଓ ଚଉରା ପାଖରେ ମୁରୁଜ ପକାହୁଏ । ର୍ଯ୍ୟ ଅସ୍ତ ହେଲେ ସେହିଠାରେ ଦୀପ ଲଗାଯାଏ । ସାରାରାତି ଲୋକେ ଉଜାଗର ରହି ଦୀପ ଜାଳନ୍ତି । ବିଶେଷତଃ ବିବାହିତା ସ୍ତ୍ରୀ ଲୋକ ଓ ବିଧବା ମହିଳା ଓ ଅବିବାହିତ ଯୁବତୀମାନେ ରାତ୍ରି ଉଜାଗର ରହନ୍ତି ।

ରାତିରେ ବାଣଫୁଟା ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ସାହିବସ୍ତି ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ରାତିରେ ବିଭିନ୍ନ ସ୍ଥାନରେ କାଳୀପୂଜା ଅନୁଷ୍ଠିତ ହୋଇଥାଏ ।

ଭଦ୍ରକରେ କାଳୀପୂଜା ମହାସମାରୋହରେ ଅନୁଷ୍ଠିତ ହୁଏ । ମେଢ଼ ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କର ଭିଡ଼ ପରିଲକ୍ଷିତ ହୁଏ । ଏହାଛଡ଼ା ବିଭିନ୍ନ କାଳୀପୀଠ ନିକଟରେ ମେଳା ଆୟୋଜିତ ହୋଇଥାଏ ।

ଅନ୍ଧକାର ଉପରେ ଆଲୋକର ବିଜୟ ଦୀପାବଳୀର ବିଶେଷତ୍ୱ । ଏହି ପର୍ବ ଉତ୍ତର ଭାରତରେ ମହାସମାରୋହରେ ପାଳିତ ହୁଏ। ସ୍କୁଲ୍ କଲେଜ୍ ଅଫିସ୍ ସବୁ ବହୁତ ଦିନ ଧରି ଛୁଟି ହେବା ସାଙ୍ଗକୁ ଉପହାର ଦିଆନିଆ ଚାଲେ । କାଜୁ, କିସ୍‌ମିସ୍, ଆଲମଣ୍ଡ, ଅଖରୋଟ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ଖାଦ୍ୟ ଜିନିଷ ଆଦାନ ପ୍ରଦାନ ହୁଏ । ଏହାଛଡ଼ା ନୂଆ ଲୁଗା, ବିଭିନ୍ନ ରଙ୍ଗୀନ ଦୀପ ମଧ୍ୟ ବିନିମୟ ହୁଏ । ଆଲୋକର ପର୍ବ ଦୀପାବଳୀରେ ମାଟିଦୀପ ଓ ବିଭିନ୍ନ ବୈଦ୍ୟୁତିକ ଉପକରଣ ଦ୍ୱାରା ସାଜସଜ୍ଜା କରାଯାଇଥାଏ । ଦୀପ ଆଲୋକ ଓ ରଙ୍ଗିନ ବୈଦ୍ୟୁତିକ ଆଲୋକମାଳା ଦ୍ୱାରା ଅନ୍ଧାରକୁ ଦୂରକରାଯାଏ । ଅଜ୍ଞାନ ରୂପକ ଅନ୍ଧକାରକୁ ଜ୍ଞାନରୂପକ ଆଲୋକ ଦ୍ୱାରା ଜୟ କରାଯାଇଥାଏ ବୋଲି ବିଶ୍ୱାସ । ସେଥିପାଇଁ କୁହାଯାଏ 'ତମୋସୋ ମା' ଜ୍ୟୋତିର୍ଗମୟଃ'।

## 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...'

■ ଡ. ବିଚିତ୍ରାନନ୍ଦ ଆଚାର୍ଯ୍ୟ ■

ଆଲୋକର ପର୍ବ ଦୀପାବଳି । କାର୍ତ୍ତିକ ଅମାବାସ୍ୟା ହେଉଛି, ଦୀପାବଳି ଅମାବାସ୍ୟା । ଅନ୍ଧକାର ଉପରେ ଆଲୋକ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟ ଉତ୍ସବ ହେଉଛି ଦୀପାବଳି । ଅନ୍ଧକାରର ବିନାଶ ଏବଂ ଜ୍ଞାନ ଓ ଆଲୋକର ଉଲ୍ଲାସ ହେଉଛି ଦୀପାବଳିର ପ୍ରତୀକ । ଏହି ଦିନ ରାତିରେ ଘରେ ଘରେ କେବଳ ସୌନ୍ଦର୍ଯ୍ୟ ପାଇଁ ଆଲୋକମାଳା ସଜାଯାଏ ନାହିଁ, ଏହା ଜୀବନର ଗଭୀର ସତ୍ୟକୁ ଅଭିବ୍ୟକ୍ତ ମଧ୍ୟ କରେ । ଆଲୋକ ଯେମିତି ଅନ୍ଧକାରକୁ ଲିଭାଇ ଦିଏ, ଜ୍ଞାନର ଆଲୋକ ସେମିତି ଅଜ୍ଞାନ ଅନ୍ଧକାରକୁ ମଧ୍ୟ ହଟାଇ ଦିଏ । ହୃଦୟରେ ଜ୍ଞାନର ପ୍ରକାଶକୁ ପ୍ରଜ୍ୱଳିତ କରିବା ପାଇଁ ଏହି ଦୀପ ପର୍ବ ପାଳନ କରାଯାଏ । ଧର୍ମ ଓ ଆଧ୍ୟାତ୍ମିକତାର ମହୋତ୍ସବ ଦୀପାବଳି । ଘରର ସୁଖସମୃଦ୍ଧି ପାଇଁ ମା'ଲକ୍ଷ୍ମୀଙ୍କୁ ମଧ୍ୟ ଏହିଦିନ ଆରାଧନା କରାଯାଏ । ବୈଦିକ ଯୁଗ ପରବର୍ତ୍ତୀ ପୁରାଣ ଯୁଗରେ ମଧ୍ୟ ଦୀପାବଳି ମହତ୍ତ୍ୱ ବୃଦ୍ଧିପାଇଛି । ପ୍ରକୃତ ପକ୍ଷେ ଦୀପାବଳି ହେଉଛି ପ୍ରତ୍ୟେକ ଭାରତୀୟଙ୍କ ସୌଭାଗ୍ୟପ୍ରାପ୍ତିର ମହୋତ୍ସବ ।

ସନାତନ ସଂସ୍କୃତି ଅନୁଯାୟୀ, ଏହି ଦିନ ପିତୃପୁରୁଷଙ୍କ ତୃପ୍ତି ନିମନ୍ତେ ଦୀପଦାନ ଶ୍ରାଦ୍ଧ ବା ପ୍ରୟା ଶ୍ରାଦ୍ଧ ଅନୁଷ୍ଠିତ ହୋଇଥାଏ । ଏହିଦିନ ଘରେ ଘରେ ପରଲୋକଗତ ସପ୍ତ ପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ । କାଉଁରିଆ କାଠି ଜାଳି ବଡ଼ବଡୁଆଙ୍କୁ ଡକାଯାଇଥାଏ । ସମସ୍ତେ ଦୀପ ଆଲୋକରେ ଏହିଦିନ ନିଜର ଘରଦ୍ୱାର ସଜେଇବା ସହ ପିତୃ ପୁରୁଷଙ୍କୁ ସ୍ମରଣ କରନ୍ତି । ଦୀପାବଳି ହେଉଛି ସୁଖରାତ୍ରି । ଏହା ଓଡ଼ିଶାର ଏକ ପାରମ୍ପରିକ ଉତ୍ସବ । ଆଲୋକର ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ ପାଇଁ ଘରେ ଘରେ ପ୍ରସ୍ତୁତି ଆରମ୍ଭ ହୋଇଛି । ଅନ୍ଧକାର ଦୂର କରି ପରିବେଶକୁ ଆଲୋକିତ କରିବା ପାଇଁ ଦୀପାବଳି ପାଳନ ହେଉଥିଲେ ମଧ୍ୟ ଏହାର ମୁଖ୍ୟ ଆକର୍ଷଣ ହେଉଛି ଆତସବାଜି । ଏବେ ମିଠା ଓ ଆତସବାଜି ଦୀପାବଳି ମହୋତ୍ସବକ ମତରେ ଦ୍ୱାପର ଯୁଗରେ ଦୀପାରି ନାମକ ଏକ ଦୈତ୍ୟର ଅତ୍ୟାଚାରରେ ଅତିଷ୍ଠ ହୋଇ ଦ୍ୱାରିକାଧିପତି ଶ୍ରୀକୃଷ୍ଣଙ୍କ ନିକଟରେ ପ୍ରଜାମାନେ ଗୁହାରି କଲେ । ଶ୍ରୀକୃଷ୍ଣ ଏହିଦିନ ଦୀପାରି ଅସୁରକୁ ବଧ କରିଥିବାରୁ ଏହି ଉପଲକ୍ଷେ ଦୀପାବଳି ଉତ୍ସବ ପାଳନ କରାଯାଉଛି । ଧର୍ମଶାସ୍ତ୍ର ମତରେ, ଏହିଦିନ ଶ୍ରୀକୃଷ୍ଣ ମହାକାଳୀଙ୍କ ସହାୟତାରେ ନାରକାସୁରକୁ ବଧ କରିଥିଲେ । ନରକାସୁର ମୃତ୍ୟୁବରଣ କରିବା ପୂର୍ବରୁ ତା'ର ମୃତ୍ୟୁ ଦିବସକୁ ଜଗତରେ ଆନନ୍ଦ ଉତ୍ସବର ଦିବସ ରୂପେ ପାଳନ କରିବାକୁ ବର ମାଗିଥିଲା । ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ସେହି ବର ପ୍ରଦାନ କରି ମୃତ୍ୟୁକାଳୀନ ଇଛା ପ୍ରଦାନ କରିଥିବାରୁ ଏହି ଉପଲକ୍ଷେ ଦୀପାବଳି ଉତ୍ସବ ପାଳନ କରାଯାଉଛି ।

ରାମାୟଣ ମତରେ, ଶ୍ରୀରାମଚନ୍ଦ୍ର ଚଉଦ ବର୍ଷ ବନବାସ ପରେ ଏହିଦିନ ଭାଇ ଲକ୍ଷ୍ମଣ, ପତ୍ନୀ ସୀତା ଏବଂ ହନୁମାନ ପ୍ରମୁଖ ବାନରବୀରଙ୍କୁ ଧରି ଅଯୋଧ୍ୟା ଫେରିଥିଲେ । ପୁରୁଷୋତ୍ତମଙ୍କୁ ସ୍ୱାଗତ ଜଣାଇବା ପାଇଁ ଅଯୋଧ୍ୟାବାସୀ ନିଜ ଘର ଏବଂ ଅଯୋଧ୍ୟା ନଗରୀକୁ ଆଲୋକମାଳାରେ ସଜାଇଥିଲେ । ଏହି ସ୍ମୃତିସ୍ୱରୂପ ସମଗ୍ର ଭାରତବର୍ଷରେ ଦୀପାବଳି ଉତ୍ସବ ପାଳିତ ହୋଇଆସୁଛି । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କରିବାର ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ସେହିଦିନ ଥିଲା ଦୀପାବଳି । ଅସୁର ବଧ ପାଇଁ ମା' ଦୁର୍ଗା ମହାକାଳୀ ରୂପ ଧାରଣ କରିଥିଲେ । ଅସୁର ବଧ ପରେ ତାଙ୍କ କ୍ରୋଧ ପ୍ରଶମିତ ହୋଇନଥିଲା । କ୍ରୋଧକୁ ପ୍ରଶମିତ କରିବା ପାଇଁ ଭଗବାନ ଶିବ ମହାକାଳୀଙ୍କ ଚରଣ ତଳେ ଶୋଇପଡ଼ିଥିଲେ । ଏହି ସ୍ମୃତିକୁ ଲକ୍ଷ୍ମୀପୂଜନ ଆରମ୍ଭ ହେଲା । ଦୀପାବଳି ରାତିରେ ରୁଦ୍ରରୂପୀ କାଳୀଙ୍କ ପୂଜାବିଧାନ ରହିଛି । ସେହିପରି ରାଜା ବଳିଙ୍କ ଦାନ ପଣରେ ଦେବତାମାନେ ଭୀତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣ ଗଲେ । ବିଷ୍ଣୁ ବାମନ ରୂପରେ ବଳିଙ୍କ ଠାରୁ ତିନିଲୋକ ପ୍ରାପ୍ତ ହେଲେ ଓ ବଳିଙ୍କୁ ପାତାଳକୁ ଚାପିଦେଲେ । ତେବେ ଭଗବାନ କଥା ଦେଲେ ଯେ ବଳି ବର୍ଷକେ ଥରେ ପୃଥ୍ୱୀଲୋକକୁ ଆସିପାରିବେ । ତାଙ୍କ ଆଗମନରେ ଭୂଲୋକବାସୀ ଆନନ୍ଦର ସହ ଦୀପ ପ୍ରଜ୍ୱଳିତ କରିବେ । ସେହିଦିନ ଠାରୁ ଦୀପାବଳି ପର୍ବ ଆରମ୍ଭ ହେଲା । ଦୀପାବଳି ପରଦିନ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥାଏ । ଋଷି ଦୁର୍ବାସାଙ୍କ ଅଭିଶାପରୁ ଲକ୍ଷ୍ମୀଙ୍କର ସତ୍ତା ଲୋପ ପାଇଯାଇଥିଲା । କାର୍ତ୍ତିକ ଅମାବାସ୍ୟା ଦୀପାବଳି ଦିନ ସମୁଦ୍ରମନ୍ଥନ ସମୟରେ ମହାଲକ୍ଷ୍ମୀଙ୍କ ଆବିର୍ଭାବ ହୋଇଥିବାରୁ ଏହି ଦିନ ମହାଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଥାଏ । ପୁରାଣ କାହାଣୀ ଅନୁଯାୟୀ, ଇନ୍ଦ୍ରଙ୍କ ପ୍ରଚଣ୍ଡ କ୍ରୋଧ ଓ ପ୍ରବଳ ବର୍ଷା ଦାଉରୁ ରକ୍ଷା କରି ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପାହାଡ଼କୁ ଗୋଟିଏ ଆଙ୍ଗୁଠିରେ ଉଠାଇ ସମଗ୍ର ଗୋପପୁରକୁ ଏହିଦିନ ଉଦ୍ଧାର କରିଥିବାରୁ ଗୋପପୁରବାସୀ ଏହି ଉତ୍ସବ ପାଳନ କରିଆସୁଛନ୍ତି ।

ଅତୀତର ମହାନ ପରମ୍ପରାପୁଷ୍ଟ ଦୀପାବଳି ଓ ବର୍ତ୍ତମାନର ଆଭିଜାତ୍ୟ ପୂର୍ଣ୍ଣ ବାଣ ଫୁଟା ପର୍ବ ଦୀପାବଳି ପାଳନ ବ୍ୟବସ୍ଥାକୁ ତୁଳନା କଲେ ଆମେ କିପରି ଏହି ମହାନ୍ ପର୍ବର ଉଚ୍ଚ ସଂସ୍କୃତିଠାରୁ ଦୂରେଇ ଯାଉଛୁ ତାହା ସ୍ପଷ୍ଟ ହୋଇଥାଏ । ପର୍ବ ପାଳନର ଆନନ୍ଦ ମଧ୍ୟରେ ଯଦି ଦୁଃଖ ଆସିଲା, ମଣିଷଙ୍କ ସମେତ ଧରାପୃଷ୍ଠରେ ବସବାସ କରୁଥିବା ଅସଂଖ୍ୟ ଜାତିର ଜୀବଜନ୍ତୁ ଭୟାତୁର ଓ କ୍ଷତିଗ୍ରସ୍ତ ହେଲେ, ପକ୍ଷୀ, କୀଟପତଙ୍ଗ ଆତଙ୍କିତ ହେଲେ ତେବେ ଏଭଳି ଉତ୍ସବ ପାଳନ ମାଧ୍ୟମରେ ଆମେ ଲାଭ କରୁଛେ କି କ୍ଷତି ଆଣୁଛେ ତାହା ଏବର ପରିପ୍ରେକ୍ଷୀରେ ଗୁରୁତ୍ୱ ସହ ବିଚାର କରିବାର କଥା । ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା – 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...' ।

*ବିଭବ, ଆଚାର୍ଯ୍ୟ କଲୋନୀ,*
*ବାଲିଗୁଡ଼ା, କନ୍ଧମାଳ,*
*ମୋ : ୯୪୩୭୨୪୨୩୧୭*




# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୦ ଅକ୍ଟୋବର ୨୦୨୫ ସୋମବାର ପୃଷ୍ଠା ୫


## ତମସୋ ମା ଜ୍ୟୋତିର୍ଗମୟ

ଭାରତ ଜନନୀ ତା'ର ସଂସ୍କୃତ ଭାଷା ଓ ସଂସ୍କୃତି ଏହି ଦୁଇଟି ବିଷୟ ପାଇଁ ସାରା ବିଶ୍ୱରେ ବନ୍ଦନୀୟା । ବାର ମାସରେ ତେର ପର୍ବ ପାଳିତ ହେଉଥିବା ଏହି ଦେଶରେ ପବିତ୍ର କାର୍ତ୍ତିକ ମାସର ଅମାବାସ୍ୟା ରାତ୍ରିରେ ସର୍ବତ୍ର ପ୍ରଜ୍ୱଳିତ ହୋଇଥାଏ ଅସଂଖ୍ୟ ଦୀପାଳି । ଏହି ପୂଣ୍ୟଭୂମି, କର୍ମଭୂମି, ଜନ୍ମଭୂମି ଭାରତବର୍ଷରେ ପାଳିତ ହେଉଥିବା ପ୍ରତ୍ୟେକ ପ୍ରଥା, ପରମ୍ପରା ତଥା ପର୍ବପର୍ବାଣି ପଛରେ ଲୁକ୍କାୟିତ ଥାଏ କୌଣସି ନା କୌଣସି ପୃଷ୍ଠଭୂମି ।

ପୌରାଣିକ ଉପାଖ୍ୟାନ ଅନୁଯାୟୀ ଏହିଦିନ ରଘୁକୁଳତିଳକ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଅଧର୍ମ ଉପରେ ଧର୍ମର ବିଜୟ ପ୍ରାପ୍ତି କରି ଫେରି ଆସିଥିଲେ ଅଯୋଧ୍ୟା ପୁରୀକୁ । ଅଯୋଧ୍ୟାବାସୀ ନିଜ ରାଜାଙ୍କୁ ସ୍ୱାଗତ କରିବା ପାଇଁ ସାରା ରାଜ୍ୟରେ ଦୀପ ପ୍ରଜ୍ୱଳନ କରି ଆନନ୍ଦ ଉଲ୍ଲାସରେ ସ୍ୱାଗତ କରିଥିଲେ ଶ୍ରୀରାମଚନ୍ଦ୍ରଙ୍କୁ । ସେହିପରି, ଯେତେବେଳେ ଭଗବାନ୍ ବିଷ୍ଣୁ ବାମନ ଅବତାରରେ ନିଜ ପାଦରେ ବଳିରାଜାଙ୍କୁ ପାତାଳକୁ ଠେଲିଦେଲେ ସେଦିନ ବଳିରାଜା ନିଜ ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ପାଇଁ ଗୋଟିଏ ଦିନ ସମୟ ମାଗିଥିଲେ । ତେଣୁ ବିଶ୍ୱାସ ରହିଛି ପ୍ରତିବର୍ଷ ଦୀପାବଳି ଦିନ ବଳିରାଜା ମର୍ତ୍ତ୍ୟକୁ ଆଗମନ କରନ୍ତି ଓ ମର୍ତ୍ତ୍ୟବାସୀ ଦୀପ ଜାଳି ରାଜାଙ୍କୁ ସ୍ୱାଗତ ଜଣାଇଥାଆନ୍ତି। ଅନ୍ୟ ଏକ ପୌରାଣିକ ମତବାଦ ଅନୁଯାୟୀ ଏହିଦିନ ନରକାସୁରକୁ ଶ୍ରୀକୃଷ୍ଣ ବଧ କରିଥିଲେ । ତେଣୁ ଧର୍ମର ବିଜୟ ଓ ଅଧର୍ମର ବିନାଶ ଉଦ୍ଦେଶ୍ୟରେ ଏହି ଦିବସରେ ଜ୍ୟୋତି ପ୍ରଜ୍ୱଳନ କରାଯାଇଥାଏ । କେହି କେହି କୁହନ୍ତି ଏହିଦିନ ମାତା ଲକ୍ଷ୍ମୀ ତୈଳ ମଧ୍ୟରେ ଓ ଗଙ୍ଗାଜଳରେ ରହିଥାନ୍ତି । ଜୈନ ଧର୍ମାବଲମ୍ବୀମାନେ କୁହନ୍ତି, ଏହିଦିନ ମହାବୀର ଜୈନ ନିର୍ବାଣ ପ୍ରାପ୍ତ ହୋଇଥିଲେ । ତେଣୁ ଜୈନମାନେ ମହାବୀରଙ୍କ ସ୍ମୃତିକୁ ମନେ ପକାଇ ପ୍ରଦୀପ ପ୍ରଜ୍ୱଳନ କରିଥାନ୍ତି ।

ଅନ୍ୟ ଏକ ମତବାଦ ଅନୁଯାୟୀ ମହାଳୟା ଦିବସରେ ପିତୃପୁରୁଷ ଅନ୍ଧକାରରେ ପିଣ୍ଡଗ୍ରହଣ ଉଦ୍ଦେଶ୍ୟରେ ମର୍ତ୍ତ୍ୟଲୋକ ଆସିଥାନ୍ତି ଏବଂ ଦୀପାବଳି ଦିନ ଫେରିଯାଆନ୍ତି । ତାଙ୍କରି ଯିବାପଥକୁ ଆଲୋକିତ କରିବା ପାଇଁ ପୃଥିବୀବାସୀ ପ୍ରଦୀପ ଜାଳି ତାଙ୍କୁ ବିଦାୟ ଦିଅନ୍ତି । ଦୀପ ଓ କାଉଁରିଆ କାଠି ଜଳାଇବା ସମୟରେ ସମସ୍ତଙ୍କ ମୁଖରୁ ସ୍ୱତଃ ଝରିଆସେ ବଡ଼ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ... ଗଙ୍ଗା ଯାଅ, ଗୟା ଯାଅ, ବାଇଶି ପାହାଚେ ଗଡ଼ଗଡ଼ାଉଥାଅ, ଅମୃତ ଦୃଷ୍ଟିରେ ଚାହିଁଥାଅ। କେହି କେହି ମତ ଦିଅନ୍ତି ଧନର ଦେବୀ ଶ୍ରୀଲକ୍ଷ୍ମୀ ଏହି ରାତ୍ରିରେ ଭ୍ରମଣ କରି ଭକ୍ତମାନଙ୍କ ଗୃହରେ ପ୍ରବେଶ କରନ୍ତି ଓ ସେମାନଙ୍କୁ ଧନଧାନ୍ୟରେ ଭରପୂର କରିଥାଆନ୍ତି।





ସେଥିପାଇଁ ଦୀପ ଜଳାଇ 'ମାଆ'ଙ୍କୁ ଆବାହନ କରାଯାଏ।

ଏହିପରି ଭାବରେ କାର୍ତ୍ତିକ ଅମାବାସ୍ୟାକୁ ଭାରତବର୍ଷର ପ୍ରତି ଘରେ ଘରେ ଆନନ୍ଦ ଉଲ୍ଲାସରେ ଦୀପାବଳି ପର୍ବ ରୂପେ ପାଳନ କରାହୋଇଆସୁଛି । ଏଥିପାଇଁ ରଙ୍ଗବେରଙ୍ଗର ଦୀପମାଳାରେ ଘରକୁ ପ୍ରଜ୍ୱଳିତ କରାଯାଏ । ଘର ବାହାର ଚାରିଆଡ଼େ ସଫାସୁତୁରା କରାଯାଏ । ପ୍ରାୟତଃ ସମସ୍ତେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ବ୍ୟବସାୟୀମାନେ ଏହି ଶୁଭଦିନଟିକୁ ନୂଆବର୍ଷ ରୂପେ ପାଳନ କରି ପୁରୁଣା ହିସାବ ଚୁକ୍ତ କରି ନୂଆ ଖାତା ଖୋଲନ୍ତି ।



ଏହି ପର୍ବର ପଛରେ ଥିବା ଆଧ୍ୟାତ୍ମିକ ରହସ୍ୟକୁ ହିଁ ଆଜି ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ଭଲ ଭାବରେ ବୁଝିବା ଉଚିତ । ଅମାବାସ୍ୟାର ଅନ୍ଧକାରମୟ ରାତ୍ରି ହେଲା ଅଜ୍ଞାନତାର ପ୍ରତୀକ। ଅର୍ଥାତ୍ ସାରା ବିଶ୍ୱକୁ ଆଜି ଅଜ୍ଞାନ ଅନ୍ଧାର ଘେରି ରହିଛି ।

ମାଟିର ଦୀପ ହେଲା ପଞ୍ଚତତ୍ତ୍ୱରେ ଗଢ଼ା ଆମ ଶରୀରର ପ୍ରତୀକ ଏବଂ ତା' ମଧ୍ୟରେ ଜଳୁଥିବା ଦୀପଶିଖା ଅଜର, ଅମର, ଅବିନାଶୀ ଆତ୍ମାର ପ୍ରତୀକ । ତେଣୁ ଅଜ୍ଞାନ ଅନ୍ଧକାରକୁ ଦୂର କରିବାକୁ ହେଲେ ଆତ୍ମଜ୍ୟୋତିକୁ ଜାଗ୍ରତ କରିବା ନିତାନ୍ତ ଆବଶ୍ୟକ । ଏହି ଅଜ୍ଞାନରୂପୀ ଅନ୍ଧାର ହେଲା ମନୁଷ୍ୟ ଭିତରେ ଛପି ରହିଥିବା କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର, ଈର୍ଷା, ଆଳସ୍ୟ ଇତ୍ୟାଦି ବିକାରଗୁଡ଼ିକ । ଏଗୁଡ଼ିକ ଦୂର କରିବାକୁ ହେଲେ ପରମଜ୍ୟୋତିରେ ଆତ୍ମଜ୍ୟୋତିକୁ ଉଦ୍‌ଭାସିତ କରିବାକୁ ହୁଏ । ଜ୍ଞାନର ଆଲୋକ ହିଁ ଏ ସୃଷ୍ଟିର ଶ୍ରେଷ୍ଠ ଆଲୋକ । ଜ୍ଞାନ ମାଧ୍ୟମରେ ଜଣେ 'ନିଜ'ର ପରିଚୟ ପାଇ ପରମାତ୍ମାଙ୍କର ପରିଚୟ ପାଇବାକୁ ସମର୍ଥ ହୋଇପାରିଥାଏ ।

ରାମଙ୍କର ବନବାସ କାଳରେ ରାମ-ଲକ୍ଷ୍ମଣ ଏବଂ ସୀତା ସବୁଠାରୁ ଶ୍ରେଷ୍ଠ ଫଳ, ଶ୍ରେଷ୍ଠ ରସ ଏବଂ ଶ୍ରେଷ୍ଠ ବଳ ସମ୍ପର୍କରେ ଆଲୋଚନା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ, 'କର୍ମଫଳ' ହିଁ ଶ୍ରେଷ୍ଠ ଫଳ, 'ରାମରସ' ହିଁ ଶ୍ରେଷ୍ଠ ରସ, 'ଦୈବବଳ' ହିଁ ଶ୍ରେଷ୍ଠ ବଳ ଅଟେ । ଏଥିସହ ଜହ୍ନର ଆଲୋକ ନୁହେଁ କି ନିଜ ନୟନର ଜ୍ୟୋତି ନୁହେଁ, ଆତ୍ମଜ୍ୟୋତି ରୂପକ ଜ୍ଞାନଜ୍ୟୋତି ବା ଜ୍ଞାନର ଆଲୋକ ହିଁ ଶ୍ରେଷ୍ଠ ଆଲୋକ ।ତେଣୁ ଦୀପାବଳୀ ଆଲୋକର ପର୍ବ, ଆତ୍ମଜାଗରଣର ପର୍ବ, ଆନନ୍ଦ ଉଲ୍ଲାସର ପର୍ବ। ଏହା ଫୁଲଝରୀ, ବାଡ଼ିଆ ଫୋଟକା, ଆତସବାଜୀ ଆଦି ବାଣର ପର୍ବ ନୁହେଁ। ଏହା ଆତ୍ମଜ୍ୟୋତିକୁ ପ୍ରଜ୍ୱଳିତ କରି ପରମଜ୍ୟୋତି ସହ ମିଶାଇଦେବାର ଏକ ମହାମିଳନର ପର୍ବ। ସେଥିପାଇଁ ଦୀପଟିଏ ଜଳାଇଲା ବେଳେ ସମସ୍ତଙ୍କ ମୁହଁରୁ ସ୍ୱତଃ ନିର୍ଗତ ହୋଇଥାଏ ଦେବଭାଷା ସଂସ୍କୃତର ସେହି ଅମୃତ ବାଣୀ–

ଅସତୋ ମାଂ ସଦ୍‌ଗମୟ<br>
ତମସୋ ମାଂ ଜ୍ୟୋତିର୍ଗମୟ<br>
ମୃର୍ତ୍ୟୋ ମାଂ ଅମୃତଂଗମୟ<br>
ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ।

---



## ଆଜି ସନ୍ତୁଷ୍ଟ କରନ୍ତୁ ଲକ୍ଷ୍ମୀଙ୍କୁ



କାର୍ତ୍ତିକ ମାସ ଅମାବାସ୍ୟାରେ ୧୪ ବର୍ଷ ବନବାସ ଓ ଲଙ୍କା ବିଜୟ ପରେ ପ୍ରଭୁ ଶ୍ରୀରାମ ମା' ସୀତା ଓ ଲକ୍ଷ୍ମଣଙ୍କ ସହ ଅଯୋଧ୍ୟା ଫେରିଆସିଥିଲା । ଅମାବାସ୍ୟାର ଘନ ଅନ୍ଧାରରେ ବି ପୂରା ଅଯୋଧ୍ୟାନଗରୀ ଘିଅ ଦୀପର ଆଲୋକରେ ଆଲୋକିତ ହୋଇଯାଇଥିଲା । ଏହିଦିନ ଭଗବାନ ବିଷ୍ଣୁ ବାମନ ରୂପରେ ମହାଦାନୀ ଦାନବ ରାଜା ବଳିଙ୍କ ଦାନର ପରୀକ୍ଷା ନେଇଥିଲେ । ଏହି ଦିନ ମା ଲକ୍ଷ୍ମୀ ମଧ୍ୟ ସାଗରରୁ ଆବିର୍ଭୁତା ହୋଇଥିଲେ ଅନ୍ୟ ୧୪ ଟି ରତ୍ନ ସହ । ତେବେ ସମୁଦ୍ର ମନ୍ଥନରୁ କାହିଁକି ପ୍ରକଟ ହେଲେ ମା' ଲକ୍ଷ୍ମୀ ଏହାର କାରଣ ମଧ୍ୟ ରହିଛି । ଶାସ୍ତ୍ର ଅନୁଯାୟୀ ଦିନେ ଭଗବାନ ଶିବଙ୍କ ଅଂଶାବତାର ମହର୍ଷି ଦୁର୍ବାସା କୁଆଡେ ଯାଉଥିଲେ । ହଠାତ୍ ଗୋଟିଏ ଝିଅ ହାତରେ ପାରିଜାତ ଫୁଲର ସୁନ୍ଦର ମାଳଟିଏ ଦେଖିଲେ । ମହର୍ଷି ତାକୁ ମାଳଟି ମାଗିଲେ । ଝିଅଟି ଖୁବ୍ ଶ୍ରଦ୍ଧାର ସହ ମହର୍ଷିଙ୍କୁ ମାଳାଟି ଅର୍ପଣ କଲା । ଦୁର୍ବାସା ସେ ମାଳଟିକୁ ଦେବରାଜ ଇନ୍ଦ୍ରଙ୍କୁ ଉପହାର ଦେଲେ । ଇନ୍ଦ୍ର ତାକୁ ନେଇ ଐରାବତ ମସ୍ତକରେ ପିନ୍ଧାଇ ଦେଲେ । ଐରାବତ ସେ ମାଳା ପୃଥିବୀ ଉପରେ ଫିଙ୍ଗି ଦେଲା । ଏହା ଦେଖି ଦୁର୍ବାସା କ୍ରୋଧିତ ହୋଇଗଲେ । ସେ ଇନ୍ଦ୍ରଙ୍କୁ ଶାପ ଦେଲେ, ତୁମ ଅଧିକାର ଭିତରେ ଥିବା ସବୁ ଧନସମ୍ପତ୍ତି ନଷ୍ଟ ହୋଇଯିବ । ଦୁର୍ବାସାଙ୍କ ଅଭିଶାପ ଯୋଗୁଁ ତିନିଲୋକ ଶ୍ରୀହୀନ ହୋଇଗଲା । ମୌକା ପାଇଁ ରାକ୍ଷସମାନେ ସ୍ୱର୍ଗ ଅଧିକାର କରିନେଲେ । ସେତେବେଳେ ସବୁ ଦେବତା ଭଗବାନ ବିଷ୍ଣୁଙ୍କ ପାଖକୁ ଗଲେ । ବିଷ୍ଣୁ ସେମାନଙ୍କୁ ଦାନବଙ୍କ ସହ ମିଶି ସମୁଦ୍ର ମନ୍ଥନ କରିବାକୁ କହିଲେ । ସମୁଦ୍ର ମନ୍ଥନରେ ଲକ୍ଷ୍ମୀ ପ୍ରକଟ ହେଲେ । ସବୁ ଦେବତା ମିଶି ଲକ୍ଷ୍ମୀଙ୍କ ସ୍ତୁତି କଲେ । ଏଥିରେ ସନ୍ତୁଷ୍ଟ ହୋଇ ମା' ଦେବତାମାନଙ୍କୁ ପୁନଃ ସ୍ୱର୍ଗପ୍ରାପ୍ତିର ବରଦାନ ଦେଲେ । ଏହା ପରେ ସେ ନିଜକୁ ଭଗବାନ ବିଷ୍ଣୁଙ୍କ ଚରଣରେ ଅର୍ପଣ କରିଦେଲେ । ଏହି ମାତା ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କ ରାମ ଅବତାରରେ ସୀତା ଓ ଶ୍ରୀକୃଷ୍ଣ ଅବତାରରେ ରୁକ୍ମିଣୀ ଭାବରେ ଧରାପୃଷ୍ଠରେ ଦେହ ଧାରଣ କରିଥିଲେ । ସମୁଦ୍ରରୁ ଲକ୍ଷ୍ମୀ ବାହାରିବା ମାତ୍ରେ ସମସ୍ତେ ତାଙ୍କୁ ପାଇବା ପାଇଁ ଲାଳାୟିତ ହୋଇପଡିଲେ । ଲକ୍ଷ୍ମୀ ପ୍ରଥମ ନଜରରେ ଦେଖିଲେ ସାଧୁ ସନ୍ଥଙ୍କୁ । ସେମାନେ ତାଙ୍କୁ ନିମନ୍ତ୍ରଣ କଲେ । ଲକ୍ଷ୍ମୀ କହିଲେ– ତୁମେମାନେ ଖୁବ୍ ଭଲ ହେଲେ ସାତ୍ତ୍ୱିକ ଅହଂକାର ଅଛି ତୁମମାନଙ୍କର । ତୁମେ ଭାବ ଆମେ ସାଧାରଣ ଦୁନିଆଠାରୁ ଉପରେ, ଭଗବାନଙ୍କର ଅଧିକ ନିକଟତର । ମୁଁ ତୁମ ପାଖକୁ ଯିବିନି କାରଣ ଅହଂକାର ମତେ ପସନ୍ଦ ନୁହେଁ । ଦେବତାମାନେ କହିଲେ, ଆମ ପାଖକୁ ଆସ । ଲକ୍ଷ୍ମୀ କହିଲେ କେବେ ନୁହେଁ । ତମେ ପୁଣ୍ୟ ଯୋଗୁଁ ଦେବ ପଦଲାଭ କରିଛ ହେଲେ କେବଳ ପୁଣ୍ୟରେ ଲକ୍ଷ୍ମୀ ମିଳିବା ସମ୍ଭବ ନୁହେଁ । ମୋର ପସନ୍ଦ ପୁରୁଷାର୍ଥ ଓ ପରିଶ୍ରମ । ଏହାପରେ ଲକ୍ଷ୍ମୀ ଦେଖିଲେ ଜଣେ ମାତ୍ର ତାଙ୍କ ଆଡକୁ ଅନଉନି । ସେ ତାଙ୍କ ପାଖକୁ ଗଲେ, ଦେଖିଲେ ଭଗବାନ ବିଷ୍ଣୁ ବିଶ୍ରାମ କରୁଛନ୍ତି । ଲକ୍ଷ୍ମୀ ତାଙ୍କ ପାଦ ଧରିଲେ କହିଲେ ମୁଁ ଆପଣଙ୍କୁ ବରଣ କରିବାକୁ ଚାହେଁ । ବିଷ୍ଣୁ କହିଲେ– ତୁମକୁ ସ୍ୱାଗତ କରୁଛି । ଲକ୍ଷ୍ମୀ ଜାଣିଥିଲେ କେବଳ ସେ ହିଁ ତାଙ୍କୁ ରକ୍ଷା କରିବେ । ଭଗବାନ ବିଷ୍ଣୁ ସୃଷ୍ଟିର ପାଳନକର୍ତ୍ତା ତେଣୁ ପରିଶ୍ରମୀ ଏଥିସହ ପୁରୁଷାର୍ଥୀ ବି । ତେଣୁ କୁହାଯାଏ ଲକ୍ଷ୍ମୀଙ୍କୁ ପାଇବାକୁ ହେଲେ ପରିଶ୍ରମୀ ହୁଅ ତା'ସହ ପୁରୁଷାର୍ଥୀ ମଧ୍ୟ ।

ଏ ଅବସରରେ ମା' ଲକ୍ଷ୍ମୀଙ୍କ ସହ ଭଗବାନ ଗଣେଶ ଓ ମା' ସରସ୍ୱତୀଙ୍କ ବିଧିପୂର୍ବକ ପୂଜା ସାରା ବର୍ଷ ପାଇଁ ମଙ୍ଗଳକର ହୋଇଥାଏ । ଏ ଦିନ ଲକ୍ଷ୍ମୀଙ୍କୁ ଲାଲ ପଦ୍ମ ଅର୍ପଣ କରିବା ଶୁଭଦାୟୀ ହୁଏ । ଦକ୍ଷିଣାବର୍ତ୍ତ ଶଙ୍ଖ ପୂଜନ ଦ୍ୱାରା ମଧ୍ୟ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି । ସମୁଦ୍ର ମନ୍ଥନ ସମୟରେ ଲକ୍ଷ୍ମୀଙ୍କ ସହ ସମୁଦ୍ରରୁ ଶଙ୍ଖ ମଧ୍ୟ ବାହାରିଥିଲା । ତେଣୁ ଦୀପାବଳୀରେ ଶଙ୍ଖ ପୂଜା କଲେ ଲକ୍ଷ୍ମୀ ସନ୍ତୁଷ୍ଟ ହୁଅନ୍ତି । ଶଙ୍ଖରେ ଅନାମିକା ଆଙ୍ଗୁଠି ଦ୍ୱାରା ଚନ୍ଦନ ଲଗାଇ ହଳଦିଆ ରଙ୍ଗର ପୁଷ୍ପ ଓ ନୈବେଦ୍ୟ ଅର୍ପଣ କରନ୍ତୁ । ଏହା ପରିବାରର ସ୍ୱାସ୍ଥ୍ୟ ଓ ସମୃଦ୍ଧି ରକ୍ଷା କରିବ ।



ଦୀପାବଳୀ, ଐଶ୍ୱର୍ଯ୍ୟର ଦେବୀ ଲକ୍ଷ୍ମୀଙ୍କର ଦିନ ଏହା । କାର୍ତ୍ତିକ ଅମାବାସ୍ୟା ବ୍ୟତୀତ ଅନ୍ୟ କୌଣସି ଅମାବାସ୍ୟାରେ ଲକ୍ଷ୍ମୀପୂଜା କରାଯାଏ ନାହିଁ । ପୂଜାରେ ଭକ୍ତି ଓ ଶ୍ରଦ୍ଧା ତ ଆବଶ୍ୟକ ତେବେ ଆଉ କିଛି ବି ଜରୁରୀ ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ । ଏସବୁ ସାମଗ୍ରୀ ଦ୍ୱାରା ଘରକୁ ସୁଖ-ସମୃଦ୍ଧି ଆସେ ଓ ସଫଳତା ମିଳେ ।

**ରଙ୍ଗୋଲୀ :** ଲକ୍ଷ୍ମୀ ପୂଜା ସ୍ଥାନ, ପ୍ରବେଶ ଦ୍ୱାର ଏବଂ ଅଗଣାରେ ଧାର୍ମିକ ଚିହ୍ନ ଯଥା ସ୍ୱସ୍ତିକ, କମଳ ଓ ଫୁଲ ସହ ରଙ୍ଗୋଲି ବନାନ୍ତୁ । କୁହାଯାଏ ଲକ୍ଷ୍ମୀ ରଙ୍ଗୋଲୀ ଦେଖି ଆକର୍ଷିତ ହୋଇଯାଆନ୍ତି ।

**ଆମ୍ବପତ୍ର ତୋରଣ :** ଆମ୍ବ ବା ପିପ୍ପଳୀର ନୂଆ ତଥା କୋମଳ ପତ୍ରର ମାଳାକୁ ଦୀପାବଳୀ ଦିନ ପୂର୍ବ ପାର୍ଶ୍ୱ ଦ୍ୱାରରେ ବାନ୍ଧିବା ଆବଶ୍ୟକ । ବିଶ୍ୱାସ କରାଯାଏ ଦେବଗଣ ଏହାର ସ୍ନିଗ୍ଧ ସୁବାସରେ ଆକର୍ଷିତ ହୋଇ ଗୃହ ମଧ୍ୟକୁ ପ୍ରବେଶ କରନ୍ତି । ଦୀପାବଳୀର ପତ୍ରମାଳା ୩୧ ଦିନ ପର୍ଯ୍ୟନ୍ତ ଦ୍ୱାରରେ ବନ୍ଧା ହୋଇ ରହିଲେ ପରିବାରରେ ଏକତା ଓ ଶାନ୍ତି ରହେ ।

**କଉଡି :** ଲକ୍ଷ୍ମୀ ପୂଜା ଥାଳିରେ କଉଡି ରଖିବାର ବିଧି ଅଛି । ଏହା ଶ୍ରୀ ଓ ଧନ ସହ ସମାନ । ଟ୍ରେଜେରୀରେ କଉଡି ରଖିଲେ ଲକ୍ଷ୍ମୀ କୃପା ସଦାସର୍ବଦା ରହେ ।

**ଧାନକେଣ୍ଡା :** ଦୀପାବଳୀ ଦିନ ଧାନକେଣ୍ଡା ଘରେ ରଖିଲେ ଧନ ବୃଦ୍ଧି ହୁଏ ଏବଂ ବର୍ଷ ସାରା ଖାଦ୍ୟ ଅଭାବ ହୁଏ ନାହିଁ ।

**ଆଖୁ :** ଲକ୍ଷ୍ମୀଙ୍କ ବାହନ ହାତୀ ଏବଂ ହାତୀର ପ୍ରିୟ ଖାଦ୍ୟ ଆଖୁ । ଦୀପାବଳୀ ପୂଜାରେ ଆଖୁ ସାମିଲ କଲେ ଗଜେନ୍ଦ୍ର ସନ୍ତୁଷ୍ଟ ହୁଅନ୍ତି । ସେ ଘରକୁ ସୁଖ, ଶାନ୍ତି ଓ ଧନ ଆଣନ୍ତି ।

**ଗୁଡ :** ଏହା ଜ୍ୟୋତି ପର୍ବର ମାଙ୍ଗଳିକ ଚିହ୍ନ । ଲକ୍ଷ୍ମୀ ପୂଜା ପରେ ଗୁଡ ଦାନ କଲେ ଧନ ବୃଦ୍ଧି ହୁଏ ।

**ସ୍ୱସ୍ତିକ :** ଲୋକଜୀବନର ପ୍ରତ୍ୟେକ ପର୍ବରେ ପୂର୍ବ କାନ୍ଥରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରାଯାଏ । ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଦିଗ ଦର୍ଶାଉଥିବା ସ୍ୱସ୍ତିକର ଚାରି ବାହୁ ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ ଆଶ୍ରମର ପ୍ରତୀକ । ଏହା କେଶର, ହଳଦୀ କିମ୍ବା ସିନ୍ଦୂରରେ ଅଙ୍କାଯିବା ବିଧେୟ ।

---



## ଆଲୋକର ପର୍ବ ଦୀପାବଳି

ମନ୍ଦ ଉପରେ ଭଲର ଓ ପଶୁବଳି ଉପରେ ଆତ୍ମବଳର ବିଜୟ ଭଳି ଅନ୍ଧାର ଉପରେ ଆଲୋକର ବିଜୟ ହେଉଛି ଦୀପାବଳି । କାହିଁ କେଉଁ ଅନାଦି କାଳରୁ ପୃଥିବୀ ଉପରେ ରାତ୍ରିର ଅନ୍ଧକାରରେ ଅନିଷ୍ଟ କରୁଥିବା ଭୂତପ୍ରେତାଦିଙ୍କୁ ତଡିବାକୁ ଆଦିମାନବ ମନରେ ଯେଉଁ ଇଚ୍ଛା ଜାଗରିତ ହୋଇଥିଲା ତାହାର ନୂତନ ସଂସ୍କରଣ ଦୀପାବଳି । ଶିକ୍ଷିତ ଲୋକମାନେ ଏହାକୁ ଅନ୍ଧକାର ଉପରେ ଆଲୋକର ବିଜୟ ମାନିନେଇଥିବା ବେଳେ ନିମ୍ନ ସ୍ତରର ଲୋକଙ୍କ ପାଇଁ ଏହା ଭୟ ଓ ହତାଶର ବିତାଡନ ରୂପେ ପରିକଳ୍ପିତ । କେବଳ ଭାରତର ନୁହେଁ ବରଂ ୟୁରୋପର କେଲଟିକ ଲୋକମାନେ ଅକ୍ଟୋବର ୩୧ରେ ପାଳନ କରୁଥିବା ହାଲୋଇନ ପର୍ବ ଦୀପାବଳିର ସ୍ମୃତି ଜାଗ୍ରତ କରେ । ଏହି ପର୍ବରେ ଲୋକମାନେ ନିଆଁଜାଳି ମଉଜମଜଲିସରେ ମାତି ଡାଆଣୀମାନଙ୍କୁ ତଡୁଥିଲେ । ହିନ୍ଦୁମାନଙ୍କର ଦୀପାବଳି ଓ କେଲଟିକମାନଙ୍କର ହାଲୋଇନ ପ୍ରାୟ ପାଖାପାଖି ପଡେ । ଉଭୟ ପର୍ବର ଲକ୍ଷ୍ୟ ଦୁଷ୍ଟ ଶକ୍ତିର ପ୍ରଭାବକୁ ନିଆଁ ଓ ଦୀପଜଳାଇ ବାରଣ କରିବା । ଆମ ଧର୍ମର ଦୀପାବଳିର ପୂର୍ବଦିନଟି ଭୂତ ଚତୁର୍ଦ୍ଦଶୀ ଏବଂ ଦୀପାବଳି ରାତ୍ରିଟି କାଳରାତ୍ରି ନାମରେ ଖ୍ୟାତ କାରଣ ଏହି ଦିନ ମା' କାଳୀ ନିଜର ପିଶାଚ ଓ ଭୈରବମାନଙ୍କ ସହ ରାତ୍ରି ଭ୍ରମଣ କରିଥାନ୍ତି । ଏହି ରାତ୍ରିରେ ଭୂତ, ପ୍ରେତ ଓ ଡାଆଣୀମାନେ ପୃଥିବୀର ଉପର ଭାଗରେ ବୁଲୁଥିବାରୁ ସେମାନଙ୍କୁ ନିଆଁ ବା ଦୀପ ଜଳାଇ ପୂଜାର୍ଚ୍ଚନା କରାଯାଏ । ଏଣୁ ଦୀପାବଳୀରେ ଆଲୋକ ପ୍ରଜ୍ୱଳନ ନିହାତି ଆବଶ୍ୟକ ।



କାଳଗର୍ଭରୁ ଏହି ଭୂତଜଗତର ସୃଷ୍ଟି ଏବଂ ସଂହାର ମଧ୍ୟ । କାଳ ସମଗ୍ର ଭୂତଜଗତକୁ ସୃଷ୍ଟି,ପାଳନ କରିବା ସହିତ ସଂହାର ମଧ୍ୟ କରିପାରେ । ଆକାଶ, ବାୟୁ, ଗ୍ରହ, ନକ୍ଷତ୍ର ଓ ମର୍ତ୍ତ୍ୟ ସବୁଠାରେ ମହାଶକ୍ତି କାଳୀଙ୍କ ଅପୂର୍ବଲୀଳା । ଦେବୀ ନିତ୍ୟ ଉତ୍ପତ୍ତି ବିନାଶ ରହିତ କିନ୍ତୁ ସୃଷ୍ଟିର ରକ୍ଷାଲାଗି ଦେବତାମାନଙ୍କ କାର୍ଯ୍ୟସିଦ୍ଧି ଲାଗି ଆବିର୍ଭୂତ ହୁଅନ୍ତି । ମା' ପୁରୀରେ ଶ୍ୟାମାକାଳୀ, ଭଦ୍ରକରେ ଭଦ୍ରକାଳୀ ନାମରେ ପୂଜିତ ହେଉଛନ୍ତି । ମୁଣ୍ଡକୋପନିଷଦରେ କାଳୀଙ୍କ ସ୍ୱରୂପକୁ ଅଗ୍ନିଙ୍କର ସପ୍ତଜିହ୍ୱା ସହିତ ତୁଳନା କରାଯାଇଁ । ଅଗ୍ନିଙ୍କ ପ୍ରଥମ ଶିଖା କାଳୀ,୨ୟ ଶିଖା କରାଳୀ, ୩ୟ ଶିଖା ମନୋଜବା-ଷୋଡ଼ଶୀ, ୪ର୍ଥ ଶିଖା ସୁଲୋହିତା-ଭୁବନେଶ୍ୱରୀ, ୫ମ ଶିଖା ସୁଧୂମ୍ରବର୍ଣ୍ଣା-ଧୂମାବତୀ, ୬ଷ୍ଠ ଶିଖା ସ୍ଫୁଲିଙ୍ଗିନୀ-ମାତଙ୍ଗୀ, ୭ମ ଶିଖା ବିଶ୍ୱରୂପା-ବଗଳାମୁଖୀ । ଶାକ୍ତ ମତରେ ଏହି ଦେବୀମାନେ ଦଶମହାବିଦ୍ୟା ଅନ୍ତର୍ଗତ । କାଳୀଙ୍କର ଅଷ୍ଟରୂପ-ଚିନ୍ତାମଣି, ସ୍ପର୍ଶମଣି, ସ୍ୱର୍ଣ୍ଣମଣି, ସନ୍ତତିପ୍ରଦା, ସିଦ୍ଧୀ, ଦକ୍ଷିଣା, କାମକଳା, ହଂସ ଏବଂ ଗୁହ୍ୟକାଳୀ ନାମରେ ନାମିତ । ଏହି ଅଷ୍ଟକାଳୀଙ୍କୁ ଅଷ୍ଟଦେବୀ ରୂପେ ମଧ୍ୟ ବର୍ଣ୍ଣିତ । କାଳୀଙ୍କ ଅର୍ଚ୍ଚାବତାର ମଧ୍ୟରେ ଦକ୍ଷିଣକାଳୀ, ଗୁହ୍ୟକାଳୀ, ଭଦ୍ରକାଳୀ, ଶ୍ମଶାନକାଳୀ, ଶ୍ୟାମାକାଳୀଙ୍କ ଉପାସନା ଗୁରୁତ୍ୱପୂର୍ଣ୍ଣ । ଦେବୀ ଶକ୍ତି ସ୍ୱରୂପିଣୀ, ଅନନ୍ତ ଶକ୍ତି ଦ୍ୱାରା ବିଶ୍ୱପ୍ରପଞ୍ଚ ରଚନା, ପରିଚାଳନା,ଏବଂ ସଂହରଣାଦି ପରିଚାଳନା କରନ୍ତି । ଦେବୀ ଅଚିନ୍ତ୍ୟ ଶକ୍ତି, ଅଚିନ୍ତ୍ୟ ରୂପ-ତାଙ୍କ ରୂପର କଳନା ନାହିଁ । ଶୁମ୍ଭଦୈତକୁ ବଧକଲାବେଳେ ଦେବୀଙ୍କ ଶରୀର ଅତିଶୟ କ୍ରୋଧରେ କଳା ପଡ଼ିଯିବାରୁ ମା'ଙ୍କର ନାମ କାଳୀ । ଦେବୀଙ୍କର ଅତିଶୟ କୋପକୁ ଲକ୍ଷ୍ୟ କରି ତାଙ୍କୁ କାଳୀ ଭାବରେ ଅଭିହିତ କରାଯାଇଛି ।



ସମର ବିଳାସିନୀ କୋପରୂପା କାଳୀ ରାକ୍ଷାସ ବିନାଶ କରିବା ପରେ ମଧ୍ୟ ନିଜ ସ୍ୱରୂପକୁ ଫେରି ନପାରି ସେହି ଅବସ୍ଥାରେ ଭୟଙ୍କର କ୍ରୋଧ ବଶତଃ ନୃତ୍ୟ କରିବାକୁ ଆରମ୍ଭ କରିଦେଲେ । ସେହି ନୃତ୍ୟର ଭୟଙ୍କରତାକୁ ଲକ୍ଷ୍ୟକରି ସମସ୍ତ ଦେବ, ଗନ୍ଧର୍ବାଦି ଏଥିରୁ ରକ୍ଷା ନିମନ୍ତେ ଶିବଙ୍କୁ ସ୍ତୁତି କରିବାକୁ ଲାଗିଲେ । ଶିବ ମଧ୍ୟ ସୃଷ୍ଟିର ରକ୍ଷା ନିମନ୍ତେ କାଳୀଙ୍କୁ ଏହି ଭୟଙ୍କର ନୃତ୍ୟରୁ କ୍ଷାନ୍ତ କରାଇବା ଉଦ୍ଦେଶ୍ୟରେ ଯାଇ କାଳୀଙ୍କ ସମ୍ମୁଖରେ ଶୋଇପଡ଼ିଲେ । ନୃତ୍ୟ ବିଭୋର କାଳୀ ନିଜ ଅଜାଣତରେ ଶିବଙ୍କ ଉପରେ ପାଦ ପକାଇ ଦେଇ ଦେଖନ୍ତିତ ନିଜ ପ୍ରାଣପ୍ରିୟଙ୍କ ବକ୍ଷରେ ତାଙ୍କ ପାଦ ପଡ଼ିଯାଇଛି । ଲଜ୍ଜା ଓ ସଂକୋଚରେ ମାତା ଜିଭ କାମୁଡ଼ି ଦେଇଛନ୍ତି । ମା'ଙ୍କର ସେହି ରୂପ ସମସ୍ତ ଚିତ୍ରକାର ଏବଂ ମୂର୍ତ୍ତିକାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତାହା ଅଧିକ ପ୍ରତିଷ୍ଠିତ ହେବା ସହିତ ସେହି ରୂପରେ ମାତାଙ୍କ ପୂଜା କରାଯାଉଛି ।

ଏହି ପର୍ବ ଆମଦେଶରେ ପ୍ରାୟତଃ ସମସ୍ତ ବର୍ଗର ଲୋକେ ପାଳନ କରୁଥିବା ବେଳେ ବଙ୍ଗଳାଦେଶରେ ଅଧିକ ଆଡମ୍ବରରେ ଅନୁଷ୍ଠିତ ହୋଇଥାଏ । ସେଠାକାର ବିଶ୍ୱାସ ଅନୁଯାୟୀ ମହାକାଳ ହେଉଛନ୍ତି ଦୁର୍ଗାଙ୍କର ଅବତାର ଏବଂ ସକଳ ଶକ୍ତିର ଆଧାର । ଏଣୁ ଲହଲହ ଜିହ୍ୱା, ଗଳଦେଶରେ କଙ୍କାଳର ମାଳ ଓ ଶ୍ୱେତବର୍ଣ୍ଣ ଶିବଙ୍କ ଉପରେ ପାଦ ଥାପିଥିବା ଭୟଙ୍କର କୃଷ୍ଣବର୍ଣ୍ଣର ମୃଣ୍ମୟ ମୂର୍ତ୍ତି ନିର୍ମାଣ ପୂର୍ବକ ମା'ଙ୍କର ଅର୍ଚ୍ଚନା କରାଯାଇଥାଏ । ଆମ ଦେଶରେ କିଛି ଲୋକେ ମାଟିର ଦୀପଜାଳି ରାତିସାରା ଜଳାଇ ରଖୁଥିବା ବେଳେ କିଛି ଚାଷ ଜମିରେ ଦୀପ ଜାଳନ୍ତି । ଗୁଣିଆମାନେ ମଶାଣିରେ ଦୀପ ଜାଳି ମହାକାଳୀଙ୍କୁ ଉପାସନା କରୁଥିବା ଦେଖାଯାଏ । ମୁମ୍ବାଇରେ ଏହି ରାତ୍ରିରେ ଭାଗ୍ୟଦେବୀ ଲକ୍ଷ୍ମୀଙ୍କର ଉପାସନା କରାଯାଏ । ଗୁଜରାଟରେ ଏହା ଦିବସ ହେଉଛି ନୂତନ ବର୍ଷର ଆରମ୍ଭ ଦିବସ । ଏଣୁ ନୂଆ ଖାତାର ପ୍ରଚଳନ କରନ୍ତି । ବଙ୍ଗଳାଦେଶରେ ବଣିକମାନେ ଖାତାପୂଜା ଭଳି ହାଲ ଉତ୍ସବ ପାଳନ କରୁଥିବା ଦେଖାଯାଏ । ନେପାଳରେ ଦିୱାଲି ପାଞ୍ଚଦିନ ଯାଏଁ ପାଳିତ ହୋଇଥାଏ । ଏଥିରେ ପଶୁମାନଙ୍କର ପୂଜା କରାଯାଏ । ସେଥିପାଇଁ ସାରା ଉପତ୍ୟକା ଓ ଗିରିକନ୍ଦର ଆଲୋକମାଳାରେ ଉଦଭାସିତ ହୁଏ । ଏହାର ପ୍ରଥମ ଦିନରେ ସବୁପକ୍ଷୀମାନଙ୍କର ଘୃଣ୍ୟ ତଥା ଯମଙ୍କ ପ୍ରତୀକ କାଉମାନଙ୍କୁ ରନ୍ଧାଖାଦ୍ୟ ଓ ମିଷ୍ଟାନ୍ନ ଅର୍ପଣ କରାଯାଏ । ମୃତ୍ୟୁଦେବତା ଯମଙ୍କ ଡାହାଣ ହାତ କାଉଙ୍କ ଉଦ୍ଦେଶ୍ୟରେ ଫୁଲମାଳ ମଧ୍ୟ ପ୍ରଦାନ କରାଯାଇଥାଏ । ଦ୍ୱିତୀୟ ଦିବସରେ ଧର୍ମଙ୍କ ପ୍ରତୀକ ଶ୍ୱାନଙ୍କୁ ମାଂସ, କ୍ଷୀର ଅର୍ପଣ କରାଯିବା ସହ ଗେଣ୍ଡୁମାଳ ପ୍ରଦାନ କରାଯାଇଥାଏ । ତୃତୀୟ ଦିବସରେ ଭାଗ୍ୟଦେବୀ ବା ଲକ୍ଷ୍ମୀଙ୍କ ଅବତାର ଗୋମାତାର ଅର୍ଚ୍ଚନ ହୁଏ । ଚତୁର୍ଥ ଦିବସରେ କୃଷିକାର୍ଯ୍ୟର ପ୍ରମୁଖ ସାହାଯ୍ୟକାରୀ ବଳଦଙ୍କ ଅର୍ଚ୍ଚନା ହୁଏ । ପେଟପୁରା ଭୋଜନ, ମଦମିଶା କୁଣ୍ଡା, ନଡା ଅର୍ପଣ କରାଯିବା ସହ ସେମାନଙ୍କ ଶିଙ୍ଗକୁ ଲହୁଣୀ, ସିନ୍ଦୂର ବୋଳାଯାଇ ଶରୀରରେ ଅଳଙ୍କାରମାନ ପିନ୍ଧାଯାଏ । ପଞ୍ଚମ ଦିନରେ ଭାଇମାନଙ୍କର ଅର୍ଚ୍ଚନା ଭଉଣୀମାନେ ଚନ୍ଦନ ଓ ସିନ୍ଦୂର ଟିପା ଦେଇ କରିଥାନ୍ତି । ମିଷ୍ଟାନ୍ନ ଓ ଫଳ ଖୁଆଇ ଭାଇ ଭଉଣୀର ସମ୍ପର୍କକୁ ଅଧିକ ଦୃଢ କରାଯାଏ । ଉପହାର ଓ ସଦଇଚ୍ଛାର ବାର୍ତ୍ତାବିନିମୟ ହୁଏ ।

ଅଧୁନା ଦୀପାବଳିର ଆକର୍ଷଣ ହେଉଛି ଆତସବାଜି । ଏହି ଦୀପଦାନ ଓ ଆତସବାଜିର ମୂଳରେ ଥିବା ବୈଜ୍ଞାନିକ କାରଣ ହେଉଛି ବର୍ଷାଋତୁ ଶେଷରେ ଉଦ୍‌ଭୂତ ହୋଇଥିବା ନାନାଦି ରୋଗ ଉତ୍ପାଦକ କୀଟପତଙ୍ଗ ଓ ଜୀବାଣୁର ଧ୍ୱଂସ ସାଧନ । ମାତ୍ର ଏହାର ବାହ୍ୟ ରୂପଟି ଆନନ୍ଦ ପ୍ରଦାନ ହୋଇଥିବା ବେଳେ ବାସଗୃହକୁ ପରିଷ୍କାର ଓ ପରିଛନ୍ନ ରଖିବା ବିଧି ଓ ଉତ୍ତମ ସ୍ୱାସ୍ଥ୍ୟ ଗଠନର ସହାୟକ ।



ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୦ ଅକ୍ଟୋବର ୨୦୨୫ । ସୋମବାର

# ଧଳାଜହର ଜବତ; ପାଞ୍ଚ ଗିରଫ

## ୪ ବାଇକ୍, ୭ଟି ମୋବାଇଲ୍, ଏକ ସ୍କୁଟର ଓ ନଗଦ ୩୬ ହଜାର ଟଙ୍କା ଜବତ





**ଖୋର୍ଦ୍ଧା:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଆଦର୍ଶ ଥାନା ଓ ଶିଳ୍ପାଞ୍ଚଳ ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ପାଞ୍ଚ ଜଣ ଧଳାଜହର ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ସୋମନାଥ ବେହେରା (୨୫) ଓ ସଦର ଥାନା ଅଧିନ କରଡ଼ଗାଡ଼ିଆର ଧନେଶ୍ୱର ସାହୁ (୨୬), ଇନଫୋସିସ୍ ଥାନା ଅନ୍ତର୍ଗତ ଉତର ମୁଣ୍ଡମୁହାଣ ଗ୍ରାମର ରାଜେନ୍ଦ୍ର ରାଉତ (୨୬), ସହିଦ ନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିର ସୁନିଲ ସାହୁ (୨୫) ଏବଂ ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲାହାଟର ଶକ୍ତି ରଞ୍ଜନ ରାୟଗୁରୁ (୨୫)। ଏମାନଙ୍କ ଠାରୁ ପୁଲିସ ୫୫ ଗ୍ରାମ ଓଜନର ଧଳାଜହର, ୭ଟି ମୋବାଇଲ, ୪ଟି ବାଇକ୍, ଗୋଟିଏ ସ୍କୁଟର ଓ ନଗଦ ୩୬ ହଜାର ଟଙ୍କା ଜବତ କରିଛି। ଜବତ ଧଳଜହରର ମୂଲ୍ୟ ୫ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ଏସପି ଶ୍ରୀ ଶର୍ମାଙ୍କ ସୂଚନା ଅନୁସାରେ, ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ଏକ ବିସ୍କୁଟ କମ୍ପାନୀ ନିକଟରେ ଧଳାଜହର ବେପାର ହେଉଥିବା ଶିଳ୍ପାଞ୍ଚଳ ପୁଲିସକୁ ଖବର ମିଳିଥିଲା। ତାକୁ ଧରିବାକୁ ଇନ୍ସପେକ୍ଟର ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଡିଲବେଳେ ଚଢଉ କରି ମାଲ ନେବାକୁ ଆସିଥିବା ସହିଦନଗର ପଥରବନ୍ଧ ବସ୍ତିର ସୁନିଲ ଠାରୁ ୨୫ଗ୍ରାମ ଧଳାଜହର ସମେତ ଓଡି୦୨କେ-୬୭୬୦ ନଂ ବିଶିଷ୍ଟ ଦାମୀ ବାଇକ୍ ଓ ଏକ ଫୋନକୁ ପୁଲିସ ଜବତ କରିଥିବା ବେଳେ ସେଠାରୁ ଖସିବାକୁ ଉଦ୍ୟମ କରୁଥିବା ଉତର ମୁଣ୍ଡମୁହାଣର ରାଜେନ୍ଦ୍ର ଠାରୁ ଓଡି-୩୩ଆର୍-୨୮୪୫ ନଂ ବିଶିଷ୍ଟ ବାଇକ୍ ଓ ଫୋନ୍ ଏବଂ ପଲ୍ଲାହାଟର ଶକ୍ତିକୁ ଧରି ତା'ଠାରୁ ଏକ ଦାମୀ ଫୋନକୁ ଜବତ କରିଛି। ସେମାନେ ଏଠାରେ ଧାଳାଜହର ବିକ୍ରି ଲାଗି ଏକାଠି ହୋଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ ବୋଲି ଏସପି କହିଛନ୍ତି। ସେହିପରି ଆଦର୍ଶଥାନା ପୁଲିସ ଟିଏଲସି ରୋଡ ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟରେ ଥିବା ବିଡ଼ିଏ ରାସ୍ତାରେ ଦୁଇଜଣ ଧଳାଜହର ବେପାର ଲାଗି ଯୋଜନା କରୁଥିବା ଜାଣିପାରି ଏସଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲେ। ଏହି ସମୟରେ ସୋମନାଥ ଓ ଧନେଶ୍ୱରଙ୍କୁ କାବୁ କରିଥିଲେ। ଯାଞ୍ଚବେଳେ ସେମାନଙ୍କ ଠାରୁ ୩ଲକ୍ଷ ମୂଲ୍ୟର ୩୦ଗ୍ରାମ ଓଜନର ଧଳାଯହର ସହିତ ଦୁଇଟି ଦାମୀ ମୋବାଇଲ ଫୋନ, ଦୁଇଟି ମୋଟର ସାଇକେଲ ଏବଂ ନଗଦ ୩୬ହଜାର ଟଙ୍କାକୁ ପୁଲିସ ଜବତ କରିଥିବାର ଏସପି ସୂଚନା ଦେଇଛନ୍ତି। ଏହି ଧଳାଜହର ସେମାନେ କେଉଁଠାରୁ ଆଣିଥିଲେ ଏବଂ ଏହା ପଛରେ ଅନ୍ୟକେଉଁମାନେ ରହିଛନ୍ତି ପୁଲିସ ତାହାର ତଦନ୍ତ ଜାରୀ ରଖିଥିବା ଏସପି କହିଛନ୍ତି। ଶିଳ୍ପାଞ୍ଚଳ ପୁଲିସ ୨୪୭/୨୫ରେ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଆଦର୍ଶଥାନା ପୁଲିସ ୪୪୮/୨୫ରେ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିବା ଏସପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ଏସ୍ଆଇ ସ୍ୱାଗତିକା ପଟ୍ଟନାୟକ, ଦିନେଶ ପିଙ୍ଗୁଆ ପ୍ରମୁଖ ଉପସ୍ଥିତଥିଲେ।

# ୪ ଟ୍ରାକ୍ଟର ଜବତ, ୪ ଡ୍ରାଇଭର ଅଟକ

**ପାଟକୁରା:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କୁଦାନଗରୀ ଥାନା ଆନ୍ତର୍ଗତ କରାଣ୍ଡିଆ ନଦୀପଠାର ପୁରୁଷୋତ୍ତମପୁର ନିକଟରୁ ବେଆଇନ ଭାବେ ୪ଟି ବାଲି ଭର୍ତ୍ତି ଟ୍ରାକ୍ଟର ଯାଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାଖଣି ଅଧିକାରୀ ଦିନେଶ ମହାପାତ୍ର ଟ୍ରାକ୍ଟର ଗୁଡିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଗୁଡିକୁ ଜବତକରି ଥାନାକୁ ଆଣିବା ସହିତ ୪ଜଣ ଡ୍ରାଇଭରଙ୍କୁ ଅଟକ ରଖିଛି। ଜିଲ୍ଲା ଖଣି ଅଧିକାରୀ ଶ୍ରୀ ମହାପାତ୍ରଙ୍କ ଅଭିଯୋଗ କ୍ରମେ ଥାନା କେସନଂ ୨୯୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁରହିଛି। ସୂଚନା ଯୋଗ୍ୟ ଯେ ୪ ମାସ ପୁର୍ବରୁ ଏହି ଥାନାର ତତକାଳୀନ ପୋଲିସ ଅଧିକାରୀଙ୍କ ଦ୍ୱାରା ଦୁଇଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇ ଥାନାକୁ ଅଣାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ ଛାଡିଦିଆଯାଇଥିବା ନେଇ ସାଧାରଣରେ ଅଭିଯୋଗ ହେଉଥିଲା। ଆଜିର ଏହି ଘଟଣାରେ ପୋଲିସ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲା ଚେସ ଚାମ୍ପିଅନସିପ ଉଦ୍‌ଘାଟିତ

**କେନ୍ଦ୍ରାପଡା:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ଗରପୁର୍ ଠାରେ ଥିବା ସ୍ୱୟଂସିଦ୍ଧା ହୋଟେଲରେ ଚଳିତ ବର୍ଷର କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ -୨୦୨୫ ତଥା ୫ମ ଡକ୍ଟର ବୈଷ୍ଣବ ପରିଡା ସ୍ମାରକୀ ଚେସ ଚାମ୍ପିଅନସିପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ଡକ୍ଟର ବୈଷ୍ଣବ ପରିଡାଙ୍କ ଜୀବନୀ ପୁସ୍ତକର ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଗୌତମ ମଲ୍ଲିକ ଯୋଗ ଦେଇଥିବା ବେଳେ ଆସୋସିଏସନ୍‌ର ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ, ସ୍ୱାଗତ ସମିତିର ସଂଯୋଜକ ଶକ୍ତିଶ୍ରୀ ଲେଙ୍କା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଆସୋସିଏସନ୍‌ର ଉପସଭାପତି ଲଲାଟ କେଶରୀ ସାମଲ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ ବିଜେପିର ବରିଷ୍ଠ ନେତା ବିଷ୍ଣୁ ଦାସ, କଳ୍ପନା ମଲ୍ଲିକ, ସଞ୍ଜୟ ରଥ, ପ୍ରତାପ ଦାସ, ଉପିନ୍ ରାଉତ, କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଜେପିର ବରିଷ୍ଠ ନେତା ସୁନାକର ବେହେରା ଚତୁର୍ଥ ରାଉଣ୍ଡ ଉଦଘାଟନ କରିଥିଲେ। ସୂଚନା ଥାଉକି ଦୁଇଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬୪ ଜଣ ଖେଳାଳି ବିଭିନ୍ନ ବ୍ଲକ୍‌ରୁ ଭାଗନେଇଛନ୍ତି। ଖେଳର ସୁପରିଚାଳନା ପାଇଁ ପିଙ୍କି ମହାପାତ୍ର ଦାୟିତ୍ୱ ନେଇଥିବା ବେଳେ ଆସୋସିଏସନ୍‌ର ଅନ୍ୟତମ ଉପସଭାପତି ଧରଣୀ ସେଠୀ, କୋଷାଧ୍ୟକ୍ଷ ନାରାୟଣ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲଭ ନାୟକ, ସବ୍ରେ ହେମ୍ବ୍ରମ, ନେହେରୁ ସାହୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ସାଧନକେନ୍ଦ୍ର ସଂଯୋଜକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ରାଜନଗର:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗନ୍ଦିଉଶମୂଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜରିମୂଳ ପ୍ରାଥମିକ ବିଦ୍ୟାଳୟ ତରଫରୁ ବିଦାୟୀ ସିଆରସିସି ଅମର କୁମାର ବେହୁରାଙ୍କୁ ଆଦର୍ଶ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ରଙ୍ଗାଧର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ଶିକ୍ଷାବିତ ଶରତଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ, ବରେଣ୍ୟ ଅତିଥି ଭାବେ ଶିକ୍ଷକ ନେତା ସୀତାକାନ୍ତ ରାଉଳ, ସମ୍ମାନୀତ ଅତିଥି ଭାବେ ବୈଜୟନ୍ତୀ ରାଉତରାୟ, ପ୍ରତିମା ବରାଳ, ସହକାରୀ ଶିକ୍ଷକ ଅନିରୁଦ୍ଧ ପଢିହାରୀ ଓ ପଣ୍ଡିତ ସନ୍ତୋଷ ଶତପଥୀ ଉପସ୍ଥିତ ରହି ବିଦାୟୀ ସିଆରସିସି ଅମର ସାର୍ ଜଣେ ଆଦର୍ଶ, ସମୟାନୁର୍ତ୍ତୀ ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। କ୍ଲଷ୍ଟର୍ ଅନ୍ତର୍ଗତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ତାପସ ମଣ୍ଡଳ, ଭରତଚନ୍ଦ୍ର ବେହେରା, ସୁଶ୍ରୀସଙ୍ଗୀତା ପାତ୍ର, ପୁଷ୍ପାଞ୍ଜଳି ସେଠୀ, ସନ୍ଧ୍ୟାରାଣୀ ସ୍ୱାଇଁ, ନମିତା ପ୍ରଧାନ ଓ ପାଚିକା ମମତା ବରାଳ, ଗୀତାଞ୍ଜଳି ରାଉତ ଉପସ୍ଥିତ ରହି ଅମର ସାରଙ୍କ ବ୍ୟକ୍ତିତ୍ୱ ପ୍ରସଙ୍ଗରେ ମତାମତ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ସୁଶ୍ରୀକାନ୍ତ ପରିଡା ଅତିଥି ପିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଆଶାଲତା ରାଉତ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ବେଟି ବଚାଅ ବେଟି ପଢାଅ କାର୍ଯ୍ୟକ୍ରମ

**ରାଜନଗର:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବେଟି ବଚାଅ ବେଟି ପଢାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଦୀପାଳୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷୟ ପ୍ରତିଭା ପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ବେହେରା, ଡଃ ଆଲୋକ ବେହେରା, ସୁଶାନ୍ତ କୁମାର ବାରିକ, ସରପଞ୍ଚ ନିରଞ୍ଜନ ରାଉତ, ଅଶୋକ କୁମାର ମହାନ୍ତି ବୀଣାପାଣି ପ୍ରଧାନ ପ୍ରମୁଖ ଯୋଗଦେଇ ବେଟି ବଚାଅ ଓ ବେଟି ପଢାଅ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁପଭାଇଜର ମିନତୀ ମିଶ୍ର, ରଜନୀ ରାଉଳ, ସନ୍ଧ୍ୟାରାଣୀ ବେହେରା, ଶୈଳପ୍ରଭା ସ୍ୱାଇଁ, ପ୍ରତିଭା ମହାନ୍ତି, ସ୍ୱାଗତୀକା ତରାଇ, ସମିକ୍ଷା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ଓ କିଶୋରୀ ବାଳିକା ଯୋଗଦେଇଥିଲେ।

# ମାଛଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ

**ରାଜନଗର:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆଠାରେ ଗ୍ରାମଉତଥାନ ଓ ଡିସିବି ବ୍ୟାଙ୍କ ମିଳିତ ପ୍ରୟାସରେ ଗାଁ ପୋଖରୀରେ ବୈଜ୍ଞାନିକ ପ୍ରଣାଳୀରେ ମାଛଚାଷ କରିବା ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମଉତଥାନର ସଂପାଦକ ଗୋବିନ୍ଦ ଦାସ ଗ୍ରାମର ଉନ୍ନତି ଓ ପରିବେଶ ସୁରକ୍ଷା ନିମନ୍ତେ ବୈଜ୍ଞାନିକ ପଦ୍ଧତିରେ ମାଛଚାଷ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଳଚୁଆ, ରଙ୍ଗଣୀ, ଡାଙ୍ଗମାଳ, କେରୁଆଁପାଳ ଓ ବାଘମାରୀ ପଞ୍ଚାୟତରେ ଗୋଷ୍ଠୀ ଭିତ୍ତିରେ ଗ୍ରାମ୍ୟ ପୋଖରୀରେ ମାଛଚାଷ କରାଯିବା ସହ ହୁଡାରେ ପନିପରିବା ଓ ଫଳ ଲଗାଯିବ। ସୁନିଲକୁମାର ଜେନା ପ୍ରଶିକ୍ଷକ ଭାବେ ଯୋଗଦେଇ ମାଛଚାଷ ନିମନ୍ତେ ପୋଖରୀ ପରିଚାଳନା, ଖାଦ୍ୟ ପ୍ରସ୍ତୁତି, ରୋଗ ପରିଚାଳନା ସଂପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ମ୍ୟାନେଜର ସନାତନ ବେହେରା, ନିଡିର ନିର୍ଦ୍ଦେଶକ ଡଃ ରଂଜନକୁମାର ରାଉତ ଓ ପ୍ରକଳ୍ପ ପରିଚାଳକ ପ୍ରଦୀପ୍ତ ନାୟକଙ୍କ ସହ ସ୍ଥାନୀୟ ଲୋକମାନେ ସାମିଲ ହୋଇଥିଲେ।

# ବେଆଇନ ବାଣ ଜବତ

**ମାର୍ଶାଘାଇ:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ ବାଣ ବିକ୍ରିକାରୀଙ୍କ ଉପରେ ମାର୍ଶାଘାଇ ପୋଲିସର ଛାନଭିନ ଆରମ୍ଭ। ରବିବାର ମାର୍ଶାଘାଇ ପୋଲିସ ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଲିପଙ୍କ, ଗଡାନଇ, ଓସ୍ତର, ଯଦୁପୁର, ଆଉରୀ, ଅଙ୍ଗୁଳାଇ ଓ ମାର୍ଶାଘାଇ ସମେତ ବିଭିନ୍ନ ସ୍ଥାନରେ ଚଢାଉ କରିଛି। ବିପୁଳ ପରିମାଣର ତାଳଫୋଟକା, ଗଡମା ଇତ୍ୟେଦି ବିସ୍ଫୋରକ ବିଶାକ୍ତ ବାଣ ଜବତ କରିଛି। ଏହି ଘଟଣାରେ ପୋଲିସ ପାଟଲିପଙ୍କ ଗ୍ରାମର ବେଆଇନ ବାଣ ଜବତ କରିବା ସହିତ (୩୧୮/୨୫)ରେ ମାମଲା ରୁଜୁ କରିବା ସହିତ ଅନ୍ୟ ଏକ ଘଟଣାରେ ଆଉରୀ ଗ୍ରାମର ଶେଷ ଦେବ ବେହେରାଙ୍କୁ ଗିରଫ କରିବା ସହିତ (୩୧୯/୨୫) ମାମଲା ରୁଜୁକରି ବିପୁଳ ପରିମାଣର ବାଣ ଜବତ କରିଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି।

# ପାଲାଗାୟକ ମଣ୍ଡଳର ସାଂଗଠନିକ ବୈଠକ

**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**



ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ କୋଶଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କ ଉପସ୍ଥିତିରେ ସଭାପତି ବିଶ୍ୱନାଥ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂପାଦକ ରମେଶ ଚନ୍ଦ୍ର ପଲେଇ ଉପସ୍ଥାପନ କରିଥିବା ପୂର୍ବ ବାର୍ଷିକ ସମ୍ମିଳନୀର ଆୟବ୍ୟୟ ହିସାବ ସମୀକ୍ଷା କରାଯାଇଥିଲା। ପୁରୀରେ ଅନୁଷ୍ଠିତ ଗତ ଜିଲ୍ଲା ସମ୍ମିଳନୀ ଓ ରାଜ୍ୟ ପାଲାଗାୟକ ପରିଷଦ ସମ୍ମିଳନୀର ମାନପତ୍ର ମଣ୍ଡଳ ସଦସ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ପରେ ମଣ୍ଡଳର ଆଗାମୀ ବାର୍ଷିକ ସମ୍ମିଳନୀ ସମ୍ପର୍କରେ ସମ୍ୟକ ଆଲୋଚନା କରାଯାଇଥିଲା। ସଭାପତି ଓ ସମ୍ପାଦକଙ୍କ ସମେତ ବିଜୟ ଚନ୍ଦ୍ର ସାମନ୍ତରାୟ, ବରିଷ୍ଠ ଗାୟକ ପ୍ରକାଶ ଚନ୍ଦ୍ର ବଡ଼ଜେନା, ସଦାଶିବ ବରାଳ, ସୁଧୀର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶ୍ରୀରାମ ସ୍ୱାଇଁ, ବଳରାମ ଦାସ, ସୁଦର୍ଶନ ପ୍ରଧାନ, ରବିନାରାୟଣ ବେହେରା, ଭରତ ଜେନା, ରବିନ୍ଦ୍ର ସାହୁ, ବିଜୟ ସ୍ୱାଇଁ, ଗାୟୀକା ଶୁଭଦ୍ରା ନାୟକ, ରୁମାରଶ୍ମି ପଣ୍ଡା, ପୂର୍ଣ୍ଣିମା ମୁଦୁଲି, କୁମୁଦିନୀ ନାୟକ, ବିଷ୍ଣୁପ୍ରୀୟା ପଣ୍ଡା, ସକୁନ୍ତଳା ବେହେରାଙ୍କ ଓ ଅନ୍ୟ ସଭ୍ୟସଭ୍ୟା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ସଚେତନତା



**ବେତନଟୀ:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଓଡିଶା ପୁଲିସ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଏଥିରେ ଭଚୁଆଲ ମୋଡରେ ଯୋଗଦେଲେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ। ସୂଚନା ମୁତାବକ ଦିନକୁଦିନ ସାଇବର ଅପରାଧ ରାଜ୍ୟରେ ଆଶାତୀତ ଭାବେ ବୃଦ୍ଧି ଘଟିଥିବା ବେଳେ କ୍ରମଶଃ ଏହା ନିୟନ୍ତ୍ରଣ ବାହାରକୁ ଯିବା ଭଳି ପରିସ୍ଥିତି ସୃଷ୍ଟି ହେଲାଣି। ହଜାର ହଜାର ରାଜ୍ୟବାସୀ ସାଇବର ଅପରାଧର ଶୀକାର ହୋଇ ସର୍ବସ୍ୱାନ୍ତ ହୋଇପଡୁଥିବା ବେଳେ ସାଇବର ଅପରାଧୀଙ୍କୁ କାବୁକରିବା ସାମ୍ପ୍ରତିକ ସ୍ଥିତିରେ ଓଡିଶା ପୁଲିସ ପାଇଁ ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସାଇବର ଅପରାଧ ସମ୍ପର୍କିତ ଜନସଚେତନତା ସାଙ୍ଗକୁ ରାଜ୍ୟବ୍ୟାପୀ ବ୍ୟାପକ ଜନମତ ସୃଷ୍ଟି କରିବାକୁ ଓଡିଶା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଓଡିଶା ପୁଲିସ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ଏସଆଇ ମଦନ ମୋହନ ପରିଡା, ଏଏସଆଇ ପଞ୍ଚାନନ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସଂଗଠକ ଭରତଚନ୍ଦ୍ର ନାଏକଙ୍କ ସମେତ ପଦ୍ମମାଳୀ ମହିଳା ସଂଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି ଏବଂ ଅନ୍ୟାନ୍ୟ ସଦସ୍ୟ ପ୍ରମୁଖ ତଥା ବ୍ଲକ କର୍ମଚାରୀ ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ କ୍ରିକେଟ

**ଖୋର୍ଦ୍ଧା:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ ଠାରେ ଅନୁଷ୍ଠିତ ପ୍ରଥମ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଦ୍ୱିତୀୟ ଦିବସ ଖେଳର ପ୍ରଥମ ମ୍ୟାଚ ଯାଆଁଳା ଏବଂ ମୁକୁନ୍ଦ ପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସରେ ଜିତି ମୁକୁନ୍ଦ ପ୍ରାସାଦ ଦଳ ବୋଲିଂ ନିଷ୍ପତ୍ତି ନେଇଥିଲେ। ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୫ ୱିକେଟ ହରାଇ ୨୧୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୮୫ ରନ ଓ ବୀର ଅଭିମନ୍ୟୁ ୫୬ ସଂଗ୍ରହ କରିଥିଲେ। ମୁକୁନ୍ଦ ପ୍ରାସାଦ ଦଳର ପଙ୍କଜ ୩ ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ମୁକୁନ୍ଦପ୍ରସାଦ ଦଳ ୧୬ ଓଭରରୁ ୯ ୱିକେଟ ହରାଇ ୧୬୦ ରନରେ ସୀମିତ ରହିଥିଲା। ଏହି ମ୍ୟାଚକୁ ଯାଆଁଳା ଦଳ ଦଳ ୫୯ ରନରେ ଜିତି ନେଇଥିଲା। ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବୀର ଅଭିମନ୍ୟୁଙ୍କୁ ଅଲ ରାଉଣ୍ଡର ପ୍ରଦର୍ଶନ ପାଇଁ ଅତିଥି ଶଶିକାନ୍ତ ଦାସ (ଟୁବୁଲି)ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ତମାଣ୍ଡୋ ଓ ପାନବରଜ ପରସ୍ପରକୁ ଭେଟିଥିଲେ। ବର୍ଷା ବାଧାପ୍ରାପ୍ତ ଅଧା ମ୍ୟାଚ ଆଗାମୀ ୨୨ ତାରିଖକୁ ଘୁଞ୍ଚିଲା। ତୁଷାରକାନ୍ତ ସୁନ୍ଦରାୟ, ସୁଜିତ ପରିଡା, ଅସିତ ପରିଡା, ପ୍ରକାଶ ସାହୁ, ଓମ ଅର୍ପିତ ମହାପାତ୍ର ଖେଳକୁ ପରିଚାଳନା କରିଥିବାବେଳେ କୈଳାସ ପରିଡା ଓ ମହାଦୀପ ମହାପ୍ରସାଦ ରଥ ଖେଳକୁ ସଂଯୋଜନା କରିଥିଲେ। ୨୦/୧୦/୨୫ ତାରିଖ ସୋମବାର ପ୍ରଥମ ମ୍ୟାଚ ପଳାସପୁର ବନାମ କଲ୍ୟାଣପୁର ଓ ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ମ୍ୟାଚ ରେଫରି ସଂକେତ ଦାସ ଓ ଆଶୁତୋଷ ପାଣିଗ୍ରାହୀ ଜଣାଇଛନ୍ତି।

# ଶିଶୁଙ୍କୁ ମାଡ, ଜାତିଆଣ ଆକ୍ଷେପ

**ଖୋର୍ଦ୍ଧା:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଚମ୍ପାପୁର ଗଡନିଆଳ ଅଙ୍ଗନବାଡି କେନ୍ଦ୍ରରେ ଶିଶୁଙ୍କୁ ମାଡ ଓ ଜାତିଆଣ ଆକ୍ଷେପ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଜାତିଆଣ ଆକ୍ଷେପ ଆଇନ ଧାରାରେ ଏକ ମାମଲା ନଂ ୨୮୬/୨୫ ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଉକ୍ତ ଅଙ୍ଗନବାଡି କେନ୍ଦ୍ର ଅନୁସୂଚିତ ଜାତି ଓ ଜନଜାତିର ଶିଶୁ ପାଠ ପଢୁଛନ୍ତି। ଶୁକ୍ରବାର ଉକ୍ତ କେନ୍ଦ୍ରର ଅଙ୍ଗନବାଡି କେନ୍ଦ୍ର ଜନୈକ ମହିଳା କର୍ମୀ ପିଲାଙ୍କୁ ମାଡ ମାରିବା ସହ ଜାତିଆଣ ଆକ୍ଷେପ କରିଥିବା ନେଇ ଉକ୍ତ ଗ୍ରାମର ସନିଆ ନାୟକ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି।

# କ୍ଲଷ୍ଟର ସ୍ତରୀୟ ସୁରଭି ଉଦଯାପିତ

**ରାଜନଗର:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଓସ୍ତିଆବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଠାକୁର ବାସୁଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନଶିକ୍ଷକ ଅନିଲ କୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବକୁ ଓସ୍ତିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ବୈଦେହୀ ଦାସ ଉଦଘାଟନ କରିଥିଲେ। ଆୟୋଜିତ ଉଦଯାପାନୀ ଉତ୍ସବରେ ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛୋଟ ଛୋଟ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିବାରେ ସୁରଭି ହେଉଛି ଏକ ବଡ ପ୍ଲାଟଫର୍ମ କ୍ଷ ତେଣୁ ସବୁସ୍ତରରେ ଏ କାର୍ଯ୍ୟକ୍ରମକୁ ସହଯୋଗ ମିଳିବା ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ଭାସ୍କର ଚନ୍ଦ୍ର ରାଉତରାୟ, ପ୍ରାକ୍ତନ ସରପଞ୍ଚ କେଦାର କୁମାର ସାହୁ, ଶିକ୍ଷାବିତ ପ୍ରସନ୍ତ କୁମାର ଦାସ, ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀ, ଶିକ୍ଷକ ନେତା ବୀରକିଶୋର ଜେନା, ପ୍ରାକ୍ତନ ସିଆରସିସି ସୁନୀଲ କୁମାର ଦାଶ, ପ୍ରଧାନ ଶିକ୍ଷକ ସନାତନ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପଣ୍ଡିତ ବରାଦାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସହ ନୂତନ ସିଆରସିସି ନିରାକର ସେଠୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକନେତା ହେମନ୍ତ ବାରିକ, ସଂଗୀତ ଗୁରୁ ଜ୍ଞାନରଞ୍ଜନ ପରିଡା, ରାମଚନ୍ଦ୍ର ବାରିକ, ନୃତ୍ୟଗୁରୁ ସୁକୁମାର ପରିଡା ନାରାୟଣ କହଁର, ଦିଲ୍ଲୀପ ସ୍ୱାଇଁ, ତାପସ ରାଉତ, ଅନଙ୍ଗ କୁମାର ଜେନା, ଅରବିନ୍ଦ ମହାନ୍ତି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା ପ୍ରମୁଖ ପରିଚାଳନା କରିଥିଲେ। କ୍ଲଷ୍ଟରର ଦଶଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସିନିଅର ତର୍କ ବିଭାଗରେ ସୌମ୍ୟରଞ୍ଜନ ପ୍ରଧାନ ପ୍ରଥମ ହୋଇଥିବା ବେଳେ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଗନ୍ନାଥପୁର ଶାସନ ନୋଡାଲ ଶିକ୍ଷା ନିକେତନ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହ ଅନ୍ୟ ସମସ୍ତ ଆଠଗୋଟି ବିଭାଗର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅରୁଣ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ଖଣ୍ଡପଡ଼ାରେ କନିଷ୍ଠଯନ୍ତ୍ରୀ ଓ କର୍ମଚାରୀଙ୍କ ଅଭାବ

**ଖଣ୍ଡପଡ଼ା:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ କର୍ମଚାରୀ ଓ ଯନ୍ତ୍ରୀଙ୍କ ଅଭାବ ଯୋଗୁଁ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖା ଦେଇଛି। ଦିର୍ଘ ମାସ ଧରି ଅବ୍ୟବସ୍ଥା ମଧ୍ୟରେ ବ୍ଲକ କାର୍ଯ୍ୟାଳୟଟି ଗତି କରୁଥିବା ନେଇ ଜିଲ୍ଲା ପ୍ରଶାସନ ଅବଗତ ଥିଲେ ହେଁ ସମସ୍ୟାର ସମାଧାନ ଦିଗରେ ଦୃଷ୍ଟି ଦେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ଦିର୍ଘ ବର୍ଷ ଧରି କାର୍ଯ୍ୟରତ କର୍ମଚାରୀ ଓ ଯନ୍ତ୍ରୀଙ୍କ ପଦୋନ୍ନତି ସହ ଅନ୍ୟତ୍ର ବଦଳି ପରେ ସେମାନଙ୍କ ସ୍ଥାନରେ ଏଠାରେ ଆଉ କାହାରିକୁ ନିଯୁକ୍ତି ଦିଆଯାଇ ନଥିବାରୁ ବ୍ଲକ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ଜଣାପଡିଛି। ଫଳରେ ଖଣ୍ଡପଡ଼ା ବ୍ଲକ ଅଧିନ ୨୨ଟି ପଞ୍ଚାୟତରେ ସମୟାନୁକ୍ରମେ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ବାଧାପ୍ରାପ୍ତ ହେବାସହ ଅନେକ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବା ଜଣାପଡିଛି। ସରକାର ପଞ୍ଚାୟତିରାଜ ବ୍ୟବସ୍ଥା ଜରିଆରେ ବିଭିନ୍ନ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଥିଲେ ହେଁ ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ଯୋଗୁଁ ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ରୁପେ ବାଧାପ୍ରାପ୍ତ ହେଉଥିବା ଜଣାପଡିଛି। ଏ ନେଇ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧିମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ପଞ୍ଚାୟତ ସିମିତି ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାମାନେ କର୍ମଚାରୀ ଅଭାବ ପ୍ରସଙ୍ଗକୁ ନେଇ ବାରମ୍ବାର ଆଲୋଚନା କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି। ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ଏବେ ୫ ଜଣ କନିଷ୍ଠଯନ୍ତ୍ରୀ ଓ ଜଣେ ନିର୍ବାହୀଯନ୍ତ୍ରୀ କାର୍ଯ୍ୟ କରୁଥିବା ଜଣାପଡିଛି। ଏକାଧିକ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ପଦବୀ ଖାଲିପଡିଛି। ବ୍ଲକ କାର୍ଯ୍ୟାଳୟରେ ୧୦ଜଣ କନିଷ୍ଠ ଯନ୍ତ୍ରୀ ଓ ୪ ଜଣ ସହକାରୀ ଯନ୍ତ୍ରୀ ରହିବାର ବ୍ୟବସ୍ଥା ଥିବା ବେଳେ ଏବେ ମାତ୍ର ୫ଜଣ କନିଷ୍ଠଯନ୍ତ୍ରୀଙ୍କୁ ନେଇ ଯଥାକଥା ରୀତିରେ ବ୍ଲକ କାର୍ଯ୍ୟାଳୟଟି ଚାଲିଥିବା ଜଣାପଡିଛି। ଫଳରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପଞ୍ଚଦଶ କେନ୍ଦ୍ରୀୟ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ, ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ସଂପର୍କିତ କାର୍ଯ୍ୟ ନିମନ୍ତେ ମଞ୍ଜୁର ଅନୁଦାନ ଅର୍ଥ ବିନିଯୋଗ ହୋଇ ନ ପାରି ବ୍ଲକ କାର୍ଯ୍ୟାଳୟ ଆକାଉଣ୍ଟରେ ପଡି ରହିଛି। ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ଦେଖା ଦେଇଥିବା ଅଚଳାବସ୍ଥା ପ୍ରତି ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ସଚିବ, ବିଭାଗୀୟ ମନ୍ତ୍ରୀ, ଖଣ୍ଡପଡ଼ା ବିଧାୟକ ଓ ସାଂସଦ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ୧୬ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

**ବୈଶିଙ୍ଗା:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ପଞ୍ଚାୟତର ଖୁଣ୍ଟା ଗ୍ରାମରେ ଆରମ୍ଭ ହୋଇଥିବା ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ବାବା ବିଶେଶ୍ୱର କ୍ଲବ ଅନୁକୂଲ୍ୟରେ ୧୬ଟି ଫୁଟବଲ ଟିମ୍‌କୁ ନେଇ ଖେଳ ଉଦଘାଟିତ ହୋଇଥିଲା। ଆଜିର ଫାଇନାଲ ଖେଳରେ ସଠିଲୋ ମାରାଣ୍ଡି ଫୁଟବଲ ଟିମ୍ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାଇଜାନ୍ ରିଟର୍ଣ୍ଣ ଟିମ୍‌କୁ ୧-୦ ଗୋଲରେ ପରାସ୍ତ କରି ଚମ୍ପିଆନ ହୋଇଥିବା ଜଣାଯାଇଛି। ଖେଳ ଶେଷରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ଯୋଗ ଦେଇ ଚାମ୍ପିଅନ ଟିମ୍, ପ୍ରଥମ ରନର୍ସଅପ୍ ଏବଂ ଦ୍ୱିତୀୟ ରନର୍ସଅପ୍ ଟିମକୁ ପୁରସ୍କାର ପ୍ରଦାନ କରିବା ସହିତ ସୌହାଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହେବା ସହିତ ସୁସ୍ଥ ଶରୀର ଓ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ଖେଳର ଆବଶ୍ୟକତ ରହିଛି ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅଶୋକ କୁମାର ବେହେରା ଯୋଗଦେଇ ହାର-ଜିତ ମନୋଭାବ ଦୂର କରି ଖେଳାଳୀ ଭାବରେ ଖେଳିବାକୁ ପରାମର୍ଶ ଦେଇଥିଲେ। ଖେଳ ବିବରଣୀ ସଞ୍ଜୟ ମହାକୁଡ ବହୁତ ସୁନ୍ଦର ଭାବେ ପରିବେକ୍ଷଣ କରୁଥିବା ବେଳେ କ୍ଲବର ସଭାପତି ହରିଶ ମହାକୁଡ, ସମ୍ପାଦକ ପ୍ରକାଶ ମହାକୁଡ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୀଷ କୁମାର ଗିରି, ସମିତି ସଭ୍ୟ ସୁଦାମ ମହାକୁଡ, ରଞ୍ଜିତ ମହାକୁତ, ହାରାଧନ ମହାକୁଡ, ନନ୍ଦକିଶୋର ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ।

**Notice**

By virtue of an affidavit sworn before the Executive Magistrate, Kanika, dated-03/09/2025, Anchal Malik(new name) of Village-Ahamadpur, PO-Abdulpur, PS-Rajkanika, Distt-Kendrapara, Odisha, PIN-755016 declares that I have changed my name from Aachal Kumar Malik(old name) to Anchal Malik (new name). Henceforth, I shall be known as Anchal Malik (new name) for all purposes.

Sd/-
Anchal Malik

# ସରକାରୀ ଜମିରୁ ମୂଲ୍ୟବାନ ଗଛ କାଟିବା ଅଭିଯୋଗ

**ମାର୍ଶାଘାଇ:୧୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ତହସିଲ ଅଧୀନ ଅନ୍ତେଇ ଗ୍ରାମ ପଞ୍ଚାୟତ ପାଇଲୋ ଗ୍ରାମରୁ ଗୋଟିଏ ଆକାଶି ଓ ଦୁଇଟି ମୂଲ୍ୟବାନ ଚକୁଣ୍ଡା ଗଛ ଯାହାର ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ତେବେ ବେଆଇନ ଭାବରେ ସରକାରୀ ଜମିରୁ ମୂଲ୍ୟବାନ ଗଛ କାଟିବା ନେଇ ପାଇଲୋ ଗ୍ରାମବାସୀମାନେ ମାର୍ଶାଘାଇ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଘଟଣାର ତଦନ୍ତ ଚାଲୁଥିବା ତହସିଲଦାର ଶ୍ରୀକାନ୍ତ ପରିଜା ସୂଚନା ଦେଇଛନ୍ତି।

ଶ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ)
ବି-୪, କୁତବ ସାଂସ୍ଥାନିକ କ୍ଷେତ୍ର, ନୂଆ ଦିଲ୍ଲୀ-୧୧୦୦୧୬
**ବିଜ୍ଞାପନ ସଂଖ୍ୟା-୦୩/ ୨୦୨୫**

ଶ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆ ଦିଲ୍ଲୀରେ ଏକ ଏସୋସିଏଟ ପ୍ରଫେସର (ସର୍ବଦର୍ଶନ), ଏକ ସହାୟକ ପ୍ରଫେସର (ଶିକ୍ଷା), ଏକ ସହାୟକ ପ୍ରଫେସର (ଧର୍ମଶାସ୍ତ୍ର) ଏବଂ ପୁସ୍ତକାଳୟ ଅଧକ୍ଷ ପଦର ଭର୍ତ୍ତୀ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଅନଲାଇନ ମାଧ୍ୟମରେ ଆବେଦନ ପତ୍ର ଆମନ୍ତ୍ରଣ କରୁଛନ୍ତି। ପଦର ସଂମ୍ବନ୍ଧୀତ ଯୋଗ୍ୟତା ମାନଦଣ୍ଡ, ଆବେଦନ ଶୁଳ୍କ, ଆବେଦନ ଜମା କରିବାର ଶେଷ ତାରିଖ ତଥା ଭର୍ତ୍ତୀର ଅନ୍ୟାନ୍ୟ ବିସ୍ତୃତ ବିବରଣୀ ବିଶ୍ୱବିଦ୍ୟାଳୟର ୱେବସାଇଟ www.slbsrsv.ac.in ତଥା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପୋର୍ଟାଲ (https://curec.samarth.ac.in/imdex.ph/search/site/index)ରେ ଅପଲୋଡ କରାଯାଇଛି। ଅନଲାଇନ ଆବେଦନ କରିବାର ଶେଷ ତାରିଖ-୧୭.୧୧.୨୦୨୫ ଅଟେ।

**CBC 21371/12/0010/2526** କୁଳସଚିବ (ପ୍ରଭାରୀ)

# ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୦ ଅକ୍ଟୋବର ୨୦୨୫ ● ସୋମବାର

## କାଳୀପୂଜା ଉପଲକ୍ଷେ ପୋଲିସର ଫ୍ଲାଗ ମାର୍ଚ୍ଚ

ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍

କାଳୀ ପୂଜା ଓ ଲକ୍ଷ୍ମୀନାରାୟଣ ପୂଜା ପାଇଁ ଯାଜପୁର ସହର ଚଳଚଂଚଳ ହୋଇପଡିଛି। ସମସ୍ତ ମେଢ଼ର କର୍ମକର୍ତାମାନେ ପୂଜାକୁ ସରସ ସୁନ୍ଦର ଓ ବିଭିନ୍ନ ପ୍ରକାର ଆକର୍ଷଣୀୟ ତୋରଣ ଓ ଅନ୍ୟାନ୍ୟ ସାଜସଜାରେ ଆଗ୍ରହ ପ୍ରକାଶ କରିଛନ୍ତି। ଯାଜପୁର ସହରରେ କାଳୀପୂଜା ଏକ ଗଣପର୍ବ ହୋଇଥିବାରୁ ଯାଜପୁର ଏବଂ ପଡୋଶୀ ଭଦ୍ରକ ଏବଂ କେନ୍ଦ୍ରାପଡା ଜିଲାରୁ ଅନେକ ଶ୍ରଦ୍ଧାଳୁ ତଥା ଦର୍ଶକ ପୂଜା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ଯାଜପୁରକୁ ଆସିଥାନ୍ତି। ଚଳିତ ବର୍ଷ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଶାନ୍ତି କମିଟି ଓ ପୂଜା କମିଟିର ସଦସ୍ୟ ମାନଙ୍କୁ ନେଇ ୩ ଥର ପ୍ରସ୍ତୁତି ବୈଠକ କରାଯାଇଅଛି। ପ୍ରଶାସନିକ କ୍ଷେତ୍ରରେ ଜିଲାପାଳ ଅମ୍ବର କୁମାର କର ଓ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ରବିବାର ସନ୍ଧ୍ୟାରେ ଯାଜପୁର ସହରରେ ଏକ ଫ୍ଲାଗ ମାର୍ଚ୍ଚ ବାହାରି ହାବେଲୀ ବଜାର, ମାର୍କେଟ ଛକ, ହରପାର୍ବତୀ ଛକ, ବଡ଼ ବଜାର, ନାରାୟଣୀ ଛକ, ଗରିଆପୁର ଛକ, କବରସ୍ତାନ, ମେଡିକାଲ ଛକ, ରେଡକ୍ରସ ଛକ, କିଆନାଳୀଛକ ଦେଇ ସଂସ୍କୃତି ଭବନ ଠାରେ ପହଂଚିଥିଲେ। ଜିଲାପାଳ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ କାଳୀପୂଜା, ଲକ୍ଷ୍ମୀନାରାୟଣ ପୂଜା ଓ ଦୀପାବଳୀ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଜନସାଧାରଣ ଶାନ୍ତିଶୃଙ୍ଖଳାର ସହିତ ଏହି ମହାନ ପର୍ବ ଓ ଭସାଣୀ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଭାବରେ ସମାପନ କରିବାକୁ ଅନୁରୋଧ କରିଛନ୍ତି। ସହରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଫ୍ଲାଗ ମାର୍ଚ୍ଚରେ ୨ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୫ଜଣ ଉପ-ଆରକ୍ଷୀ ଅଧିକ୍ଷକ, ୯ଜଣ ଇନ୍ସପେକ୍ଟର, ୨୩ପ୍ଲାଟୁନ ଫୋର୍ସ, ୨ଜଣ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ନିୟୋଜିତ ହୋଇଛନ୍ତି। ସାରା ସହରରେ ପ୍ରମୁଖ ଛକ ମାନଙ୍କରେ ୩୨ଗୋଟି ସିସିଟିଭି କ୍ୟାମେରା, ୮ଟା ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି।

## ହବିଷ୍ୟାଳୀଙ୍କ ପଞ୍ଚୁକ ବ୍ରତ ପାଳନ ପ୍ରସ୍ତୁତି

କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍

ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ତୁଳସୀକ୍ଷେତ୍ରରେ ହବିଷ୍ୟାଳୀମାନଙ୍କ କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଅକ୍ଟୋବରମାସ ୩୧ ତାରିଖ ଠାରୁ ନଭେମ୍ବରମାସ ୫ତାରିଖ ପର୍ଯ୍ୟନ୍ତ ତୁଳସୀକ୍ଷେତ୍ରରେ ଏହି ବ୍ରତ ପାଳନ କରାଯିବ। ଶ୍ରୀବଳଦେବଜୀଉଙ୍କ ଯାତ୍ରୀନିବାସରେ ହବିଷ୍ୟାଳୀମାନଙ୍କ ପାଇଁ କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ ଅବସରରେ ଦୈନିକ ବିଭିନ୍ନ ସାଧୁସନ୍ଥମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ, ଆଲୋଚନା ଚକ୍ର ଓ ସଂକୀର୍ତ୍ତନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି କିଭଳି କରାଯିବ ସେଥିନିମନ୍ତେ ଯଥାଯଥ ଭାବେ କାର୍ତ୍ତିକ ପଞ୍ଚୁକ ବ୍ରତ ବିଧି ମୁତାବକ ପାଳନ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା। ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ଜିଲ୍ଲା ବିଜେପି ସଭାପତି ଶଶାଙ୍କଶେଖର ସେଠୀ, ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ, ଅଭିମନ୍ୟୁ ଗୋଛାୟତ, ଗୋଲଖ ଚନ୍ଦ୍ର ବେହେରା, ଅମୀୟ ପଣ୍ଡା, ବଳଦେବସେନାର ସଭାପତି ପପୁନ ସ୍ୱାଇଁ, ସେନାର ସମ୍ପାଦକ ଓ ଅନ୍ୟ ସଦସ୍ୟମାନେ, ଦ୍ରୌପଦୀ ରାଉତ, ରୀତାଞ୍ଜଳି ନାଥ, ପାର୍ବତୀ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏସମ୍ପର୍କରେ କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କ ସହ କଥାବାର୍ତ୍ତା ହୋଇଥିବା ପ୍ରକାଶ କରିଥିଲେ। ବ୍ରହ୍ମଚାରୀ ନୃସିଂହ ନାଥ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ତୁଳସୀକ୍ଷେତ୍ରରେ ରହି କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ କରିବାକୁ ଚାହୁଁଥିବା ମା'ମାନେ ଯଥାଶୀଘ୍ର ଗରାପୁର ଶିବାନନ୍ଦ ଆଶ୍ରମ ସହିତ ଯୋଗାଯୋଗ କରିବାକୁ ଆଶ୍ରମ ପକ୍ଷରୁ ନିବେଦନ କରାଯାଇଛି।

## ଦୀପାବଳି ଓ ଭସାଣି ଦାୟିତ୍ୱରେ ୫୦ ପ୍ଲାଟୁନ୍ ଫୋର୍ସ, ୩ ଶହ ଅଫିସର

କଟକ:ଏକ୍ସପ୍ରେସ୍ ନ୍ୟୁଜ୍



କାଳୀପୂଜା, ଦୀପାବଳି ଓ କାଳୀ ଭସାଣି ପାଇଁ କଟକ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଉଛି। ସହରରେ ଯେମିତି କୌଣସି ପ୍ରକାର ବିଶୃଙ୍ଖଳା ନହୁଏ ସେଥିପାଇଁ ସବୁପ୍ରକାର ବନ୍ଦୋବସ୍ତ କରୁଛି ପୁଲିସ। ଏହି କ୍ରମରେ ଆସନ୍ତାକାଲିଠାରୁ ଭସାଣି ଶେଷ ପର୍ଯ୍ୟନ୍ତ ପ୍ରାୟ ୫୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏ ନେଇ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେଉଛି। ବିଭିନ୍ନ ମଣ୍ଡପ, ମଣ୍ଡପ ପାଖ ଅଂଚଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଥିବା ଅଂଚଳ ଭିଡ଼ ହେଉଥିବା ରାସ୍ତା, ମୁଖ୍ୟ ଛକ ଓ ସମ୍ବେଦନଶୀଳ ଅଂଚଳରେ ଫୋର୍ସ ମୁତୟନ କରାଯିବ। ଏଥିପାଇଁ ପ୍ରାୟ ୫୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ସେହିପରି ସବୁ ଥାନାକୁ ଗୋଟିଏ ସେକ୍ସନ କରି ଷ୍ଟ୍ରାକିଂ ଫୋର୍ସ ଦିଆଯାଇଛି। ଟ୍ରାଫିକ ପରିଚାଳନାରେ ୪ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ଚାନ୍ଦି ମେଢ଼ରେ ବନ୍ଧୁକଧାରୀ ପୁଲିସ ଓ ଦୁଇ ଜଣ ସିପାହୀ ରହିବେ। ଯେଉଁ ଥାନା ଅଂଚଳରେ ଅଧିକ କାଳୀମେଢ଼ ଅଛି ଓ ଗହଳିପୂର୍ଣ୍ଣ ରାସ୍ତା ଅଛି ସେଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ପୂଜା ପରେ ୨୪ ତାରିଖ ଭସାଣି ଦିନ ଫୋର୍ସ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ହାତୀପୋଖରୀ, ଦରଘାବଜାର, ଗୌରୀଶଙ୍କର ପାର୍କ ଅଂଚଳରେ ସଂପୂର୍ଣ୍ଣ ଭାବେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯିବ। ସିଆରପିଏଫର ଦୁଇ କମ୍ପାନି ଓ ର୍ୟାପିଡ ଆକ୍ସନ ଫୋର୍ସର ଗୋଟିଏ କଂପାନୀରେ ଥିବା ପ୍ରାୟ ସାଢ଼େ ୩ ଶହ ସୁରକ୍ଷା କର୍ମୀଙ୍କ ନିୟନ୍ତ୍ରଣରେ ଏହି ଅଂଚଳ ରହିବ। ତେବେ ସୁରକ୍ଷା ବୁଝିବା ପାଇଁ ମୋଟ ୫ ଜଣ ଡିସିପିସ୍ତରୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଡିସିପି ରିଷିକେଶ ଖିଲାରୀ, ଏସପି ଦେବଦତ୍ତ କର, ଏସପି ସେକ୍ ସରିଫଉଦ୍ଦିନ, ଡିସିପି ପ୍ରକାଶ ପାଲ ଓ ଡିସିପି ସେଲଭିୟସ ଟପ୍ପୋଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଏହା ବାଦ୍ ଏଡିସିପି, ଏସିପି ଓ ଇନ୍ସପେକ୍ଟର ସ୍ତରର ପ୍ରାୟ ୭୦ ଜଣ ଅଧିକାରୀ ସୁରକ୍ଷା ଦାୟିତ୍ୱ ତଦାରଖ କରିବେ। ଭସାଣି ଦିନ ଖୋଦ୍ ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ ଓ ପୁଲିସ କମିଶନର ଏସ. ଦେବଦତ୍ତ ସିଂହ ମଧ ଉପସ୍ଥିତ ରହିବେ।

ଦୀପାବଳି, କାଳୀପୂଜା ଓ ଭସାଣି ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ମଧ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଦୀପାବଳିରେ ବାଣଫୁଟା ପାଇଁ ଅଗ୍ନିକାଣ୍ଡର ଆଶଙ୍କା ଅଧିକ ରହିଛି। ତେଣୁ ସହରରେ ଥିବା ତିନୋଟି ସ୍ଥାୟୀ ଦମକଳ କେନ୍ଦ୍ର ସହିତ ଅନ୍ୟ ୬ଟି ଦମକଳ କେନ୍ଦ୍ର ସ୍ଥାପନ କରାଯିବ। ଲାଲବାଗ ଥାନା, ମାଲଗୋଦାମ ଥାନା, ସିଏନବିଟି ପାଖରେ, ମାଲଗୋଦାମ ଥାନା ପାଖରେ, ଖାନନଗର ସ୍କୁଲ ପାଖରେ ଓ ଚୌଧୁରୀ ବଜାର ସିଏମସି କାର୍ଯ୍ୟାଳୟ ପାଖରେ ଏସବୁ କେନ୍ଦ୍ର ସ୍ଥାପନ ହେବ। ସେଠାରେ ଗୋଟିଏ ଦମକଳ ଗାଡ଼ି ୭ ଜଣ କରି କର୍ମଚାରୀ ଉପସ୍ଥିତ ରହିବେ। ଏଦାବାଦ୍ ଦୁଇଟି ବାଇକ ପାଟ୍ରୋଲିଂ ଗାଡ଼ି ଓ ୨ଟି ଛୋଟ ଦମକଳ ଗାଡ଼ି ପୁରୀଘାଟ, ଲାଲବାଗ ଓ ଦରଘାବଜାର ଥାନା ଅଂଚଳରେ ପଇଁତରା ମାରିବ। ଏହି ବ୍ୟବସ୍ଥାରେ ମୋଟ ୧୯୦୦ଜଣ ଅଗ୍ନିଶମ କର୍ମଚାରୀ ଓ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

## ଶିଶୁ ଶ୍ରମିକ ଉଚ୍ଛେଦ ଅଭିଯାନ ପୁନଃଗଠିତ



ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍

ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କରେ ଜନମତ ସୃଷ୍ଟି କରିବାକୁ ୩୦ ବର୍ଷ ତଳୁ ଗଠିତ ହୋଇଥିବା ଜିଲା ଶିଶୁ ଶ୍ରମିକ ଉଚ୍ଛେଦ ଅଭିଯାନ ଅତିତରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ବିଶେଷକରି ବହୁ ବିପଦଜନକ କାର୍ଯ୍ୟରେ ଲିପ୍ତ ଥିବା ଶିଶୁଙ୍କୁ ମୁଖ୍ୟ ସ୍ରୋତରେ ଆଣି ବିଦ୍ୟାଳୟରେ ନାମ ଲେଖାଇବା ସହ ପରିବାରର ଉନ୍ନତି କରିବା ଏବଂ ସରକାରୀ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରଖି କାମ କରିବା ପ୍ରଣିଧାନ ଯୋଗ୍ୟ। ଶନିବାର ଦିନ ଯାଜପୁର ସହରସ୍ଥିତ ସ୍ୱାମୀ ବିବେକାନନ୍ଦ ୟୁଥ୍ ଆସୋସିଏସନ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ସାଙ୍ଗଠନିକ ସଭାରେ ନିମାଇ ରାୟଙ୍କ ସଭାପତିତ୍ୱରେ ଜିଲାର ବିଭିନ୍ନ ସଙ୍ଗଠନ ଯୋଗ ଦେଇଥିଲେ। ଜୟନ୍ତୀ ପାଠାଗାର, କଫି, ସିକୁଏର, ବ୍ରାସ୍, ସୂର୍ଯ୍ୟାଲୋକର ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆରମ୍ଭରୁ ୩୦ ବର୍ଷ ଧରି ଆବାହକ ରୂପେ କାର୍ଯ୍ୟ କରି ଆସୁଥିବା ନିମାଇ ରାୟ ତାଙ୍କ ପଦବିରୁ ଓହରି ଯାଇଥିଲେ ଓ ନୂତନ ଆବାହକ ଭାବେ ଚନ୍ଦ୍ର ଶେଖର ବେହେରା ଦାୟିତ୍ୱ ଗ୍ରହଣ କରିଥିଲେ। ଆଞ୍ଚଳିକ ସଂଯୋଜକ ହୃଷିକେଶ ପଣ୍ଡା, ରାଜ୍ୟ ସଙ୍ଗଠନର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ କୁମାର ମଲ୍ଲିକ, ଶରତ ରାଉତ, ହେମନ୍ତ ବାହାଲିଆ, ବସୁବନ୍ଧୁ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିବା ବେଳେ ସତ୍ୟସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା



ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ବିଜେଡିର ଜନସଂପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଜନସଂପର୍କ ପଦଯାତ୍ରାରେ ଦଳର ବହୁ ତୁଙ୍ଗ ନେତା, ସଂଗଠକ, ପଞ୍ଚାୟତ ଜନପ୍ରତିନିଧିଙ୍କ ସମେତ ବହୁ ପୁରୁଖା ନେତା ସାମିଲ ହୋଇଥିଲେ। ଖଣ୍ଡପଡ଼ା ବ୍ଲକ ଅଧିନ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠରୁ ଜନସଂପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା। ପୀଠ ପରିସରରେ ପୂଜାର୍ଚ୍ଚନା ପରେ ସେଠାରୁ ଜନସଂପର୍କ ପଦଯାତ୍ରା ବାହାରି ମର୍ଦ୍ଦରାଜପୁର, ଚାଉପଲ୍ଲୀ, ଖଳିସାହି ଗ୍ରାମ ପରିକ୍ରମା କରି ନିକଟସ୍ଥ ତୋଟା ହନୁମାନଙ୍କ ମନ୍ଦିର ନିକଟରେ ପଦଯାତ୍ରା ଶେଷ ହୋଇଥିଲା। ଜନସମ୍ପର୍କ ପଦଯାତ୍ରାରେ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ନୟାଗଡ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ ହଜାର ହଜାର କର୍ମୀ ଓ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେବା ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ଲୋକପ୍ରିୟତା ସଂପର୍କରେ ଆଲୋକପାତ କରିଥିଲେ। ଏବେବି ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଜନସାଧାରଣ ନବୀନଙ୍କୁ ମନେ ପକାଉଛନ୍ତି ବୋଲି ଦଳର ତୁଙ୍ଗ ନେତାମାନେ ମତ ଦେବାସହ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ସମଗ୍ର ଓଡ଼ିଶାରେ କିପରି ବିକାଶର ଯୁଗ ଆରମ୍ଭ ହୋଇଥିଲା ସେ ନେଇ ମତ ରଖିଥିଲେ। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡିର ମଙ୍ଗ ଧରିଥିବା ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ପଦଯାତ୍ରାରେ ଖଣ୍ଡପଡ଼ା ବ୍ଲକ ଅଧିନ ୨୨ ପଞ୍ଚାୟତ ଓ ଖଣ୍ଡପଡ଼ା ସହରାଞ୍ଚଳରୁ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ। ଜିଲ୍ଲା ପରିଷଦ ଉପାଧକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡା ବ୍ଲକ ଅଧକ୍ଷା ଉପମା ବେହେରା, ବରିଷ୍ଠ ଜିଲ୍ଲାପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ଧର୍ମେନ୍ଦ୍ର କୁମାର ଧଳ, ଖଣ୍ଡପଡା ଓ ଭାପୁର ବ୍ଲକ ବିଜେଡି ସଭାପତି ବିଜୟ ତ୍ରିପାଠୀ, ଶିବ ପ୍ରସାଦ ଷଡ଼ଙ୍ଗୀ, ବରିଷ୍ଠ ନେତା ଅଖିଳ କୁମାର ପଣ୍ଡା, ପ୍ରଫୁଲ୍ଲ ଆଚାର୍ଯ୍ୟ, ମାଧବ ଚନ୍ଦ୍ର ସାହୁ, ସୂର୍ଯ୍ୟ ନାରାୟଣ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଯ୍ୟୋଧନ ସ୍ୱାଇଁ, ବସନ୍ତ କୁମାର ମାଝୀ, ମହିଳା ସଭାନେତ୍ରୀ କବିତା ମହାରଣା, ଯୁବ ବିଜେଡ଼ି ସଭାପତି ମନୋରଞ୍ଜନ ବେହେରା, ଛାତ୍ର ସଭାପତି ବିକ୍ରମ ପ୍ରଧାନଙ୍କ ସମେତ ୫ ହଜାରରୁ ଉର୍ଦ୍ଧ୍ୱ କର୍ମୀ, କର୍ମକର୍ତ୍ତା, ସମର୍ଥକମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।

## ପଣ୍ଡିତ ଡ. ପ୍ରବୋଧ ମିଶ୍ରଙ୍କ ଜନ୍ମଦିନ ଓ ସଂସ୍କୃତ କାବ୍ୟ ବିସ୍ମୟ ପୁରୁଷଃ ଉନ୍ମୋଚିତ



ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ସଂସ୍କୃତ କବି ଓ ବରିଷ୍ଠ ସାମ୍ବାଦିକ ପଣ୍ଡିତ ଡ. ପ୍ରବୋଧ ମିଶ୍ରଙ୍କ ଜନ୍ମଦିନରେ ପ୍ରଫେସର ଡ. ସୁବାଷ ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ଲୋହିଆ ଏକାଡେମୀରେ ମା'ଶାରଳାଙ୍କର ପୂଜନ ହୋଇ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ସଂସ୍କୃତ କାବ୍ୟ 'ବିସ୍ମୟ-ପୁରୁଷଃ' ଉନ୍ମୋଚିତ ହୋଇଛି। ପଟିଆର ଅତୀତ ଗୌରବ ଓ ସାମ୍ପ୍ରତିକ ବିଶ୍ୱବିଖ୍ୟାତ ଶିକ୍ଷାପୁଞ୍ଜର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ କର୍ମଧାରା ସଂପର୍କରେ କାବ୍ୟରେ ଉଲ୍ଲେଖ କରାଯାଇଛି। ପଣ୍ଡିତ ମିଶ୍ରଙ୍କର ୧୨ଖଣ୍ଡ ସଂସ୍କୃତ ଦୂତକାବ୍ୟ ସମେତ ୮୦ ଖଣ୍ଡ ଓଡ଼ିଆ କାବ୍ୟ ପ୍ରକାଶ ପାଇଛି। ଦେଶରେ କାଳିଦାସଙ୍କ ଧାରାରେ ଦୂତକାବ୍ୟ ରଚନାରେ ଶ୍ରୀ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବୋଲି ଡ. ଦାସ ତଥ୍ୟ ପ୍ରକାଶ କରିଥିଲେ। ସାମ୍ପ୍ରତିକ 'ବିସ୍ମୟ-ପୁରୁଷଃ' କାବ୍ୟରେ ପଟିଆର ଅତୀତର ବିଭବ ଓ ଗୌରବ ବର୍ଣ୍ଣନା ଏବଂ ସଂପ୍ରତି ଡ. ଅଚ୍ୟୁତ ସାମନ୍ତଙ୍କ ଶିକ୍ଷା ବିପ୍ଳବ ବିଶ୍ୱ ମଣ୍ଡଳରେ ସୁପରିଚିତ ବୋଲି ବିଶିଷ୍ଟ ବକ୍ତା ଅଭୟ କୁମାର ବଡ଼ଜେନା କହିଥିଲେ। ଅତିଥି ବିଜେପିର ମୁଖ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ, କମଳାକାନ୍ତ ଦାସ, ରଜନୀକାନ୍ତ ସାମନ୍ତରାୟ, ସ୍ୱାଧୀକାର ସଂପାଦକ ଅକ୍ଷୟ କୁମାର ପତି, ଉତ୍କଳ ସାହିତ୍ୟ ସମାଜର ନୂତନ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କବି ସଚ୍ଚିଦାନନ୍ଦ ମିଶ୍ର, ପଣ୍ଡିତ ନରସିଂହ ଜେନା, ପ୍ରଫେସର ଯଦୁମଣି ସାହୁ ପ୍ରମୁଖ ବିଭିନ୍ନ ଦୃଷ୍ଟିରୁ ଆଲୋଚନା କରିଥିଲେ। ଉତ୍କଳ ସଂସ୍କୃତ ମହାମଣ୍ଡଳ ପକ୍ଷରୁ ଆୟୋଜିତ ବନ୍ଧୁମିଳନରେ ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ନବକିଶୋର ପଣ୍ଡା, ହଟକିଶୋର ପାଇକରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାସ, ନାରୀନେତ୍ରୀ ଶ୍ରୀମତୀ ସରୋଜିନୀ ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ରଶ୍ମି କର, କବୟିତ୍ରୀ ରଶ୍ମିତା ସ୍ୱାଇଁ କବିତା ପାଠ କରିଥିଲେ। ସଂସ୍କୃତ ମହାମଣ୍ଡଳ ପକ୍ଷରୁ ମଦନ କୁମାର ଖଟେଇ ଧନ୍ୟବାଦ ଅର୍ପଣ କରିବା ସହ ପଣ୍ଡିତ ମିଶ୍ର ୮୨ବର୍ଷରେ ପଦାର୍ପଣ କରି ସମସ୍ତଙ୍କୁ ଆଶୀର୍ବାଦ ଦେଇଥିଲେ।

## ବନବିହାରୀ ବିକାଶ ପରିଷଦର ବାର୍ଷିକ ସାରସ୍ୱତ ସମାରୋହ

ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍




ଅନ୍ତେଇ ବନବିହାରୀ ବିକାଶ ପରିଷଦ ପକ୍ଷରୁ ବାର୍ଷିକ ସାରସ୍ୱତ ସମାରୋହ ସଭାପତି ପ୍ରଫେସର ନିତ୍ୟାନନ୍ଦ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକା ସ୍ତମ୍ଭକାର ଛନ୍ଦା ମିଶ୍ର ଏହି ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିଜର ବକ୍ତବ୍ୟ ରଖି ଶ୍ରୀମତୀ ମିଶ୍ର କହିଥିଲେ ଯେ, ସାହିତ୍ୟ ପ୍ରତ୍ୟେକଙ୍କୁ ମାଟି ମନସ୍କ କରିଥାଏ। ସଂପର୍କର ସେତୁ ତିଆରି କରେ। ରକ୍ତର ସମ୍ପର୍କ ବ୍ୟତିରେକେ ମଣିଷଙ୍କୁ ଆବେଗିକ ସମ୍ପର୍କରେ ଅନେକଙ୍କ ସହିତ ବାନ୍ଧି ଦିଏ। ସେହିପରି ନିଜର ମା'ମାଟି, ମାଟିର ମଣିଷ, ପ୍ରକୃତି ଓ ପରିବେଶ ପ୍ରତି ସମ୍ବେଦନଶୀଳ କରାଏ। ଯାହା ଏକ ସୁସ୍ଥ ଓ ବିକଶିତ ସମାଜ ଗଠନରେ ସହାୟକ ହୋଇପାରେ। ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ରଖି ସାରସ୍ୱତ ସାଧକ ପ୍ରଫେସର ରଂଜିତ କୁମାର ପରିଡ଼ା କହିଥିଲେ ସାହିତ୍ୟ କାଳେ କଳେ ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରେରଣା ଯୋଗାଇ ଆସିଛି। ସାହିତ୍ୟ ବଳିଷ୍ଠ ହେଲେ ସମାଜରେ ମୂଲ୍ୟବୋଧର ଅବକ୍ଷୟକୁ ରୋକାଯାଇ ପାରିବ ଏବଂ ଉତ୍ତରପୀଢ଼ି ପାଇଁ ଏକ ସୁନ୍ଦର ଭବିଷ୍ୟତର ନକ୍ସା ପ୍ରସ୍ତୁତ ହୋଇପାରିବ। ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସାରସ୍ୱତ ଓ ସାଂସ୍କୃତିକ ସଂଗଠକ ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ କହିଥିଲେ କେବଳ ଭୌତିକ ବିକାଶ ନୁହେଁ ବୌଦ୍ଧିକ ବିକାଶ ବିନା କୌଣସି ସମାଜ ବିକଶିତ ସମାଜ ଭାବେ ପରିଗଣିତ ହୋଇପାରେ ନାହିଁ। ସାହିତ୍ୟ ହିଁ ପ୍ରତ୍ୟେକଙ୍କ ଭିତରେ ଥିବା ବୌଦ୍ଧିକ ଚେତନାକୁ ଉଦ୍‌ଜୀବିତ କରିଥାଏ। ଏହି ମାଟିର ଗୌରବୋଜ୍ୱଳ ସାହିତ୍ୟିକ ଐତିହ୍ୟ ଉତ୍ତରପୀଢ଼ିକୁ ପ୍ରେରଣା ଯୋଗାଇବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ପରିଷଦର ବାର୍ଷିକ ମୁଖପତ୍ର ସମ୍ପର୍କ ଅତିଥିମାନେ ଲୋକାର୍ପଣ କରିଥିଲେ। ପରିଷଦର ଉପସଭାପତି ବିଶିଷ୍ଟ ସମାଜସେବୀ କୈଳାସ ଚନ୍ଦ୍ର ସାମନ୍ତରାୟ ସମାରୋହର ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ପରିଷଦର ଆଭିମୁଖ୍ୟ ଉପସ୍ଥାପିତ କରିଥିଲେ। ସଂପାଦକ ପ୍ରଭାସ ତ୍ରିପାଠୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନ୍ତେଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜକାନ୍ତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ କରି ଉଲ୍ଲେଖନୀୟ କୃତୀତ୍ୱ ପାଇଁ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ତ୍ରୈଲୋକ୍ୟନାଥ ମହାପାତ୍ରଙ୍କୁ ପରିଷଦ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ କାର୍ଯ୍ୟକାରୀ ସଦସ୍ୟ ରବି କିରଣ ପଟ୍ଟନାୟକଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଦସ୍ୟ ରଂଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ବିଶିଷ୍ଟ ସାହିତ୍ୟିକା ମମତା ମହାନ୍ତି ସାମନ୍ତରାୟ, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ, ସମାଜସେବୀ ଗଙ୍ଗାଧର ସାମଲ, ଉଦୟନାଥ ଚୌଧୁରୀ, ବାବୁ ଚୌଧୁରୀ, ଯଜାତି କେଶରୀ ମହାନ୍ତି, ଶୁଭେନ୍ଦୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କନ୍ଦରପୁର କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍

କଟକ ସଦର କନ୍ଦରପୁର କ୍ଲଷ୍ଟର ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଗୋପାଳ ସ୍ମୃତି ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ କମିଟିର ଆବାହକ ତଥା ପୁରାତନ ଛାତ୍ର ସଂସଦର ସଂଗଠନ ସମ୍ପାଦକ ତାପସ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ଏଥିରେ ସ୍କୁଲର ପ୍ରଧାନଶିକ୍ଷକ ମନୋରମା ତ୍ରିପାଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ୮ଟି ସ୍କୁଲର ୬୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୨୫ ତାରିଖରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁଭାଶିନୀ ରାଉତ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ ଚରଣ ଦେହୁରୀ, ପୁରାତନ ଛାତ୍ର ତାପସ ରାଉତରାୟ, ପ୍ରଧାନ ଶିକ୍ଷୟତ୍ରୀ ମନୋରମା ତ୍ରିପାଠୀ, ସରସ୍ୱତୀ କଳା ପରିଷଦ ସଂପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଚାଳକ ଲିପ୍ସା ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ଓ ଶିକ୍ଷକ ବିରଞ୍ଚି ବେହେରାଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ସୁରଭି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ମମତାମୟୀ ବାରିକ, ମମତା ବେହେରା, ଶୁଭଶ୍ରୀ ଭୋଇ, ସନ୍ଧ୍ୟା ସାଗରୀକା ସିଂ, ସୁଶ୍ରୀ ମହାନ୍ତି, ମନୀଷା ଦାସ, ସୋମାଲିନ ସାମଲ, ରାନୀ ରୋଜାଲିନ ବସନ୍ତରା, ଲୋପାମୁଦ୍ରା ପଟ୍ଟନାୟକ, ଲଗ୍ନାଦୀପା ଶୁକ୍ଳା, କୌଳସୀ ସାହୁ, ବର୍ଷା ମହାନ୍ତି, ଶିକ୍ଷକ ଜଗନ୍ନାଥ ମାଝୀ, ଲାଲକୃଷ୍ଣ ମହାନ୍ତି, ନିରଞ୍ଜନ ବେହେରା, ଧୁଳମଣି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କଣ୍ଟାପଡାରେ ଛତୁ ପୁଟିଲା ପରି ଖୋଲିଲା ବାଲି ଘାଟ

ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍



କଣ୍ଟାପଡା ତହସିଲ୍ ଅଧୀନରେ ଛତୁ ଫୁଟିଲା ଭଳି ଖୋଲିଲା ଚୋରା ବାଲି ଘାଟ। ପାର୍ବଣ ଋତୁ ଆରମ୍ଭ ଭଳି ବର୍ଷା ଛାଡୁଛାଡୁ ବାଲି ଚୋରି କରିବା ଋତୁ ଆରମ୍ଭ ହୋଇଯାଇଛି। ଟ୍ରାକ୍ଟର, ଜେସିବି, ହାଇବା ସହାୟତାରେ ବାଲି ଚୋରା ଚାଲାଣ କରାଯାଉଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ କଣ୍ଟାପଡା ତହସିଲ ଅଧିନସ୍ଥ ପୋସ୍ତଳ ପଂଚାୟତ ରହମ୍ବା ମଲିକ୍‌ସାହି ଗଡାରେ ଶହଶହ ଟ୍ରିପ ବାଲି ଦିନ ରାତି ଦେବୀ ନଦୀରୁ ଟ୍ରାକ୍ଟର ହାଇବାରେ ବୁହା ହେଉଛି। ସେହିଭଳି ଉକ୍ତ ପଂଚାୟତ ଅନ୍ଧେଇ ସାହିରେ ଜେସିବି ମେସିନ ସହାୟତାରେ ଟ୍ରାକ୍ଟର ଓ ହାଇବାରେ ବାଲି ଚୋରା ଚାଲାଣ କରାଯାଇ ରହମ୍ବା ବାଲିଜଳା ପାଖରେ ଡିପୁ କରାଯାଇ ହାଇବାରେ ବିକ୍ରି କରାଯାଉଛି। ବ୍ରାହ୍ମଣ ବାଟି ପଂଚାୟତ ବଡ଼ବିଲ ଘାଟରୁ ପୁନର୍ବାର ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଏହି ଘାଟରେ ଯେଉଁଠାରୁ ବାଲି ଉଠୁଛି ସେଠାରେ ଦେବୀକନ୍ଦଳ ଦୀପାଞ୍ଚଳକୁ ଚାଷ ପାଇଁ ପାଣି ଯିବା ନିମନ୍ତେ ଏକ ସାଇଫନ ରହିଛି। ବାଲି ଚୋରା ଚାଲାଣ ଯୋଗୁ ଉକ୍ତ ସାଇଫନ ପ୍ରତି ବିପଦ ରହିଛି। ଝାରପଡା ପଂଚାୟତ ପୋଲ ଗଡାରୁ ଟ୍ରାକ୍ଟର ସହାୟତା ରେ ବାଲି ଚୋରା ଚାଲାଣ କରାଯାଉଛି। ଉତ୍ତାରଣ ପଂଚାୟତ ଭୋଗେଶ୍ୱର କନ୍ଦଳ ନଦୀରୁ ଦୈନନ୍ଦିନ ଦିନ ରାତି ଛିଣ୍ଡା ନଦୀରୁ ବାଲି ଚୋରା ଚାଲାଣ କରାଯାଉଛି। ବାଲି ଚୋରା ଚାଲାଣକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଜନ ସାଧାରଣ ତ୍ରାହି ତ୍ରାହି ଡାକିଲେଣି। ସ୍ଥାନୀୟ ଲୋକେ ପୋଲିସକୁ ଫୋନ କଲେ ମାଇନ୍ସ ବିଭାଗକୁ ଜଣାଅ ବୋଲି ଖବର ଆସୁଛି। ରାଜସ୍ୱ ବିଭାଗକୁ ଫୋନ୍ କଲେ ଫୋନ୍ ନ ଉଠାଇ ସ୍ଥାଣୁ ପାଲଟିଛନ୍ତି। ଜିଲ୍ଲା ମାଇନ୍ସ ବିଭାଗ ସତେ ଯେମିତି ନିରବଦ୍ରଷ୍ଟା ପାଲଟିଛନ୍ତି। ଦୈନନ୍ଦିନ କଣ୍ଟାପଡା ତହସିଲ୍ ଅଧୀନରେ ବାଲି ଚୋରା ଚାଲାଣ ଯୋଗୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। ଏଥିପ୍ରତି କଟକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି। ଏହି ବାଲି ଚୋରା ଚାଲାଣ ପଛରେ କାହାର ହାତ ରହିଛି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଧନନ୍ତ୍ୱରୀ ଜୟନ୍ତୀ



କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ଶନିବାର ଧନତେରସ୍ ଅବସରରେ ଧନନ୍ତ୍ୱରୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସକାଳ ସାଢେ ସାତଟାରୁ ଆରମ୍ଭ ହୋଇ ଏହି ପୂଜା ଅପରାହ୍ନ ଦୁଇଟା ତିରିଶ ମିନିଟରେ ପ୍ରସାଦ ସେବନ ସହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଏକ ବାର୍ତ୍ତା ଦେଇ କହିଛନ୍ତି,"ଧନତେରସ ଉପଲକ୍ଷେ ଧନ୍ୱନ୍ତରୀଙ୍କର ମଧ ପୂଜା ହୋଇଥାଏ। କାରଣ ସ୍ୱାସ୍ଥ୍ୟ ହିଁ ହେଉଛି ସର୍ବଶ୍ରେଷ୍ଠ ଧନ। ଅତଃ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଅନାଦି କାଳରୁ ଚଳି ଆସିଥିବା ଆୟୁର୍ବେଦକୁ ଆମ ମୁନିଋଷିମାନେ ଆମକୁ ଦେଇଛନ୍ତି। ଆୟୁର୍ବେଦ କେବଳ ଶରୀର ନୁହେଁ, ସମଗ୍ର ଜୀବନଶୈଳୀରେ ପରିବର୍ତ୍ତନ ଆଣିବାର ଏକ ପ୍ରକ୍ରିୟା ଅଟେ। କେବଳ ନିରୋଗ ରହିବା ସ୍ୱାସ୍ଥ୍ୟର ପରିଭାଷା ନୁହେଁ, ଅଧିକନ୍ତୁ ଆନନ୍ଦିତ ରହିବା ହିଁ ଏହାର ମୂଳମନ୍ତ୍ର। ସୌହାର୍ଦ୍ଦ୍ୟରେ ପରିପୂର୍ଣ୍ଣ ସମାଜ ଏବଂ ପ୍ରସନ୍ନ ଚିତ୍ତ ହେଉଛି ସ୍ୱାସ୍ଥ୍ୟର ମୂଳ ଲକ୍ଷଣ।" କୁହାଯାଏ ସମୁଦ୍ର ମନ୍ଥନ ସମୟରେ ଅମୃତ କଳସ ସହ ଭଗବାନ ଧନନ୍ତ୍ୱରୀଙ୍କର ମଧ ଆବିର୍ଭାବ ହୋଇଥିଲା। ତାଙ୍କ ସହ ସେହି ସମୟରୁ ହିଁ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଦୁନିଆକୁ ଆସିଥିବା ବିଶ୍ୱାସ ରହିଛି। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ପ୍ରଫେସର ରଜିତା କୁଲକର୍ଣ୍ଣୀଙ୍କ ସମେତ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ମେଡିକାଲ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ଡେପୁଟି ଡିନ୍ ପ୍ରଫେସର ନଗେନ୍ଦ୍ର ପ୍ରସାଦଙ୍କ ସମେତ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ବିଦ୍ୟାର୍ଥୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ସରକାରୀ ନିୟମକୁ ବ୍ଲକ୍ ପ୍ରଶାସନର ଖୋଲା ଉଲ୍ଲଂଘନ

ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍

ଅସ୍ତରଙ୍ଗ ବ୍ଲକ ଆଳସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅସନ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ପ୍ରାପ୍ୟ କାହିଁକି ମିଳିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟ ମଧ ୬ ସପ୍ତାହ ମଧ୍ୟରେ ପ୍ରଥମ ପକ୍ଷକୁ କାହିଁକି ତାଙ୍କ ପ୍ରାପ୍ୟ ଦିଆଯିଉ ନାହିଁ ବୋଲି ସମସ୍ତ ତଥ୍ୟ ୨ୟ ପକ୍ଷଙ୍କ ତଥ୍ୟକୁ ଭିତ୍ତିକରି ସରକାରଙ୍କୁ ରିପୋର୍ଟ ତଳବ କରିଛନ୍ତି। ସୂଚନାଯୋଗ୍ୟ କି ଅସ୍ତରଙ୍ଗ ଅସନ ଭିଆରପି କଲୋନୀରେ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ରଙ୍ଗ ଓ ମରାମତିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଥାନାରେ ଅଭିଯୋଗ ହୋଇଥିଲା। କାର୍ଯ୍ୟ କରୁଥିବା ପ୍ରଥମ ଗୋଷ୍ଠୀକୁ କାର୍ଯ୍ୟରୁ ଅନ୍ତର କରି ସରପଞ୍ଚ ଗୋଷ୍ଠୀକୁ କାର୍ଯ୍ୟ କରିବା ପାଇଁ ଦିଆଯାଇଥିଲା। କିନ୍ତୁ ସରପଞ୍ଚଙ୍କ ଗୋଷ୍ଠୀ କାର୍ଯ୍ୟରେ ଅନିୟମିତତା କରୁଥିବା ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ୍ ଜନ ଶୁଣାଣିରେ ପୁରୀ ଜିଲ୍ଲାପାଳଙ୍କ ନିକଟରେ ୨୫/୦୮/୨୦୨୫ରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ ସରକାରଙ୍କ ଏଷ୍ଟିମେଟ ଅନୁଯାୟୀ କରାଯାଉ ନାହିଁ। ଏଷ୍ଟିମେଟ ଅନୁସାରେ ଷ୍ଟିଲ ରେଲିଙ୍ଗି, ନୂତନ ଟାଇଲ ଲଗାଯିବା ପାଇଁ ନିର୍ଦ୍ଦେଶ ଅଛି। କିନ୍ତୁ ଏ ସବୁ କାର୍ଯ୍ୟ କରାନଯାଇ ପୁରୁଣା ଟାଇଲି ଉପରେ ରଙ୍ଗ ଲଗାଯାଇଛି। କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ନିମ୍ନମାନର ହେଉଥିବା ବାବୁରାମ ମଲ୍ଲିକ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଅସ୍ତରଙ୍ଗ ବ୍ଲକ ବିଡ଼ିଓ ଓ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ କି ପୂର୍ବରୁ ଯେଉଁ ବ୍ୟକ୍ତିମାନେ ଯେତିକି କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ ଯାହା ସବୁ ବଜାରରୁ କିଣି କାର୍ଯ୍ୟରେ କରିଛନ୍ତି ସେମାନଙ୍କୁ ସେତିକି ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟ କରିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି କି ୮ଦିନରେ ଆମ ୧୪ ଜଣଙ୍କ ପ୍ରାପ୍ୟ କିମ୍ବା ଜିନିଷ କିଣା ଅର୍ଥ ଦେଉ ନାହାନ୍ତି। ଏ ସମ୍ପର୍କରେ ଆଳସାହି ସରପଞ୍ଚ ଶ୍ରୀୟା ବରାଳ ଓ ୪ ଜଣ ଓ୍ୱାର୍ଡ ସଭ୍ୟ ସଭ୍ୟାଙ୍କୁ ଲିଖିତ ଭାବେ ଅଭିଯୋଗ ଦେଇଥିଲେ ମଧ ସରପଞ୍ଚ ଶୁଣିନଥିଲେ। ଏ ସମ୍ପର୍କରେ ଉଭୟଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। କେଶ ନଂ ୧୧୯ରେ ୧୭ ଜଣକ ନାମରେ ଓ କେଶ ନଂ୧୨୦/ ରେ ୧୦ ଜଣକ ନାମରେ ମାମଲା ରୁଜୁ ହୋଇଥିଲା। ବର୍ତ୍ତମାନ ସରପଞ୍ଚଙ୍କ ସମର୍ଥକମାନେ ନିମ୍ନମାନର କାର୍ଯ୍ୟ ଶେଷ କରି କନିଷ୍ଠ ଯନ୍ତ୍ରୀଙ୍କ ନାମରେ ବିଲ ଉଠାଇ ନେଇଛନ୍ତି ବୋଲି ବାବୁ ରାମ ମଲ୍ଲିକ, ବେବିନା ମଲ୍ଲିକଙ୍କ ସମେତ ୧୩ ଦସ୍ତଖତ କରି ଅଭିଯୋଗ କରିଥିଲେ। ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ କୌଣସି ଅର୍ଥ ଦିଆଯାଇ ନାହିଁ। ପୁନର୍ବାର ଜିଲ୍ଲାପାଳଙ୍କୁ ୨୨/୦୯/୨୦୨୫ରେ ଅର୍ଥ ପାଇନଥିବା ସମ୍ପର୍କରେ ଅଭିଯୋଗ କରିଛନ୍ତି। ବିଡ଼ିଓ ଅଦ୍ୟାବଧି ଅର୍ଥ ପ୍ରଦାନ କରି ନାହାଁନ୍ତି ବୋଲି ବାବୁ ରାମ ମଲ୍ଲିକ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଅପରପକ୍ଷେ ବ୍ଲକ୍ ପ୍ରଶାସନ ଚଞ୍ଚକତା କରି ଉକ୍ତ କାର୍ଯ୍ୟ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ବିନୋଦ ଗୋଛାୟତ ନାମରେ କାର୍ଯ୍ୟାଦେଶ ଥିବାବେଳେ କାର୍ଯ୍ୟ ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ରାଜଶ୍ରୀ ବେହେରା କିପରି ପୂର୍ବରୁ ଜିଲ୍ଲାପାଳ ଦେଇଥିବା ନିର୍ଦ୍ଦେଶକୁ ଅମାନ୍ୟ କରି ଜଟିଆ ଜେନାଙ୍କୁ ବିଲ୍ ପ୍ରଦାନ କରି ସରକାରୀ ନିୟମକୁ କିପରି ଭାବେ କନିଷ୍ଠ ଯନ୍ତ୍ରୀ ଉଲଂଘନ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେଖିବାକୁ ରହିଲା କାର୍ଯ୍ୟରେ ନିୟୋଜିତ ଶ୍ରମିକ କିପରି ତାଙ୍କ ମଜୁରୀ ଟଙ୍କା ପାଇବେ ତାହା ଜିଲ୍ଲା ପ୍ରଶାସନ ବା ସରକାର ଉଚ୍ଚ ନ୍ୟାୟାଳୟକୁ କି ଉତ୍ତର ଦେବେ।



ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 20th October, 2025 Monday | RNI Regd. No. ODIODI/2009/28880


## ହେଲ୍‌ଥ ଟନିକ୍



### ଲାଇଫ୍ ବଦଳରେ ୱାଇଫ୍

ପ୍ରେସ୍ ମାଲିକଙ୍କ ଫୋନ୍ ପାଇବା ପରେ ପ୍ରକାଶକ ଖୁସିରେ କୁରୁଳି ଉଠିଲେ। ତାଙ୍କ କାନକୁ କଥାଟା ଜମା ବିଶ୍ୱାସ ହେଉନଥାଏ। ତାଙ୍କ ପ୍ରକାଶନ ସଂସ୍ଥାର ବହି ଗୋଟିଏ ଦିନରେ ୧୦ ହଜାର କପି ବିକ୍ରି ହୋଇଥିବାର ପ୍ରେସ୍ ମାଲିକ ତାଙ୍କୁ ଜଣାଇବାରୁ ସେ ତତ୍କ୍ଷଣାତ ବହିର ୫ଟି କପି ଲେଖକଙ୍କ ପାଖକୁ ପଠାଇଦେବା ପାଇଁ କହି ଲେଖକଙ୍କୁ ଫୋନ୍ ଲଗେଇଲେ।

ଲେଖକ ହାଲୋ କହିବା ମାତ୍ରେ ପ୍ରକାଶକ ଗଦଗଦ ହୋଇ କହିଲେ- ଶୁଣନ୍ତୁ, ଆପଣଙ୍କ ବହି ପ୍ରକାଶନ ଜଗତରେ ଇତିହାସ ସୃଷ୍ଟି କରିଛି। ଗୋଟିଏ ଦିନରେ ୧୦ ହଜାର କପି ବିକ୍ରି ହୋଇଛି ଆପଣଙ୍କ ବହି। ଆଉ ଅଳ୍ପ ସମୟ ପରେ ଆପଣ ଆପଣଙ୍କ ସୃଷ୍ଟି ହାତରେ ପାଇବେ। ମୁଁ ବହିର ୫କପି ଆପଣଙ୍କ ପାଖକୁ ପଠାଇବାର ବ୍ୟବସ୍ଥା କରିଦେଇଛି। ପ୍ରକାଶକ ଫୋନ୍ ଥୋଇଲେ।

ଏହାର କିଛି ସମୟ ପରେ ଲେଖକଙ୍କ ଘରର କଲିଂ ବେଲ୍ ବାଜିଲା। ସେ କବାଟ ଖୋଲିବା ମାତ୍ରେ ପ୍ରେସରୁ ଆସିଥିବା ଜଣେ ବ୍ୟକ୍ତି ଗୋଟିଏ ପ୍ୟାକେଟ୍ ତାଙ୍କ ହାତକୁ ବଢ଼ାଇଦେଇ କହିଲା- ଏଥିରେ ଆପଣଙ୍କ ଲିଖିତ ବହି ରହିଛି। ଏତକ କହି ଲୋକଟା ବିଦାୟ ନେଲା।

ଏବେ ଲେଖକ ପ୍ୟାକେଟ୍‌କୁ ମୁଣ୍ଡରେ ଛୁଆଇଁ ତାକୁ ଖୋଲିଲେ। ତେବେ ଖୋଲିବା ମାତ୍ରେ ସେ ଆକାଶରୁ ପଡ଼ିଲେ। ଏ କି ବହି ପଠେଇଛନ୍ତି ପ୍ରେସ୍ ମାଲିକ ! ସେ ଏମିତି ବହି ଲେଖିନଥିଲେ। ତାଙ୍କ ବହିର ଶିରୋନାମା ଥିଲା- 'ଗୋଟିଏ ଆଇଡିଆ ଯାହା ଲାଇଫ୍ ବଦଳାଇ ଦେବ।' କିନ୍ତୁ ତାଙ୍କୁ ପ୍ରେସ୍ ମାଲିକ ଲାଇଫ୍ ବଦଳରେ ୱାଇଫ୍ କରିଦେଇଛନ୍ତି।

# ଭାରତକୁ ୭ ୱିକେଟରେ ହରାଇଲା ଅଷ୍ଟ୍ରେଲିଆ

**ପର୍ଥ,୧୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟସ୍ଥ ତିନିଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆଜିଠାରୁ ଆରମ୍ଭ ହୋଇଛି। ପର୍ଥରେ ଖେଳା ଯାଉଥିବା ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭ ୱିକେଟ୍‌ରେ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ତେଣୁ ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ତେବେ ମ୍ୟାଚ୍‌ରେ ବାରମ୍ବାର ବାଧକ ସାଜିଥିଲା ବର୍ଷା। ସେଥିପାଇଁ ମ୍ୟାଚ୍‌କୁ ଉଭୟ ପକ୍ଷ ପାଇଁ ୨୬ ଓଭରରେ ସୀମିତ କରାଯାଇଥିଲା।

ବର୍ଷା ବାଧିତ ଓ ୨୬ ଓଭରରେ ସୀମିତ ରହିଥିବା ଏହି ମ୍ୟାଚ୍‌ରେ ଭାରତ ୯ଟି ୱିକେଟ ହରାଇ ୧୩୬ ରନ୍ କରିଥିଲା। ଦଳ ଟପ୍ ୪ ବ୍ୟାଟରଙ୍କ ପ୍ରଦର୍ଶନ ଆଦୌ ଭଲ ନଥିବା ବେଳେ ଅକ୍ଷର ପଟେଲ ଓ କେଏଲ ରାହୁଲ ଦଳର ସମ୍ମାନ ରକ୍ଷା କରିବାରେ ଟିକେ ସମର୍ଥ ହୋଇଥିଲେ। କିନ୍ତୁ ସେମାନଙ୍କ ପରେ ଅନ୍ୟ ବ୍ୟାଟରମାନଙ୍କ ପ୍ରଦର୍ଶନ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା।

ଏହି ମ୍ୟାଚ୍‌କୁ ନେଇ ସମସ୍ତ ନଜର ରହିଥିଲା ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ। କାରଣ ଉଭୟ ଟେଷ୍ଟ ଓ ଟି-ଟ୍ୱେଣ୍ଟିରୁ ଅବସର ନେଇ ସାରିଥିବା ରୋହିତ ଓ ବିରାଟ ପ୍ରାୟ ୭ ମାସ ପରେ ଟିମ୍‌କୁ ଫେରିଛନ୍ତି ଦିନିକିଆ ସିରିଜ୍ ଖେଳିବା ପାଇଁ। ତେବେ ଏତେ ଦିନ ପରେ ଟିମ୍‌କୁ ଫେରିଥିବା ଏହି ଦୁଇ ଖେଳାଳି ଭାରତୀୟ କ୍ରିକେଟ ପ୍ରେମୀଙ୍କୁ ନିରାଶ କରିଛନ୍ତି। ଆଜି ସେମାନେ ଫେଲ୍ ମାରିଛନ୍ତି।

ମ୍ୟାଚ୍‌ର ମାତ୍ର ୩.୪ ଓଭରରେ ଭାରତକୁ ଲାଗିଥିଲା ବଡ ଝଟକା। ଆଉଟ୍ ହୋଇଥିଲେ ଓପନର ରୋହିତ ଶର୍ମା। ସେ ସେଟେଲ୍ ହେବା ପୂର୍ବରୁ ଜୋଶ୍ ହାଜେଲଉଡ୍ ତାଙ୍କୁ ନିଜ ଫାସରେ ପକାଇ ଦେଇଥିଲେ। ଜୋଶ୍ ହାଜେଲଉଡ୍‌ଙ୍କ ବଲ୍‌ରେ ମ୍ୟାଟ୍ ରେନ୍‌ଶୋଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ ରୋହିତ ଶର୍ମା। ସେ ୧୪ଟି ବଲ୍‌ରୁ ୮ ରନ୍ କରି ଆଉଟ୍ ହୋଇଥିଲେ। ତା'ମଧ୍ୟରେ ଗୋଟିଏ ଚୌକା ଥିଲା। ରୋହିତ ଯିବା ପରେ ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ବିରାଟ କୋହଲି ମାତ୍ର ୮ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ନା ତାଙ୍କ ବ୍ୟାଟ୍‌ରୁ କୌଣସି ରନ୍ ବାହାରିଥିଲା ନା ସେ ସେଟେଲ ହୋଇପାରିଥିଲେ। ମିଚେଲ ଷ୍ଟାର୍କଙ୍କ ଏକ ୱାଇଡ୍ ଡେଲିଭରୀକୁ ହିଟ୍ କରି ପଏଣ୍ଟରେ କୁପର କୋନୋଲୀଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହା ସହିତ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆରେ ଦିନିକିଆରେ ଶୂନରେ ଆଉଟ୍ ହୋଇଛନ୍ତି କୋହଲି।



ଅଧିନାୟକ ଶୁବମନ ଗିଲ ଓ ଶ୍ରେୟସ ଆୟର ଯଥାକ୍ରମେ ୧୦ ଓ ୧୧ ରନ୍ କରି ନାଥନ ଇଲିସ ଓ ଜୋଶ ହାଜେଲଉଡ୍‌ଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଅକ୍ଷର ପଟେଲ ୩୮ଟି ବଲରୁ ୩ ଚୌକା ସହାୟତାରେ ୩୧ ରନ୍ କରିଥିବା ବେଳେ ମାଥ୍ୟୁ କୁହନେମ୍ୟାନଙ୍କ ବଲରେ ମ୍ୟାଟ୍ ରେନଶୋଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେହିଭଳି କେଏଲ ରାହୁଲ ୩୧ଟି ବଲ୍‌ରୁ ୨ଟି ଚୌକା ଓ ୨ଟି ଛକା ସହାୟତାରେ ୩୮ ରନ୍ କରିଥିବା ବେଳେ କ୍ୟାଚ୍ ଆଉଟ୍ ହୋଇଥିଲେ। ୱାଶିଂଟନ ସୁନ୍ଦର ୧୦ ରନ୍, ନୀତୀଶ କୁମାର ରେଡ୍ଡୀ ୧୯, ହର୍ଷିତ ରାଣା ୧ ରନ୍ କରି ଆଉଟ୍ ହୋଇଥିବା ବେଳେ ଅର୍ଶଦୀପ ସିଂହ ଖାତା ଖୋଲିପାରି ନଥିଲେ।

ଅନ୍ୟପକ୍ଷରେ 'ଡିଏଲ୍‌ଏସ୍' ମେଥଡରେ ଅଷ୍ଟ୍ରେଲିଆକୁ ୨୬ ଓଭରରେ ୧୩୧ ରନ୍ କରିବାକୁ ଟାର୍ଗେଟ୍ ଦିଆଯାଇଥିଲା। ଆଉ ଏହାକୁ ୩ ୱିକେଟ୍ ହରାଇ ୨୧.୧ ଓଭରରେ ହାସଲ କରି ନେଇଥିଲା ଦଳ। ଓପନର ତଥା ଅଧିନାୟକ ମିଚେଲ ମାର୍ଶ ଅପରାଜିତ ରହି ୪୬ ରନ୍ (୫୨ ବଲ୍, ୨ ଚୌକା, ୩ ଛକା) କରି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇଥିଲେ। ଏଥିରେ ତାଙ୍କୁ ବେଶ୍ ଭଲ ସହଯୋଗ କରିଥିଲେ ଜୋଶ ଫିଲିପ। ସେ ୨୯ଟି ବଲ୍‌ରୁ ୩ ଚୌକା ଓ ୨ଟି ଛକା ସହାୟତାରେ ୩୭ ରନ୍ କରିଥିଲେ। ସେହିଭଳି ମ୍ୟାଟ୍ ରେନଶୋ ୨୧ ରନ୍ କରି ଅପରାଜିତ ରହିଥିଲେ। ଟ୍ରାଭିସ ହେଡ୍ ଓ ମ୍ୟାଟ୍ ଶର୍ଟ ୮ ରନ୍ ଲେଖାଏ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

## ନାମାଙ୍କନ ପୂର୍ବରୁ ନୂଆପଡ଼ାରେ ବିଜେଡିର ଶକ୍ତି ପ୍ରଦର୍ଶନ



**ଭୁବନେଶ୍ୱର,୧୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଉପନିର୍ବାଚନ ପାଇଁ କମ୍ପୁଛି ପ୍ରଚାର ମଇଦାନ। ତିନି ପ୍ରମୁଖ ଦଳ ନେତାମାନେ ନିଜ ନିଜର ପ୍ରାର୍ଥୀଙ୍କ କସରତ ଆରମ୍ଭ କରିଦେଲେଣି। ନୂଆପଡ଼ାରେ ବିଜେଡି ଆସନ୍ତାକାଲି ଅର୍ଥାତ୍ ନାମାଙ୍କନର ଶେଷ ଦିନରେ ପ୍ରାର୍ଥିପତ୍ର ଦାଖଲ କରିବ। ଏହା ପୂର୍ବରୁ ରବିବାର ବିଜେଡି ପକ୍ଷରୁ ନୂଆପଡ଼ାରେ ପଦଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ ବିଜେଡିର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି ବିଜୁ ଜନତା ଦଳର ନୂଆପଡ଼ା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ। ସେ ପ୍ରଥମେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କୁ ପ୍ରମାଣ କରି ଆଗକୁ ବଢ଼ିଥିଲେ।

ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, 'ନୂଆପଡ଼ାରେ ଆଜି ଇତିହାସ ସୃଷ୍ଟି ହୋଇଛି। ଅନ୍ୟ ଦଳ ବିଜେଡିକୁ ଦୁର୍ବଳ ବୋଲି ଭାବୁଥିଲେ। ହେଲେ ଏ ଜନସମର୍ଥନ ଦେଖି ସେମାନେ ଭୟଭିତ। ମୁଁ ନୂଆପଡ଼ାର ଭାଣିଜୀ। ଆପଣଙ୍କ ସହ ମିଶି ପୂର୍ବରୁ କାମ କରିଛି। ସୁନା ବେଇ ମନ୍ଦିର ଉନ୍ନତି ଏବଂ ବିଜୁ ଏକ୍ସପ୍ରେସ ୱେ ବିଜେଡି ସରକାର ସମୟରେ ହୋଇଛି। ନୂଆପଡ଼ାର ସବୁ ଜନତା ନବୀନ ବାବୁଙ୍କୁ ଭଲ ପାଆନ୍ତି। ଦଳରୁ କିଏ ଗଲା, କିଏ ଆସିଲା ତାହାର କୌଣସି ଅର୍ଥ ନାହିଁ। ଯିଏ ଗଲା ସିଏ ଗଲା। ମୁଁ ଆପଣଙ୍କୁ ମୋର ପରିବାର ବୋଲି ଭାବେ। ବିଜେପି କହୁଛି ମୁଁ ଆଜି ଉଡି ଆସିଛି, କାଲି ପଳେଇବି। ହେଲେ ସେମାନେ ଜାଣିବା ଦରକାର ମୁଁ ନବୀନ ବାବୁଙ୍କ ନେତା। କେବେ ଧୋକା ଦେବି ନାହିଁ'।

## ୧୮ ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ

**ଭୁବନେଶ୍ୱର,୧୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

୧୮ ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ। ଛାତ୍ରୀମାନେ ବାର୍ଷିକ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ପାଉଛନ୍ତି କି? କୌଣସି ମହିଳାଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କଠାରୁ ୧୮ ହଜାର କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ମିଳୁଛି କି? ଯଦି ଆପଣ ଏପରି ସରକାରୀ ସହାୟତା ପାଉଥିବେ ତେବେ ସୁଭଦ୍ରା ଯୋଜନାରୁ ବାଦ ପଡ଼ିବେ। ଏନେଇ ଦୁଇ ବିଭାଗରୁ ରିପୋର୍ଟ ମାଗିଲା ମହିଳା ଓ ଶିଶୁ ବିକାଶ ବିଭାଗ। ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ପତ୍ର ଲେଖିଛି ବିଭାଗ।

'ସୁଭଦ୍ରା' ନିୟମାବଳୀ ଅନୁସାରେ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତାହାଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଯଦି ବାର୍ଷିକ ୧୮ ହଜାର ଟଙ୍କା କିମ୍ବା ତାହାଠାରୁ ଅଧିକ ଅର୍ଥ ସହାୟତା ଗ୍ରହଣ କରୁଥିବେ, ସେକ୍ଷେତ୍ରରେ ସଂପୃକ୍ତ ମହିଳା ଅଯୋଗ୍ୟ ଘୋଷିତ ହେବେ। ଏନେଇ ବିଭାଗକୁ ଅନେକ ଅଭିଯୋଗ ମିଳିଛି। ଛାତ୍ରୀମାନଙ୍କୁ ଯେଉଁ ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଉଛି, ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି, ହେଲେ ଏହାକୁ ଅତିରିକ୍ତ ଅର୍ଥ ସହାୟତା ଭାବେ ହିସାବକୁ ନିଆଯାଇପାରୁ ନାହିଁ। ଏନେଇ ବିସ୍ତୃତ ଭାବେ ଯାଞ୍ଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ନେଇଛନ୍ତି ତା'ର ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ଚିଠି ଲେଖିଛି ବିଭାଗ।

ସୁଭଦ୍ରା ଉପରେ ପ୍ରଥମ ରାଜ୍ୟସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି ବୈଠକର ସମୀକ୍ଷା ପରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ଯେ, ସୁଭଦ୍ରା ଯୋଜନାର ହିତାଧିକାରୀମାନେ ୬୦ ବର୍ଷ ବୟସ ପ୍ରାପ୍ତ କରିବା ପରେ ବାର୍ଦ୍ଧକ୍ୟ ପେନସନ ପାଇଁ ଆବେଦନ କରିପାରିବେ। ମଧୁ ବାବୁ ପେନସନ ଯୋଜନା (ଏମବିପିୱାଇ) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସଏପି) ରେ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କ ପକ୍ଷରୁ ଚିଠି କରାଯାଇଛି।






## ପ୍ରଥମ ପୃଷ୍ଠାରୁ...

### ଖାତାକୁ ଗଲା...

ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମରେ ୯୫ ଦିନର ମଜୁରୀ ଏବଂ ଅଣ-ଆଇଏପି ଜିଲ୍ଲାରେ ୯୦ ଦିନର ମଜୁରୀ ମଧ୍ୟ ଦିଆଯାଉଛି। ଏହାସହିତ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି। ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ। ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ୍ୟ, ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ।

ଶାସନ ନୁହେଁ, ସେବା ହିଁ ଆମ ସରକାରଙ୍କର ମୂଳମନ୍ତ୍ର। ଏହି ଉକ୍ତିକୁ ଯଥାର୍ଥ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦିଗ୍‌ଦର୍ଶନରେ ଆମେ ଗ୍ରାମ ପଞ୍ଚାୟତ ଗୁଡିକୁ ଜନକଲ୍ୟାଣର ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛୁ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗୀତାରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।

ଏହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରେ ସରପଞ୍ଚ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର, ଜୁନିଅର ଇଞ୍ଜିନିଅର, ଗ୍ରାମ ରୋଜଗାର ସେବକ ଓ ଏକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ। ଅର୍ଥାତ୍, ପଞ୍ଚାୟତର ସମସ୍ତ ସେବା ଗୋଟିଏ ଜାଗାରେ ହିଁ ମିଳିବ। ଏହି କାର୍ଯ୍ୟାଳୟ ଗୁଡିକ ୱାନ୍ ଷ୍ଟପ୍ ସର୍ଭିସ୍ ସେଣ୍ଟର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ହିତାଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସହ ଯୋଜନାର କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରିଥିଲେ। ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ମୁଣ୍ଡ ଉପରକୁ ଛାତ ଖଣ୍ଡିଏ ମିଳିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ହିତାଧିକାରୀମାନେ କହିଥିଲେ ଯେ ଏକ ସମ୍ମାନଜନକ ଜୀବନ ଯାପନ କରିବା ପାଇଁ ଏକ ସୁନ୍ଦର ଘର ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବାରୁ ସେମାନେ ନିଜର ଖୁସି ବ୍ୟକ୍ତ କରିଥିଲେ।

### ୪ ଅଭିଯୁକ୍ତ...

ଜଣେ ମହିଳା ସ୍କୁଟି ନେଇ ଫେରାର ହେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି। ସକାଳୁ ସକାଳୁ ଜଣେ ମହିଳା ଏହି ଘରକୁ ଆସିଥିଲେ। ସ୍କୁଟିକୁ କାଢ଼ି ଫେରାର ହେବା ବେଳେ ସ୍ଥାନୀୟ ଲୋକେ ଘେରି ଯାଇଥିଲେ। ଲୋକେ ତାଙ୍କୁ ଧରିବାକୁ ଚେଷ୍ଟା କରୁଥିବା ବେଳେ ସେ ଦୌଡ଼ିଦୌଡ଼ି ପଳେଇ ଯାଇଥିଲେ। ତେବେ କିଏ ସେହି ସନ୍ଦିଗ୍ଧ ସ୍କୁଟି ମ୍ୟାଡ଼ମ ? ଯାହାକୁ ନେଇ ଅନେକ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ରାତିରେ ନାବାଳିକା ଜଣକ କ୍ୟାପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ଜଣେ ମହିଳା ଏକ ଅଟୋରେ ଆଣି ନାବାଳିକାଙ୍କୁ କାଜୁଆଲିଟି ୱାର୍ଡରେ ଭର୍ତ୍ତି କରିଥିଲେ। ପ୍ରବଳ ରକ୍ତସ୍ରାବ ହେଉଥିବାରୁ ଡ୍ୟୁଟିରେ ଥିବା ଡାକ୍ତରଙ୍କର ସନ୍ଦେହ ହୋଇଥିଲା। ନାବାଳିକା ଜଣକ ଗଣଦୁଷ୍କର୍ମର ଶିକାର ହୋଇଥିବା ସନ୍ଦେହ କରି ଡାକ୍ତର, ନାବାଳିକାଙ୍କ ସାଙ୍ଗରେ ଥିବା ମହିଳାଙ୍କୁ ପଚରାଉଚରା କରିଥିଲେ। ଫସିଯିବା ଆଶଙ୍କାରେ ମହିଳା ଜଣକ ମଉକା ଦେଖି ସେଠାରୁ ଚମ୍ପଟ ମାରିଥିଲା। ତେଣୁ ଡାକ୍ତର ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍ ଫାଣ୍ଡିକୁ ଏମ୍‌ଏଲ୍‌ସି(ମେଡିକୋ ଲିଗାଲ୍ କେସ୍) ରିପୋର୍ଟ ଦେଇଥିଲେ। ମାତ୍ର ପୁଲିସ ମହିଳାଙ୍କୁ ଖୋଜିବା ବେଳକୁ ସେ ଅନ୍ତର୍ଦ୍ଧାନ ହୋଇସାରିଥିଲେ। ଖବର ପାଇ କ୍ୟାପିଟାଲ୍ ଥାନା ପୁଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିଥିଲା। ସେପଟେ ନାବାଳିକାଙ୍କ ଅବସ୍ଥା ବିଗିଡିବା ଦେଖି ଡାକ୍ତର ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରିଥିଲେ। ସିସିଟିଭି ଫୁଟେଜ୍‌ରୁ ମହିଳା ଜଣକ ଏକ ଅଟୋ ଯୋଗେ ପଳାଇଥିବା ଜଣାପଡିଥିଲା। ପୁଲିସ ଅଟୋ ନମ୍ବରକୁ ପିଛା କରିଥିଲା ଏବଂ ଗତକାଲି ରାତିରେ ତାକୁ ଠାବ କରିବା ପରେ ସେ ମହିଳାଙ୍କ ସମ୍ପର୍କରେ ସୂଚନା ଦେଇଥିଲା। ଅନ୍‌ଲାଇନ୍‌ରେ ଯାତ୍ରୀ ସେବା ଯୋଗାଉଥିବା ଅଟୋଚାଳକଙ୍କ ସୂଚନାନୁସାରେ ମହିଳା ଜଣକ ଲକ୍ଷ୍ମୀସାଗରରୁ ବୁକିଂ କରିଥିଲେ ବୋଲି ଜଣାପଡିଥିଲା। ତେଣୁ ପୁଲିସ ବୁକିଂ କରାଯାଇଥିବା ମୋବାଇଲ୍ ନମ୍ବରକୁ ଟ୍ରାକ୍ କରି ଆଜି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ପହଞ୍ଚି ଯାଇଥିଲା। 'ଆଳୁ ଖୋଳୁଖୋଳୁ ମହାଦେବ ମିଳିବା' ନ୍ୟାୟରେ ପୁଲିସ ମହିଳାଙ୍କୁ ଖୋଜୁଖୋଜୁ ବଡଧରଣର ସେକ୍ସ ରାକେଟ୍ ଧରାପଡିଥିଲା। ଏହା ଭିତରେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ପୁଲିସର ଏକ ଟିମ୍ ତାଙ୍କୁ ପଚରାଉଚରା କରିଥିଲା। ନାବାଳିକା ଜଣକ ଝାଡଖଣ୍ଡରୁ ଆସି ଏଠାରେ ଫସିଯାଇଥିବା କହିଥିଲେ। ତାଙ୍କୁ ଜୋର୍ ଜବରଦସ୍ତ ଗୃହବନ୍ଦୀ କରି ଦେହ ବେପାରରେ ନିୟୋଜିତ କରାଯାଉଥିଲା ବୋଲି ସେ ପୁଲିସକୁ ସୂଚନା ଦେଇଥିଲେ।

### ସରକାରୀ ଦୋକାନକୁ...

ଛୋଟବଡ଼ ଉତ୍ସବାନୁଷ୍ଠାନ ହେଉ କି ଯାତ୍ରା ମେଳା ହେଉ ସବୁଆଡ଼େ ଖୋଲାମେଲାରେ ଫାଷ୍ଟଫୁଡ଼ ଦୋକାନ ଭଳି ମଦ ଦୋକାନ ଲାଗିଲାଣି। ଏଠାରେ ନିର୍ଦ୍ଧାରିତ ଦର ଠାରୁ ବହୁ ଅଧିକ ଦରରେ ଏହି ମଦ ବିକ୍ରି ହୋଇଥାଏ। ଏଥିରୁ ମିଳୁଥିବା ମୋଟା ମୁନାଫାରୁ ଅଧା ପାଉଥିବାରୁ ଏଜେଣ୍ଟମାନେ ବେଶ ଉତ୍ସାହିତ ହୋଇ ମଦର ପ୍ରସାରକୁ ଜୋରଦାର କରିଥାନ୍ତି। ଏଥିରୁ ସରକାର କାଣି କଉଡ଼ିଟିଏ ବି ରାଜସ୍ୱ ପାଇନଥାନ୍ତି। ଅବକାରୀ ବିଭାଗର ବଡ଼ପଣ୍ଡାମାନେ ଏହା ଜାଣନ୍ତି। କିନ୍ତୁ ମୋଟା ଅଙ୍କରେ ମାସିଆ ପାଉଣା ନେଇ ଚୁପ୍ ରହିଥାନ୍ତି। ଏହି ଚୋରା କାରବାରରେ ଏତେ ଲାଭ ଯେ, ସବୁ ଦେଇ ନେଇ ଅନେକ ମଦବେପାରୀମାନେ ବର୍ଷ କେଇଟାରେ କୋଟିପତି ବନିଯାଉଛନ୍ତି। ତେବେ ଯେତେବେଳେ ମାସିକିଆ ପାଉଣା ମିଳିବାରେ ବିଳମ୍ବ ହୋଇଯାଏ ବିଭାଗୀୟ ଅଧିକାରୀ ହୁଅନ୍ତୁ କି ପୋଲିସ ହୁଅନ୍ତୁ ଜଣେ ଦୁଇ ଜଣ ଏଜେଣ୍ଟଙ୍କୁ ଧରି ସେମାନଙ୍କୁ ଚୋରା ମଦ ବେପାରୀ ସଜେଇ କୋର୍ଟ ଚାଲାଣ କରିଥାନ୍ତି। ଅତଏବ ମଦର ପ୍ରସାର ପାଇଁ ସଂପୂର୍ଣ୍ଣ ବ୍ୟବସ୍ଥା ଦାୟୀ। ଅନ୍ୟପକ୍ଷରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲାରେ ଚୋରା ମଦ କାରବାର ଉପରେ ବିଭାଗର ସତର୍କ ଦୃଷ୍ଟି ରହିଛି। ସାମାନ୍ୟତମ ସୁରାକ ପାଇବା ମାତ୍ରେ ଆବଶ୍ୟକ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି।

### ମୁସଲମାନଙ୍କୁ...

ଯେ ସେ ମୋତେ ଭୋଟ ଦେଇଛନ୍ତି କି ନାହିଁ, ଏବଂ ସେ କହିଥିଲେ ହଁ। ମୁଁ ତାଙ୍କୁ ଭଗବାନଙ୍କ ନାମରେ ଏହା କହିବାକୁ କହିଲି, କିନ୍ତୁ ସେ ନା କହିଥିଲେ।'

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ଯିଏ କାହାର ଅନୁଗ୍ରହକୁ ସ୍ୱୀକାର କରନ୍ତି ନାହିଁ ତାଙ୍କୁ 'ନମକ ହରାମ' କୁହାଯାଏ। ସେ ଆହୁରି କହିଲେ ଯେ ମୁଁ କହିଥିଲି ଯେ ମୌଲବୀ ସାହେବ, ଆମେ ଏହି 'ଦେଶଦ୍ରୋହୀ'ଙ୍କ ଭୋଟ ଚାହୁଁନାହୁଁ।

## ସବୁଆଡେ ବାଣ ବିକ୍ରି ହେଉଛି: ପ୍ରଶାସନ ନିଦାବିଷ୍ଟ

**ରାଜନଗର,୧୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ସମସ୍ତ ଆଇନ କାନୁନକୁ ଆଖିଠାର ମାରି ରାଜନଗର ବ୍ଲକର ବିଭିନ୍ନ ସ୍ଥାନରେ ବାଣ ବିକ୍ରୟ ହେଉଥିବା ଦେଖିବାକୁ ମିଳୁଛି। ଏହି ବ୍ଲକର ସଦର ମହକୁମା ରାଜନଗର ବଜାର, ସାନବଡ଼ ଗୋପାଳପୁର, କେରଡ଼ାଗଡ଼, ତାଳଚୁଆ, ଈଶ୍ୱରପୁର, ଗୁପ୍ତ ପ୍ରଭୁତି ସମସ୍ତ ପଂଚାୟତର ବିଭିନ୍ନ ଗାଁ ଛକ, ଦୋକାନ, ତେଜରାତି ଦୋକାନରେ ବିଭିନ୍ନ ପ୍ରକାର ଉଚ୍ଚ ଶବ୍ଦ ଯୁକ୍ତ ବାଣ ବେଆଇନ ଭାବେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ମାନ୍ୟବର ନ୍ୟାୟାଳୟଙ୍କ ଆଦେଶକୁ ବେଖାତିର କରି ନିଷିଦ୍ଧ କରାଯାଉଥିବା ବାଣ ବିକ୍ରୀକୁ ପୋଲିସ ଦେଖି ମଧ୍ୟ ଅଦେଖା ଭଳି ଅଭିନୟ କରୁଛି। ଏପରିକି, ବାଣ ଜବତ ନାଁରେ ବଟି ଦେଇନଥିବା ଦୋକାନରୁ ବାଣ ସବୁ ଆଣି ପୋଲିସ ନିଜନିଜ ମଧ୍ୟରେ ବାଣ୍ଟି ନେଇଥିବା ନାମ ଗୋପନ ସୂତ୍ରରେ ଜନୈକ କର୍ମଚାରୀ ପ୍ରକାଶ କରିଛନ୍ତି। ବେଆଇନ ବାଣ ତିଆରି ସହ ବିକ୍ରି କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।







Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ  Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ